

ଗଜାନନଂ ଭୂତଗଣାଦି ସେବିତମ୍
କପିତ୍ଥ ଜମ୍ବୁଫଳଚାରୁ ଭକ୍ଷଣମ୍,
ଉମାସୁତଂ ଶୋକ ବିନାଶକାରକମ୍
ନମାମି ବିଘ୍ନେଶ୍ୱର ପାଦପଙ୍କଜମ୍ ॥


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-63 ◆WEDNESDAY ◆27 AUGUST 2025 ◆PAGE-12 ◆₹ 6.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୬୩ ◆ବୁଧବାର ◆୨୭ ଅଗଷ୍ଟ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


ଉପସ୍ଥାପକ

JAY BHARAT FOUNDATION ODISHA



ପ୍ରାୟୋଜକ

BHARAT™ MASALA
*The Taste of New India*

## ଭାରତ ଯେଉଁଠି, ପ୍ରତିଭା ସେଇଠି

# ୨୬ତମ ଭାରତ ପ୍ରତିଭା ସମ୍ମାନ ଏବଂ
# ୨୬ତମ ଭାରତ ମସଲାର ପ୍ରତିଷ୍ଠା ଦିବସ - ୨୦୨୫



ଉଦ୍‌ଘାଟକ
**ଶ୍ରୀଯୁକ୍ତ ପୃଥ୍ୱୀରାଜ ହରିଚନ୍ଦନ**
ମାନ୍ୟବର ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ,
ଓଡ଼ିଶା ସରକାର



ମୁଖ୍ୟ ଅତିଥି
**ଶ୍ରୀଯୁକ୍ତ ଶୁଭାଶିଷ ଖୁଣ୍ଟିଆ**
ମାନ୍ୟବର ସାଂସଦ, ରାଜ୍ୟସଭା



ସମ୍ମାନିତ ଅତିଥି
**ଶ୍ରୀଯୁକ୍ତ ଦେବୀ ରଞ୍ଜନ ତ୍ରିପାଠୀ**
ମାନ୍ୟବର ବାଙ୍କୀ ବିଧାୟକ



ସମ୍ମାନିତ ଅତିଥି
**ଶ୍ରୀମତୀ ସୋଫିଆ ଫିର୍ଦୋଷ**
ମାନ୍ୟବର ବାରବାଟୀ-କଟକ ବିଧାୟିକା



ସମ୍ମାନିତ ଅତିଥି
**ଶ୍ରୀଯୁକ୍ତ ହେମନ୍ତ ଶର୍ମା (ଆଇ.ଏ.ଏସ୍.)**
ମାନ୍ୟବର ଅତିରିକ୍ତ ମୁଖ୍ୟ ସଚିବ, ଶିଳ୍ପ ଏବଂ ଅଣୁ, କ୍ଷୁଦ୍ର
ଓ ମଧ୍ୟମ ଉଦ୍ୟୋଗ ବିଭାଗ, ଓଡ଼ିଶା ସରକାର



ସମ୍ମାନିତ ଅତିଥି
**ପ୍ରଫେସର (ଡା.) ଜୟନ୍ତ କୁମାର ପଣ୍ଡା**
ମାନ୍ୟବର ପ୍ରଫେସର ପି.ଜି. ମେଡିସିନ୍ ବିଭାଗ,
ଏସ୍.ସି.ବି. ମେଡିକାଲ୍ କଲେଜ, କଟକ

## ସମ୍ବର୍ଦ୍ଧିତ ପ୍ରତିଭାବୃନ୍ଦ



ଭାରତ ଗୌରବ ସମ୍ମାନ
**ଶ୍ରୀ ଦୁର୍ଯ୍ୟୋଧନ ମହାନ୍ତି**
(ପୂର୍ବତନ ମୁଖ୍ୟ ଭାରତୀୟ ସେନା ଅଧିକାରୀ)



ସେବା ଭାରତ ସମ୍ମାନ
**ଡ. କେଶବ ଚନ୍ଦ୍ର ଶତପଥୀ**
(ଡି.ଏ.ଭି ସ୍କୁଲ ନିର୍ଦ୍ଦେଶକ, ଓଡିଶା)



କଥା ଭାରତ ସମ୍ମାନ
**ଡ. ଅରବିନ୍ଦ ବେହେରା**
(ଆଇ.ଏ.ଏସ୍.)



ସଂସ୍କୃତି ଭାରତ ସମ୍ମାନ
**ଡ. ଶ୍ୱେତ କୁମାର ଦାଶ**
(ଚଳଚ୍ଚିତ୍ର ନିର୍ମାତା ଏବଂ ନିର୍ଦ୍ଦେଶକ)



କ୍ରୀଡ଼ା ଭାରତ ସମ୍ମାନ
**ଶ୍ରୀ କିଶୋର ଚନ୍ଦ୍ର ଜେନା**
(ଏସିଆନ ରୌପ୍ୟ ବିଜୟୀ)



ବିଦ୍ୟା ଭାରତ ସମ୍ମାନ
**ତପେଶ୍ୱର ବାଗ**
(+୨ ବିଜ୍ଞାନ)



ବିଦ୍ୟା ଭାରତ ସମ୍ମାନ
**ଆର୍ଛି ଚିନ୍ମୟୀ ପ୍ରଧାନ**
(+୨ ବାଣିଜ୍ୟ)



ବିଦ୍ୟା ଭାରତ ସମ୍ମାନ
**ପ୍ରିୟଦର୍ଶିନୀ ଗଡ଼ନାୟକ**
(+୨ କଳା)

ସ୍ଥାନ: ଭାରତ ମସଲା ପରିସର, ରାମଦାସପୁର, କଟକ । ତାରିଖ: ୨୭.୦୮.୨୦୨୫ (ବୁଧବାର), ସମୟ: ଦିବା ୧୧ ଘଟିକା

Required Sales Executive. Both Male and Female can apply at: **info@bharatmasala.in**

**ପାର୍ବଣ ପୂର୍ବରୁ ଯୁବ ଓ ଛାତ୍ର ବିଜେଡିର ନବକଳେବର**

# ଚିନ୍ମୟ ଯୁବ ଓ ଇପ୍‌ସିତା ଛାତ୍ର ସଭାପତି



**ଯୁବ ସଂଗଠନରେ ବ୍ୟୋମକେଶ, ରାଜେନ୍ଦ୍ର, ଅମରେଶ, ସଞ୍ଜିତଙ୍କୁ ସ୍ୱତନ୍ତ୍ର ଦାୟିତ୍ୱ**
**ଛାତ୍ର ସଂଗଠନରେ ଦେବେଶ, ଦେବୀ, ସୁଭାଶିଷ, ସୌଭିକଙ୍କୁ ସ୍ୱତନ୍ତ୍ର ଦାୟିତ୍ୱ**

ଭୁବନେଶ୍ୱର,୨୬।୮ (ସମିସ): ନବକଳେବର ହୋଇଛି ବିଜେଡିର ଦୁଇ ଛାମୁଆ ସଙ୍ଗଠନ ଯୁବ ବିଜେଡି ଓ ଛାତ୍ର ବିଜେଡି। ମଙ୍ଗଳବାର ଦଳର ସଭାପତି ନବୀନ ପଟ୍ଟନାୟକ ଉଭୟ ସଙ୍ଗଠନର ସଭାପତିଙ୍କ ନାମ ଘୋଷଣା କରିଛନ୍ତି । ଛାତ୍ର ଓ ଯୁବ ରାଜନୀତିରେ ଅଭିଜ୍ଞ ଚିନ୍ମୟ ସାହୁଙ୍କୁ ଯୁବ ବିଜେଡି ସଭାପତି ରୂପେ ନିଯୁକ୍ତି ଦିଆଯାଇଥିବାବେଳେ ପ୍ରଥମଥର ପାଇଁ ଛାତ୍ର ବିଜେଡିର ମଙ୍ଗ ଜଣେ ମହିଳା ଯୁବ ନେତ୍ରୀଙ୍କ ଉପରେ ନ୍ୟସ୍ତ କରାଯାଇଛି ।ଏହା ସହିତ ଦୁଇ ସଙ୍ଗଠନର ସାଙ୍ଗଠନିକ ଶକ୍ତି ବୃଦ୍ଧି ଓ ଦିଶା ନିର୍ଦ୍ଦେଶ ନିମନ୍ତେ ଚାରି ଜଣ ଲେଖାଏଁ ଅନୁଭବୀ ତଥା ବରିଷ୍ଠ ନେତାଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ଯୁବ ବିଜେଡି ସଙ୍ଗଠନକୁ ଦୃଢ଼ କରିବା ନିମନ୍ତେ ପୂର୍ବତନ ଯୁବ ସଭାପତି ତଥା ବିଧାୟକ ବ୍ୟୋମକେଶ ରାୟଙ୍କୁ ବରିଷ୍ଠ ସାଧାରଣ ସମ୍ପାଦକ, ଯୁବ ନେତା ତଥା ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁ, ପୂର୍ବତନ ଯୁବ ସଭାପତି ଅମରେଶ ପତ୍ରୀ ଏବଂ ସଞ୍ଜିତ ମହାନ୍ତିଙ୍କୁ ସ୍ୱତନ୍ତ୍ର ଦାୟିତ୍ୱ ପ୍ରଦାନ କରାଯାଇଛି । ଛାତ୍ର ବିଜେଡି ସଙ୍ଗଠନରେ ଦେବେଶ ଆଚାର୍ଯ୍ୟଙ୍କ ବରିଷ୍ଠ ସାଧାରଣ ସମ୍ପାଦକ ଦାୟିତ୍ୱ ପ୍ରଦାନ କରାଯାଇଛି। ଏହା ସହ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ସାଂସଦ ସୁଭାଶିଷ ଖୁଣ୍ଟିଆ ଓ ବିଧାୟକ ସୌଭିକ୍ ବିଶ୍ୱାଳଙ୍କୁ ସାଧାରଣ ସମ୍ପାଦକ ଦାୟିତ୍ୱ ଦିଆଯାଇଛି । ପାର୍ବଣ ପୂର୍ବରୁ ନବୀନ ଉଭୟ ଛାମୁଆ ସଂଗଠନର ନବ କଳେବର କରିଥିବା ବେଳେ ଖୁବଶୀଘ୍ର ଅନ୍ୟ ପଦାଧିକାରୀଙ୍କୁ ମଧ ଦାୟିତ୍ୱ ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି ।

**ଦୁର୍ଦ୍ଦଶା ବଢ଼ାଇଲା ସୁବର୍ଣ୍ଣରେଖା**

# ପାଣିଘେରରେ ୧୧୪ ଗାଁ



ବାଲେଶ୍ୱର,୨୬।୮ (ସମିସ): ଲୋକଙ୍କ ଦୁର୍ଦ୍ଦଶା ବଢ଼ାଉଛି ସୁବର୍ଣ୍ଣରେଖା। ଏହାକୁ ମିଶାଇ କେବଳ ଚଳିତ ବର୍ଷ ସୁବର୍ଣ୍ଣରେଖାରେ ୬ଥର ବନ୍ୟା ଆସିଲାଣି। ବାରମ୍ବାର ବନ୍ୟା ଆସିବା ଦ୍ୱାରା ଧନଜୀବନ ପ୍ରଭାବିତ ହେବା ସହ ଚାଷ ଉଜୁଡ଼ି ଯାଇଛି। ଏପରିକି, ଚଳିତ ବନ୍ୟାରେ ଦୁଇଜଣ ବ୍ୟକ୍ତି ଭାସିଯାଇଥିବା ବେଳେ ଆଜି ସେମାନଙ୍କର ମୃତଦେହ ଉଦ୍ଧାର କରାଯାଇଥିବା ଜଣାପଡ଼ିଛି। ନଦୀର ଜଳସ୍ତର ଏବେ ବି ବିପଦ ସଙ୍କେତ ଉପରେ ରହିଛି। ଆଜି ସଂଧ୍ୟା ସୁଦ୍ଧା ରାଜଘାଟଠାରେ ନଦୀ ଜଳସ୍ତର ୧୦.୬୩ ମିଟର ଉପରେ ପ୍ରବାହିତ ହେଉଛି। ଏଠାରେ ଏହାର ବିପଦ ସଙ୍କେତ ୧୦.୩୬ ମିଟର ରହିଥିବା ବେଳେ ସତର୍କ ସଙ୍କେତ ୯.୪୫ ମିଟର ରହିଛି।

ବିଶେଷକରି ବସ୍ତା, ଜଳେଶ୍ୱର, ଭୋଗରାଇ ଏବଂ ବାଲିଆପାଳ ବ୍ଲକ ବେଶି ପ୍ରଭାବିତ ହୋଇଛି। ଏହି ୪ଟି ବ୍ଲକ୍‌ର ୨୮ ଟି ପଞ୍ଚାୟତର ୧୧୪ଟି ଗାଁରେ ବନ୍ୟାଜଳ ପ୍ରବେଶ କରିଥିବା ବେଳେ ପାଖାପାଖି ୪୦ ହଜାରରୁ ଊର୍ଦ୍ଧ୍ୱ ଲୋକ ପ୍ରଭାବିତ ହୋଇଛନ୍ତି। ପ୍ରଶାସନ ପକ୍ଷରୁ ଲୋକଙ୍କୁ ସ୍ଥାନାନ୍ତର ହାର ବହୁ ନଗଣ୍ୟ ବୋଲି ଜଣାଯାଇଛି। ସେହିପରି ବନ୍ୟା ଯୋଗୁଁ ହେକ୍ଟରହେକ୍ଟର ଜମିରେ ବ୍ୟାପକ ଚାଷ ନଷ୍ଟ ହୋଇଛି। ଏହି ସମସ୍ତ ବ୍ଲକ ପାଇଁ ମୋଟ ୧୧ଟି ଉଦ୍ଧାରକାରୀ ଦଳକୁ ନିୟୋଜିତ କରାଯାଇଥିବା ବେଳେ ୪ଟି ମେଡିକାଲ ଟିମ, ୪ଟି ଭେଟନାରୀ ଟିମ ଏବଂ ୨୨ଟି ବୋଟ ରହିଛି ବୋଲି ଜଣାଯାଇଛି।

ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ କହିଛନ୍ତି ଯେ ଦୁଇ ମାସ ମଧ୍ୟରେ ଭୋଗରାଇରେ ୬ଥର ବନ୍ୟା ଆସିଲାଣି। ବିଶେଷକରି ଗାଲୁଡିହି ଓ ଚାନ୍ଦିନି ଡ୍ୟାମରୁ ପାଣି ଛଡାଯିବା ଫଳରେ ଏଠାରେ ବାରମ୍ବାର ବନ୍ୟା ପରିସ୍ଥିତି ସୃଷ୍ଟି ହେଉଛି। ହେଲେ ପ୍ରଶାସନ ପୂର୍ବରୁ ଲୋକମାନଙ୍କୁ ସତର୍କ କରାଯାଉନାହିଁ। ଲୋକମାନେ ସୂଚନା ପାଇବା ପୂର୍ବରୁ ବନ୍ୟା ଆସିଯାଉଥିବାରୁ ସେମାନେ ଉଚିତ ସମୟରେ ସେମାନଙ୍କର ଧନଜୀବନ ରକ୍ଷା କରିବାକୁ ଅସମର୍ଥ ହୋଇପଡୁଛନ୍ତି। ଲୋକମାନଙ୍କୁ ସୁରକ୍ଷା ଦେବାରେ ଜିଲ୍ଲା ପ୍ରଶାସନ ପୂରା ଫେଲ୍ ମାରିଛି। ଏପରିକି, ପ୍ରଭାବିତ ଲୋକମାନଙ୍କୁ ଠିକ ଭାବେ ପଲିଥିନ୍ ମଧ ଯୋଗାଇ ଦିଆଯାଇପାରୁନାହିଁ। ଜିଲ୍ଲା ପ୍ରଶାସନ ବିଭିନ୍ନ ଆଳ ଦେଖାଇ ପଲିଥିନ ପ୍ରଦାନ କରୁନାହିଁ ବୋଲି ଶ୍ରୀ ଦାସ ଅଭିଯୋଗ କରିଛନ୍ତି।

# ୨୯ ତାରିଖକୁ ଛୁଟି ଘୋଷଣା କଲେ ମୁଖ୍ୟମନ୍ତ୍ରୀ

- ପଶ୍ଚିମ ଓଡ଼ିଶାର ସାଂସ୍କୃତିକ ଐତିହ୍ୟକୁ ସମ୍ମାନ ଦେଇ ନିଷ୍ପତ୍ତି
- ସେପ୍ଟେମ୍ବର ୧୩ ତାରିଖକୁ କାର୍ଯ୍ୟ ଦିବସ ଭାବେ ଘୋଷଣା

ଭୁବନେଶ୍ୱର,୨୬।୮ (ସମିସ): ଆସନ୍ତା ୨୯ ତାରିଖ(ଶୁକ୍ରବାର)କୁ ସରକାରୀ ଛୁଟି ଭାବେ ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ୨୯ ତାରିଖ ନୂଆଖାଇର ପରଦିନ। ପଶ୍ଚିମ ଓଡ଼ିଶାର ସାଂସ୍କୃତିକ ଐତିହ୍ୟକୁ ସମ୍ମାନ ଦେଇ ମୁଖ୍ୟମନ୍ତ୍ରୀ ଉପରୋକ୍ତ ନିଷ୍ପତ୍ତି ନେଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ଏହା ପରିବର୍ତ୍ତେ ସେପ୍ଟେମ୍ବର ୧୩ତାରିଖ (ଦ୍ୱିତୀୟ ଶନିବାର)କୁ କାର୍ଯ୍ୟ ଦିବସ ଭାବେ ଘୋଷଣା କରାଯାଇଛି। ଏନେଇ ରାଜସ୍ୱ ବିଭାଗ ପକ୍ଷରୁ ମଧ୍ୟ ବିଜ୍ଞପ୍ତି ପ୍ରକାଶ ପାଇଛି।

ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ପ୍ରେସ୍ ବିଜ୍ଞପ୍ତି ଅନୁଯାୟୀ, କୃଷିଭିତ୍ତିକ ଗଣପର୍ବ ନୂଆଖାଇ ଅବସରରେ ପ୍ରତିବର୍ଷ ଛୁଟି ଘୋଷଣା କରାଯାଇଥାଏ। ଚଳିତବର୍ଷ ଅଗଷ୍ଟ ୨୯କୁ ଛୁଟି ଘୋଷଣା କରାଯାଇଛି। ତେବେ ନୂଆଖାଇ ପରଦିନ ମଧ ପଶ୍ଚିମ ଓଡ଼ିଶାବାସୀଙ୍କ ପାଇଁ ଖୁବ୍ ଗୁରୁତ୍ୱପୂର୍ଣ୍ଣ। ସେ ଦିନ ଆତ୍ମୀୟସ୍ୱଜନମାନେ ପରସ୍ପର ସହ ସାକ୍ଷାତ କରି 'ନୂଆଖାଇ ଜୁହାର' କରନ୍ତି ଏବଂ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗ ନିଅନ୍ତି। ପାରିବାରିକ, ସାମାଜିକ ଓ ସାଂସ୍କୃତିକ ଐତିହ୍ୟକୁ ସୁରକ୍ଷିତ କରିବା ଦିଗରେ ଏହା ଏକ ମହତ୍ୱପୂର୍ଣ୍ଣ ଦିନ। ଏହାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ୨୯ ତାରିଖକୁ ସମସ୍ତ ସରକାରୀ କାର୍ଯ୍ୟାଳୟ ତଥା ମାଜିଷ୍ଟ୍ରେରିଆଲ କୋର୍ଟ (କାର୍ଯ୍ୟନିର୍ବାହୀ) ପାଇଁ ଛୁଟି ଘୋଷଣା କରିଛନ୍ତି। ସମାନ ଭାବେ ଉଚ୍ଚଶିକ୍ଷା ଏବଂ ଗଣଶିକ୍ଷା ବିଭାଗ ପକ୍ଷରୁ ମଧ ଶୁକ୍ରବାରକୁ ସରକାରୀ ଛୁଟି ଭାବେ ଘୋଷଣା କରାଯାଇଛି।

# '୫-ଟି' ଓ 'ମୋ ସରକାର' ବ୍ୟବସ୍ଥାର କପି ପେଷ୍ଟ 'ଆମ ଶାସନ': ବିଜେଡି



- '୫-ଟି ଓ ମୋ ସରକାର' ବ୍ୟବସ୍ଥାର ଉପାଦେୟତାକୁ ବିଜେପି ସ୍ୱୀକାର କରିଛି
- ଆମ ଶାସନକୁ ମିଶାଇ ୨୫ ଯୋଜନାର ନାମ ପରିବର୍ତ୍ତନ କରି ଲାଗୁ ହୋଇଛି

ଭୁବନେଶ୍ୱର,୨୬।୮ (ସମିସ): ରାଜ୍ୟ ସରକାରଙ୍କ ଦ୍ୱାରା ଆଜି ଆରମ୍ଭ କରାଯାଇଥିବା 'ଆମ ଶାସନ' ବ୍ୟବସ୍ଥା ପୂର୍ବ ସରକାରଙ୍କ ଦ୍ୱାରା ୨୦୧୯ ମସିହାରୁ କାର୍ଯ୍ୟକାରୀ ହୋଇ ଆସୁଥିବା '୫-ଟି' ଓ 'ମୋ ସରକାର' ବ୍ୟବସ୍ଥାର କପି ପେଷ୍ଟ। ବିରୋଧୀ ଦଳର ଦାୟିତ୍ୱ ନିର୍ବାହ କରିବା ସମୟରେ ବିଜେପି ଏହି ବ୍ୟବସ୍ଥାକୁ ସମାଲୋଚନା କରି ଆସୁଥିଲା। ତେବେ ସରକାରକୁ ଆସିବାର ୧୪ ମାସ ପରେ ସମାନ ବ୍ୟବସ୍ଥାକୁ କେବଳ ନାମ ପରିବର୍ତ୍ତନ କରି ଲାଗୁ କରିଛି ଏବଂ '୫-ଟି ଓ ମୋ ସରକାର' ବ୍ୟବସ୍ଥାର ଉପାଦେୟତାକୁ ବିଜେପି ସରକାର ସ୍ୱୀକାର କରିଛି ବୋଲି କହିଛି ବିଜେଡି ।

ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ତଥା ଦଳର ଉପସଭାପତି ଅତନୁ ସବ୍ୟସାଚୀ ନାୟକ କହିଛନ୍ତି ଯେ ପୂର୍ବ ସରକାରଙ୍କ ଦ୍ୱାରା ପ୍ରଣୟନ କରାଯାଇଥିବା ଅନେକ ଲୋକପ୍ରିୟ ଯୋଜନାକୁ କେବଳ ନାମ ପରିବର୍ତ୍ତନ କରି ଓ ପୂର୍ବ ସରକାରଙ୍କ ଦ୍ୱାରା ସମ୍ପୂର୍ଣ୍ଣ ହୋଇଥିବା ସରକାରୀ ଭବନ ଗୁଡିକର ରଙ୍ଗ ପରିବର୍ତ୍ତନ କରିବା ପ୍ରାଥମିକତା ହୋଇଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ପ୍ରଣୟନ କରାଯାଇଥିବା ବିଭିନ୍ନ ଯୋଜନା ଗୁଡିକ ଭିତରୁ ୨୪ଟି ଯୋଜନାର ନାମ ପୂର୍ବରୁ ହୋଇସାରିଥିଲା ଓ ଆଜି ଆରମ୍ଭ ହୋଇଥିବା 'ଆମ ଶାସନ' ବ୍ୟବସ୍ଥା ପରେ ଏହି ସଂଖ୍ୟା ୨୫କୁ ଛୁଇଁଲା। ନବୀନ ପଟ୍ଟନାୟକଙ୍କ ଦ୍ୱାରା ୨୦୧୯ ମସିହା ଗାନ୍ଧୀ ଜୟନ୍ତୀ ଦିନ ଆରମ୍ଭ ହୋଇଥିବା '୫-ଟି' ମୋ ସରକାର ବ୍ୟବସ୍ଥା ଜାତୀୟସ୍ତରରେ ବହୁ ପ୍ରଶଂସିତ ହୋଇଥିଲା। କେନ୍ଦ୍ର ସରକାରଙ୍କ ସଂସ୍ଥା ନୀତି ଆୟୋଗ ଏହାକୁ ପ୍ରଶଂସା କରିଥିବା ବେଳେ ତତ୍କାଳୀନ କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ ଏହାକୁ ପ୍ରଶଂସା କରିବା ସହିତ ଏହି ବ୍ୟବସ୍ଥାକୁ ଅନ୍ୟ ରାଜ୍ୟମାନେ ମଧ ଲାଗୁ କରିବା ଦରକାର ବୋଲି କହିଥିଲେ। କେନ୍ଦ୍ର ସରକାରଙ୍କ ସୁଶାସନ ଇଣ୍ଡେକ୍ସ ଓ ପ୍ରଧାନମନ୍ତ୍ରୀଙ୍କ ଅଫିସ ମଧ ଓଡ଼ିଶାର ଏହି ବ୍ୟବସ୍ଥାକୁ ପ୍ରଶଂସା କରିଥିଲେ; କିନ୍ତୁ ରାଜ୍ୟର ବିଜେପି ନେତା ମାନେ ଏହାକୁ ରାଜନୀତି କରି ସମାଲୋଚନା କରି ଆସୁଥିଲେ। ବର୍ତ୍ତମାନ କେବଳ ନାମ ପରିବର୍ତ୍ତନ କରି ସମାନ ବ୍ୟବସ୍ଥାକୁ ଲାଗୁ କରାଯାଇଛି। କେବଳ ନାମ ପରିବର୍ତ୍ତନ କରି ଏହାକୁ ଲାଗୁ କରିବା, ଖଡା ବଡି ଥୋଡ ନା ଥୋଡ ବଡି ଖଡା ସଦୃଶ୍ୟ ହୋଇଛି। ନାମ ବଦଳେଇ ବିଭିନ୍ନ ଯୋଜନାକୁ ରାଜ୍ୟ ସରକାର ଲାଗୁ କରିଥିଲେ ହେଁ, ଫିଡବ୍ୟାକ ବ୍ୟବସ୍ଥାର ଅନୁପସ୍ଥିତ କାରଣରୁ ଏହି ଯୋଜନା ଗୁଡିକ ଅନ୍ତସାର ଶୂନ୍ୟ ହୋଇଯାଇଛି । ଜନସାଧାରଣ ଏହାର ସୁଫଳ ପାଇପାରୁ ନାହାନ୍ତି । ରାଜ୍ୟ ସରକାରଙ୍କ କାର୍ଯ୍ୟ କେବଳ କପି ପେଷ୍ଟରେ ସୀମିତ ହୋଇ ରହିଯାଇଛି।

## ବନ୍ୟା ପାଣିରେ ଭାସିଗଲେ ଛାତ୍ର

ଦଶରଥପୁର,୨୬।୮ (ସମିସ): କାଣୀ ନଦୀରେ ଘାଇ ଯୋଗୁ ସୃଷ୍ଟି ହୋଇଥିବା ବନ୍ୟାରେ ଆଜି ଜଣେ କଲେଜ ଛାତ୍ର ଭାସି ନିଖୋଜ ହୋଇଯାଇଛନ୍ତି। ସେ ହେଲେ, ନିଖୋଜ ଛାତ୍ର ଦଶରଥପୁର ବ୍ଲକ ମଲ୍ଲିକାପୁର ପଞ୍ଚାୟତ ୮ୱାର୍ଡର ମନ୍ମଥ ରଣାଙ୍କ ପୁଅ ମଦନ ମୋହନ ରଣା(୨୦)। ମଲ୍ଲିକାପୁର-ବଉଳାଙ୍ଗ ରାସ୍ତାର କେନ୍ଦୁଆ ନାଳ ଉପରେ ଥିବା ପୋଲ ତଳକୁ ଶୌଚ ହେବାକୁ ଯାଇଥିବା ବେଳେ ମଦନଙ୍କ ଗୋଡ଼ ଖସିଯିବାରୁ ସେ ବନ୍ୟାରେ ଭାସି ଯାଇଥିଲେ। ଖବର ପାଇ ସ୍ଥାନୀୟ ଲୋକେ ଏବଂ ଓଡ୍ରାଫ ଟିମ୍‌ର ଦୁଇଟି ବୋଟ୍ ଓ ବୁଡାଳି ଦଳ ମଦନଙ୍କୁ ଠାବ କରିବା ପାଇଁ ଉଦ୍ୟମ ଜାରି ରଖିଥିଲେ ମଧ ତାଙ୍କର କୌଣସି ପତ୍ତା ମିଳିପାରିନାହିଁ।

## ହସ୍‌ପିଟାଲ ଛାତରୁ ଖସି ରୋଗୀ ମୃତ

ରାଉରକେଲା,୨୬।୮ (ସମିସ):ସୁନ୍ଦରଗଡ଼ ଏନ୍‌ଟିପିସି ହସ୍‌ପିଟାଲର ୩ ମହଲା ଛାତରୁ ଖସି ଜଣେ ରୋଗୀଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ହେଲେ, ଅନୀଲ ସୋରେଙ୍ଗ(୨୮)। ସେ ସୁନ୍ଦରଗଡ଼ ସଦର ଥାନା ଅନ୍ତର୍ଗତ ଦଇନିଡିହ ଗାଁ ନିବାସୀ ପିୟାନା ସୋରେଙ୍ଗଙ୍କ ପୁଅ। ସେ ବାତରୋଗରେ ପୀଡ଼ିତ ଥିଲେ। ଆଜି ସକାଳେ ସେ ବାଲକୋନୀରେ ଛିଡ଼ା ହୋଇଥିବା ବେଳେ ହଠାତ ତଳକୁ ଖସି ପଡ଼ିଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି।

# ବିଧାନସଭାରେ ୩୦୦୦ରୁ ଅଧିକ ପଦ ଖାଲି

- ଦୀର୍ଘ ବର୍ଷରୁ ହୋଇନାହିଁ ନିଯୁକ୍ତି
- ପ୍ରକ୍ରିୟା ଆରମ୍ଭ କରିବାକୁ ଆଶାୟୀଙ୍କ ଦାବି

ଭୁବନେଶ୍ୱର, ୨୬।୮ (ସମିସ): ଓଡ଼ିଶା ବିଧାନସଭାରେ ବହୁ ମଞ୍ଜୁରୀପ୍ରାପ୍ତ ସରକାରୀ ପଦ ଖାଲି ପଡ଼ିଛି। ଦୀର୍ଘ ବର୍ଷ ହେଲା କୌଣସି ନୂତନ ନିଯୁକ୍ତି ହେଉନାହିଁ। କିଛି ଆଉଟ୍‌ସୋର୍ସିଂ କର୍ମଚାରୀଙ୍କୁ ନିଯୁକ୍ତ କରି କାମ ଚଳାଯାଉଛି। ଫଳରେ ପ୍ରଶାସନିକ ଓ ସମ୍ବିଧାନିକ କାର୍ଯ୍ୟ ଗୁରୁତର ଭାବେ ପ୍ରଭାବିତ ହେଉଛି। ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ବିଭିନ୍ନ ବିଭାଗରେ ଫାଙ୍କା ଥିବା ପଦର ତଥ୍ୟ ଦେବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ହେଲେ, ବିଧାନସଭାରେ ଖାଲି ଥିବା ପ୍ରାୟ ୩ ହଜାର ପଦ ସମ୍ପର୍କରେ କୌଣସି ପଦକ୍ଷେପ ନିଆଯାଉ ନଥିବାରୁ ଆଶାୟୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

ସୂଚନା ଅଧିକାର ଆଇନରେ ମିଳିଥିବା ତଥ୍ୟ ଅନୁସାରେ, ୨୦୨୦ ମସିହା ପର୍ଯ୍ୟନ୍ତ ପ୍ରାୟ ୨୭୭ ଗ୍ରୁପ୍-ଏ ପଦ ଖାଲି ପଡ଼ିଛି। ସେହିପରି ୪୮୭ଟି ଗ୍ରୁପ୍-ବି, ୧୧୯୬ଟି ଗ୍ରୁପ୍-ସି ଏବଂ ୬୧୫ଟି ଗ୍ରୁପ୍-ଡି ପଦରେ ନିୟମିତ କର୍ମଚାରୀ ନାହାନ୍ତି। ଏହି ଅବଧି ମଧ୍ୟରେ ମୋଟ୍ ୨୫୭୫ ପଦ ଫାଙ୍କା ହୋଇଥିବା ବେଳେ ସମ୍ପ୍ରତି ଆହୁରି ୬ଶହରୁ ଅଧିକ ପଦରୁ ଅଧିକାରୀ ଓ କର୍ମଚାରୀମାନେ ଅବସର ନେଇସାରିଥିବା ଜଣାପଡ଼ିଛି। ଅପରପକ୍ଷେ, ଏହି ସମୟ ଅବଧି ମଧ୍ୟରେ ମାତ୍ର ୭୧ଜଣଙ୍କୁ ନିଯୁକ୍ତି ମିଳିଛି। ତନ୍ମଧ୍ୟରେ କେବଳ ଗ୍ରୁପ୍-ଡି ପଦରେ ୩୫ ଓ ଗ୍ରୁପ୍-ସିରେ ୩୪ ଜଣ ନିଯୁକ୍ତି ପାଇଥିବା ବେଳେ ଗ୍ରୁପ୍-ବି ପଦରେ ମାତ୍ର ୨ଜଣ ଏବଂ ଗ୍ରୁପ୍-ଏ ପଦରେ କାହାକୁ ନିଯୁକ୍ତି ଦିଆଯାଇନାହିଁ।

ବହୁ ସଂଖ୍ୟାରେ ସରକାରୀ ପଦ ଖାଲି ଥିବା ବେଳେ ତହିଁରେ ନିଯୁକ୍ତି ଦେବାକୁ ସରକାର କୌଣସି ପଦକ୍ଷେପ ନ ନେବା ଆଶାୟୀଙ୍କୁ ନିରାଶ କରୁଛି। ଆଶାୟୀଙ୍କ କହିବା କଥା, ରାଜ୍ୟ ସରକାର ୫ ବର୍ଷରେ ଦେଢ଼ଲକ୍ଷ ଚାକିରି ଦେବାକୁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ଏପରିକି, ପ୍ରଥମ ଦୁଇବର୍ଷରେ ୬୫ ହଜାର ନିଯୁକ୍ତି ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଏଥିପାଇଁ ବିଭିନ୍ନ ବିଭାଗରେ ଖାଲି ଥିବା ପଦ ସମ୍ପର୍କରେ ତଥ୍ୟ ଦେବାକୁ ସମସ୍ତ ବିଭାଗକୁ ନିର୍ଦ୍ଦେଶ ମଧ ଦିଆଯାଇଛି। ଇତିମଧ୍ୟରେ ବହୁ ବିଭାଗ ସେମାନଙ୍କ ଖାଲି ପଦ ସମ୍ପର୍କରେ ତଥ୍ୟ ପ୍ରଦାନ କରିଥିବା ବେଳେ ବିଧାନସଭାରେ ଖାଲିଥିବା ପଦ ପୂରଣ ସମ୍ପର୍କରେ କୌଣସି ପଦକ୍ଷେପ ନିଆଯାଇନାହିଁ। ଏଣୁ ମୁଖ୍ୟମନ୍ତ୍ରୀ ଓ ମୁଖ୍ୟ ସଚିବଙ୍କୁ ଚିଠି ଲେଖି ବିଭିନ୍ନ ସରକାରୀ ଓ ସାମ୍ବିଧାନିକ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ଖାଲି ପଦରେ ନିଯୁକ୍ତି ଦେବାକୁ ଆଶାୟୀ ସୁନୀଲ କୁମାର ମିଶ୍ର, ସୁଧାଂଶୁ ସେଖର ଜେନା, ରାଜଶେଖର ସେନାପତି, ଶୁଭ୍ରଜିତ୍ ସାହୁ ପ୍ରମୁଖ ଦାବି କରିଛନ୍ତି।

## ବଜ୍ରପାତରେ ନଣନ୍ଦ-ଭାଉଜ ସମେତ ୩ ମୃତ

ଛତ୍ରପୁର, ୨୬।୮ (ସମିସ): ଛତ୍ରପୁର ଓ ଗଞ୍ଜାମ ବ୍ଲକ୍ ଅଞ୍ଚଳରେ ମଙ୍ଗଳବାର ବଜ୍ରପାତରେ ୩ ମହିଳାଙ୍କ ମୃତ୍ୟୁ ଘଟିଛି। ଛତ୍ରପୁର ବ୍ଲକ ଅନ୍ତର୍ଗତ ସରଭୀମପୁର ଗ୍ରାମରେ ବିଲରେ କାମ କରୁଥିବା ବେଳେ ହଠାତ ବଜ୍ରପାତ ହୋଇଥିଲା। ଫଳରେ କୁନି ଗୌଡ଼ ଓ ନିରୁପମା ଗୌଡ଼ଙ୍କ ମୃତ୍ୟୁ ଘଟିଥିଲା। ଉଭୟ ନଣନ୍ଦ ଓ ଭାଉଜ ବୋଲି ଜଣାପଡ଼ିଛି। ସେମାନଙ୍କୁ ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ସେହିପରି ଗଞ୍ଜାମ ବ୍ଲକ ଅନ୍ତର୍ଗତ ରାଉଳିବନ୍ଧ ଗ୍ରାମର ମିନି ଗୌଡ଼ ମଧ ବିଲରେ ଧାନ ରୋଇବା ବେଳେ ବର୍ଷା ସହ ବଜ୍ରପାତ ହୋଇଥିଲା। ଘଟଣାସ୍ଥଳରେ ସେ ଟଳିପଡ଼ିଥିଲେ। ତାଙ୍କୁ ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟକୁ ନିଆଯାଇଥିବା ବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଅନ୍ୟପଟେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ଛତ୍ରପୁର ମେଡିକାଲରେ ପହଞ୍ଚି ମୃତକଙ୍କ ପରିବାରକୁ ସମବେଦନା ଜଣାଇବା ସହ ସରକାରଙ୍କ ପକ୍ଷରୁ ତୁରନ୍ତ କ୍ଷତିପୂରଣ ପ୍ରଦାନ ଲାଗି ଚେଷ୍ଟା କରିବେ ବୋଲି କହିଥିଲେ।

# ଚମ୍ପା ରାସପେଦାଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସମ୍ବର୍ଦ୍ଧନା

ଭୁବନେଶ୍ୱର, ୨୬।୮ (ସମିସ): ବିଶେଷ ଅନୁନ୍ନତ ଜନଜାତି ସମୁଦାୟ (ପିଭିଟିଜି) ଶ୍ରେଣୀଭୁକ୍ତ ଦିଦାୟୀ ଜନଜାତିର ପ୍ରଥମ ଝିଅ ଭାବେ ଡାକ୍ତରୀ ପଢ଼ିବା ପାଇଁ ମନୋନୀତ ଥିବା ଚମ୍ପା ରାସପେଦାଙ୍କୁ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମ୍ବର୍ଦ୍ଧିତ କରିଛନ୍ତି। ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ଉପହାର ଭାବେ ଏକ ଲାପଟପ୍ ଦେଇଛନ୍ତି। ଏହାସହ ଭଲ ପାଠ ପଢ଼ି ଜଣେ ଉତ୍ତମ ଡାକ୍ତର ଭାବେ ଲୋକଙ୍କ ସେବା କରିବାକୁ ପ୍ରୋତ୍ସାହିତ କରିଛନ୍ତି। ଅପରପକ୍ଷେ, ମୁଖ୍ୟମନ୍ତ୍ରୀଙ୍କ ପ୍ରେରଣା ଓ ପରାମର୍ଶ ପାଠ ପଢ଼ିବାକୁ ସର୍ବଦା ପ୍ରୋତ୍ସାହିତ କରିବ ବୋଲି ନିଜ ପ୍ରତିକ୍ରିୟାରେ ଚମ୍ପା କହିଛନ୍ତି।



ସୂଚନାଯୋଗ୍ୟ, ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ୍‌ର ଆମ୍ଲିବେଡ଼ା ଗ୍ରାମର ଚମ୍ପା ପ୍ରଥମ ଦିଦାୟୀ ସମ୍ପ୍ରଦାୟର ପ୍ରଥମ ଡାକ୍ତରୀ ଛାତ୍ରୀ ଭାବେ ବାଲେଶ୍ୱରସ୍ଥିତ ଫକୀରମୋହନ ମେଡିକାଲ କଲେଜ ଏବଂ ହସ୍ପିଟାଲରେ ପାଠ ପଢ଼ିବେ। ତାଙ୍କ ବାପା ଲଚମୁ ରାସପେଦା ଚାଷ କାର୍ଯ୍ୟ କରୁଥିବା ବେଳେ ମା' ଗୃହିଣୀ। ଏକ ସାଧାରଣ ଆଦିବାସୀ ଚାଷୀ ପରିବାରରୁ ଆସୁଥିବା ଚମ୍ପା ଦୃଢ଼ ନିଷ୍ଠା ବଳରେ ସଫଳତା ପାଇଛନ୍ତି। ସେ ଖଇରପୁଟ ବ୍ଲକ୍ ନନ୍ଦିନୀଗୁଡ଼ାସ୍ଥିତ ପିଭିଟିଜି ବାଳିକା ଶିକ୍ଷା ବିଦ୍ୟାଳୟରୁ ଶିକ୍ଷାରମ୍ଭ କରିବା ପରେ ଚିତ୍ରକୋଣ୍ଡାସ୍ଥିତ ଏସ୍‌ଏସ୍‌ଡି ବାଳିକା ଉଚ୍ଚ ବିଦ୍ୟାଳୟରୁ ଦଶମ ଓ ଗୋବିନ୍ଦପାଲି ଏସ୍‌ଏସ୍‌ଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ ୨୦୨୧ରେ ଯୁକ୍ତଦୁଇ ବିଜ୍ଞାନରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଆର୍ଥିକ ଅନଟନ ଉଚ୍ଚଶିକ୍ଷାରେ ଡୋରି ବାନ୍ଧିଦେବା ପରେ ନିଜର ଦୃଢ଼ ଇଚ୍ଛାଶକ୍ତି ବଳରେ ସେ ଡାକ୍ତର ହେବାର ସ୍ୱପ୍ନକୁ ସାକାର କରିଛନ୍ତି।

# ରାସ୍ତା ଉପରେ ଦୁଇଘଣ୍ଟା ହାତୀପଲ



**ଏକର ଏକର ଫସଲ ନଷ୍ଟ କଲେ**

ଅନୁଗୋଳ, ୨୬।୮ (ସମିସ): ଅନୁଗୋଳ ବନଖଣ୍ଡର ଶାବଳଭଙ୍ଗା ଗ୍ରାମରେ ହାତୀ ଉପଦ୍ରବ ଦେଖିବାକୁ ମିଳିଛି। ଭୋର୍ ପ୍ରାୟ ୪ଟାରେ ୧୭ଘରିଆ ଏକ ହାତୀପଲ ଗାଁ ଶିବମନ୍ଦିର ନିକଟରେ ଥିବା କିଛି ବିଲରେ ଧାନ ତଳି ଖାଉଥିଲେ। ସକାଳ ହେବାରୁ ସେମାନେ ମନ୍ଦରଗିରି ଜଙ୍ଗଲକୁ ଫେରିବା ପାଇଁ ଅନୁଗୋଳ-ବନ୍ତଲା ରାସ୍ତା ପାର୍ ହୋଇଥିଲେ। କିନ୍ତୁ ରାସ୍ତାକଡ଼ରେ ଦିଆଯାଇଥିବା ସୋଲାର୍ ତାର କାରଣରୁ ସେମାନେ ଅପରପାର୍ଶ୍ୱକୁ ଯାଇ ପାରିନଥିଲା। ଫଳରେ ପ୍ରାୟ ଦୁଇ ଘଣ୍ଟା ଧରି ସେମାନେ ରାସ୍ତାପାର୍ଶ୍ୱରେ ଛିଡ଼ା ହୋଇ ରହିଥିଲେ। ଏଥିଯୋଗୁଁ ରାସ୍ତାରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଅପରପକ୍ଷେ, ହାତୀପଲଙ୍କୁ ଦେଖିବାକୁ ଶହଶହ ଲୋକଙ୍କ ଭିଡ଼ ଜମିଥିଲା।

କିଛି ଦିନ ହେଲା, ହାତୀପଲ ପାଚିଲା ତାଳ ଖାଇବା ଉଦ୍ଦେଶ୍ୟରେ ଜଙ୍ଗଲ ଛାଡ଼ି ଗାଁ ପାଖାପାଖି ଚାଲି ଆସିଛନ୍ତି। ତାଳ ଖାଇବା ସହ ଧାନ ଫସଲକୁ ମଧ ନଷ୍ଟ କରୁଛନ୍ତି। ଏକରଏକର ଜମିରେ ଧାନ ଫସଲ ଖାଇବା ସହ ଗୋଡ଼ରେ ଦଳି ନଷ୍ଟ କରି ଦେଉଛନ୍ତି। ହାତୀ ଉପଦ୍ରବ ବଢୁଥିବା କାରଣରୁ ହାତୀପଲଙ୍କୁ ଅଞ୍ଚଳରୁ ଘଉଡ଼ାଇବାକୁ ସ୍ଥାନୀୟ ଚାଷୀଙ୍କ ସମେତ ବିଭିନ୍ନ ସାମାଜିକ ଅନୁଷ୍ଠାନ ପକ୍ଷରୁ ବାରମ୍ବାର ବନବିଭାଗ ତଥା ଜିଲ୍ଲା ପ୍ରଶାସନକୁ ଅଭିଯୋଗ କରାଯାଉଥିଲେ ସୁଦ୍ଧା ପ୍ରଶାସନ ପକ୍ଷରୁ ଏଥିପ୍ରତି ଦୃଷ୍ଟି ଦେଉ ନଥିବା ସ୍ଥାନୀୟବାସୀ ଅଭିଯୋଗ ଆଣିଛନ୍ତି।

# ଗଠନ ହେଲା ଶ୍ରୀମନ୍ଦିର ପରିଚାଳନା କମିଟି

**୧୦ ମନୋନୀତ ସଦସ୍ୟଙ୍କ ନାଁରେ ବାଜିଲା ମୋହର**

ପୁରୀ,୨୬।୮ (ସମିସ): ଦୀର୍ଘ ବର୍ଷେ ୧୩ ଦିନ ପରେ ଗଠନ ହୋଇଛି ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟି। ଫଳରେ ନୂଆ କମିଟିକୁ ନେଇ ଯେଉଁ ଆଶା ଆଶଙ୍କା ଲାଗିରହିଥିଲା ସେଥିରେ ପୂର୍ଣ୍ଣଚ୍ଛେଦ ପଡ଼ିଛି। ରାଜ୍ୟ ସରକାରଙ୍କ ଆଇନ ବିଭାଗ ପକ୍ଷରୁ ମଙ୍ଗଳବାର ଏ ସଂକ୍ରାନ୍ତରେ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଜ୍ଞପ୍ତିରେ କମିଟିର ମନୋନୀତ ୧୦ ସଦସ୍ୟଙ୍କ ନାଁରେ ମୋହର ମାରିଛନ୍ତି ରାଜ୍ୟ ସରକାର। ମନୋନୀତ ସଦସ୍ୟଙ୍କ ମଧ୍ୟରେ ଅଧିକ ନୂଆମୁହଁ ରହିଛନ୍ତି। ଶ୍ରୀମନ୍ଦିର ପରିଚାଳନା ପାଇଁ ୮ ନୂଆମୁହଁଙ୍କୁ ନିଆଯାଇଥିବା ବେଳେ ୨ ଜଣ ପୁରୁଣା ମୁହଁଙ୍କୁ ପୁଣି ସୁଯୋଗ ଦିଆଯାଇଛି।

ବିଜ୍ଞପ୍ତି ଅନୁଯାୟୀ, କମିଟିରେ ମୁକ୍ତିମଣ୍ଡପ ପକ୍ଷରୁ ଦେଉଳ ପୁରୋହିତ ଡ. ସିଦ୍ଧେଶ୍ୱର ମହାପାତ୍ରଙ୍କୁ ନିଆଯାଇଛି। ସେହିପରି ୫ ସେବାୟତ ନିଯୋଗ ପକ୍ଷରୁ ପୂଜାପଣ୍ଡା ନିଯୋଗରୁ ଜଗନ୍ନାଥ ପୂଜାପଣ୍ଡା, ପୁଷ୍ପାଳକ ନିଯୋଗରୁ ମଧୁସୂଦନ ସିଂହାରୀ, ପ୍ରତିହାରୀ ନିଯୋଗରୁ ରାମନାରାୟଣ ଗୋଛିକାର, ସୁଆର ମହାସୁଆର ନିଯୋଗରୁ କୃଷ୍ଣଚନ୍ଦ୍ର ସାମନ୍ତରାୟ ଏବଂ ଦଇତାପତି ନିଯୋଗରୁ ଗଣେଶ ଦାସମହାପାତ୍ର ସ୍ଥାନ ପାଇଛନ୍ତି। ସେହିପରି ମଠାଧୀଶଙ୍କ ପକ୍ଷରୁ ବଳରାମ କୋଟ ମଠ ମହନ୍ତ ରଘୁବୀର ଦାସ ମହାରାଜ, ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଭାବେ ଏ.କେ. ସାବତ କମିଟିରେ ସ୍ଥାନ ପାଇଥିବା ବେଳେ, ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିଥିବା ଦୁଇ ବୁଦ୍ଧିଜୀବୀ ଭାବେ ପୂର୍ବତନ ସିଏଜି ଡ. ଗିରୀଶ ଚନ୍ଦ୍ର ମୁର୍ମୁ ଏବଂ ସଂସ୍କୃତି ଗବେଷକ ମହେଶ କୁମାର ସାହୁ ସ୍ଥାନ ପାଇଛନ୍ତି।

## ବର୍ଷେ ପରେ ନୂଆ କମିଟି, ୮ ନୂଆମୁହଁ

ପରିଚାଳନା କମିଟିରେ ସ୍ଥାନ ପାଇଥିବା ୫ ସେବାୟତ ପ୍ରତିନିଧି ହେଉଛନ୍ତି ନୂଆମୁହଁ। ସେହିପରି ମୁକ୍ତିମଣ୍ଡପରୁ ଡ. ସିଦ୍ଧେଶ୍ୱର ମହାପାତ୍ର ପୂର୍ବରୁ ପରିଚାଳନା କମିଟି ସଦସ୍ୟ ରହିଥିଲେ। ତାଙ୍କୁ ପୁଣିଥରେ ସୁଯୋଗ ମିଳିଛି। ମଠାଧୀଶଙ୍କ ପକ୍ଷରୁ ପ୍ରତିନିଧିତ୍ୱ କରିବା ପାଇଁ ମହନ୍ତ ରଘୁବୀର ଦାସ ମହାରାଜଙ୍କୁ ପ୍ରଥମଥର ସୁଯୋଗ ମିଳିଛି। ସେହିପରି କମିଟିରେ ସ୍ଥାନ ପାଇଥିବା ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଏ.କେ. ସାବତ ପୂର୍ବରୁ ସଦସ୍ୟ ରହି ସାରିଥିବା ବେଳେ ୨ ବୁଦ୍ଧିଜୀବୀ ହେଉଛନ୍ତି ନୂଆମୁହଁ। ତେଣୁ ୧୦ ମନୋନୀତ ସଦସ୍ୟଙ୍କ ମଧ୍ୟରୁ ୮ ନୂଆମୁହଁ ହୋଇଥିବା ବେଳେ ୨ ଜଣ ପୁରୁଣା ସଦସ୍ୟଙ୍କୁ ପୁଣି ସୁଯୋଗ ଦିଆଯାଇଛି। ଅନ୍ୟପକ୍ଷରେ ୨୦୨୧ ଅଗଷ୍ଟ ୧୨ରେ ଗଠିତ ପରିଚାଳନା କମିଟିର ତିନିବର୍ଷିଆ କାର୍ଯ୍ୟକାଳ ଗତ ଅଗଷ୍ଟ ୧୧ ତାରିଖରେ ଶେଷ ହୋଇଥିଲା। ପୁରୁଣା କମିଟି କାର୍ଯ୍ୟକାଳ ପୂରିବାର ବର୍ଷେ ପରେ ପରିଚାଳନା କମିଟି ପୁନର୍ଗଠିତ ହୋଇଛି ।

ସୂଚନାଥାଉ କି, ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ସଂଖ୍ୟା ୧୮ । ଏହାର ସ୍ଥାୟୀ ଅଧ୍ୟକ୍ଷ ଗଜପତି ମହାରାଜା ରହିଥିବାବେଳେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ର୍‍ୟାଙ୍କର ଜଣେ ଅଧିକାରୀ କାର୍ଯ୍ୟକାରୀ ଅଧ୍ୟକ୍ଷ, ସଚିବ ର୍‍ୟାଙ୍କର ଜଣେ ଅଧିକାରୀ ମୁଖ୍ୟ ପ୍ରଶାସକ, ଜିଲ୍ଲାପାଳ ଉପମୁଖ୍ୟ ପ୍ରଶାସକ, ଆଇନ ବିଭାଗର ଅତିରିକ୍ତ ସଚିବ, ଦେବୋତ୍ତର କମିଶନର, ଏସ୍‌ପି ଏବଂ ଏଏସ୍‌ଆଇ ଅଧୀକ୍ଷଣ ଯନ୍ତ୍ରୀ କମିଟିର ସଦସ୍ୟ ରହିଥା'ନ୍ତି। ଏମାନଙ୍କ ବାଦ୍ ଅନ୍ୟ ୧୦ ଜଣ ହେଉଛନ୍ତି ମନୋନୀତ ସଦସ୍ୟ। ଏମାନଙ୍କ ମଧ୍ୟରେ ୫ ଜଣ ସେବାୟତ ପ୍ରତିନିଧି, ଜଣେ ମଠ ପ୍ରତିନିଧି, ଜଣେ ମୁକ୍ତିମଣ୍ଡପ ପ୍ରତିନିଧି, ଜଣେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଏବଂ ଦୁଇଜଣ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠାଲାଭ କରିଥିବା ବ୍ୟକ୍ତି ରହିଥା'ନ୍ତି। ତେବେ ପରିଚାଳନା କମିଟିରେ ନିର୍ଦ୍ଦିଷ୍ଟ ୫ ସେବାୟତ ନିଯୋଗରୁ ସଦସ୍ୟ ପ୍ରତିନିଧିତ୍ୱ କରୁଛନ୍ତି। ଏହାକୁ ନେଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା ଖୁଣ୍ଟିଆ ନିଯୋଗ। ରୋଟେସନ ପଦ୍ଧତିରେ ବିଭିନ୍ନ ନିଯୋଗ ସଦସ୍ୟ ପ୍ରତିନିଧିଙ୍କୁ ସ୍ଥାନ ଦେବା ଲାଗି ଖୁଣ୍ଟିଆ ନିଯୋଗ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ହେଲେ ନୂତନ କମିଟିରେ ସେମିତି କିଛି ଫରକ୍ ଦେଖିବାକୁ ମିଳିନାହିଁ। ପୂର୍ବରୁ ଯେଉଁ ନିଯୋଗରୁ ସଦସ୍ୟମାନେ ପ୍ରତିନିଧିତ୍ୱ କରୁଥିଲେ ସେହି ନିଯୋଗରୁ ହିଁ ପ୍ରତିନିଧିତ୍ୱ କରିଛନ୍ତି।






# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-63 ◆WEDNESDAY ◆27 AUGUST 2025 ◆PAGE-12 ◆₹ 6.00

◆ବର୍ଷ-୪୩ ◆ସଂଖ୍ୟା-୬୩ ◆ବୁଧବାର ◆୨୭ ଅଗଷ୍ଟ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦



# ଆଜିଠୁ ୫୦% ଟ୍ରମ୍ପ ଟାରିଫ୍

◆ ଅତିରିକ୍ତ ୨୫ ପ୍ରତିଶତ ଶୁଳ୍କ ପାଇଁ ବିଜ୍ଞପ୍ତି ଜାରି

◆ ଆୟ କମିବ, ଚାକିରି ଯିବ, ହ୍ରାସ ପାଇବ ଅଭିବୃଦ୍ଧି

◆ ଫାର୍ମା କ୍ଷେତ୍ର ଉପରେ ୨୫୦% ଶୁଳ୍କ ଧମକ

■ ନୂଆଦିଲ୍ଲୀ, ୨୬।୮ (ଏଜେନ୍ସି): ବୁଧବାରଠାରୁ ଭାରତ ଉପରେ ଲାଗିବ ୫୦ % ଟ୍ରମ୍ପ ଟାରିଫ୍। ଭାରତୀୟ ସମୟ ଅନୁସାରେ ଏହି ଶୁଳ୍କ ବୁଧବାର ସକାଳ ୯ଟା ୩୧ ମିନିଟ୍‌ରୁ କାର୍ଯ୍ୟକାରୀ ହେବ। ଟ୍ରମ୍ପ ପ୍ରଶାସନ ଏ ସଂକ୍ରାନ୍ତରେ ବିଜ୍ଞପ୍ତି ଜାରି କରିଛି। ଆସନ୍ତାକାଲିଠାରୁ ଆମେରିକାକୁ ରପ୍ତାନୀ ହେବାକୁଥିବା ଭାରତୀୟ ସାମଗ୍ରୀ ଉପରେ ଫଳରେ ୫୦% ଶୁଳ୍କ ଲାଗିବ। ଟ୍ରମ୍ପଙ୍କ ଏହି ଟାରିଫ୍ ବୋମା କେବଳ ଆମେରିକୀୟ ଉପଭୋକ୍ତାଙ୍କ ପାଇଁ କଷ୍ଟପ୍ରଦ ହେବ ନାହିଁ, ଭାରତୀୟ ରପ୍ତାନୀକାରୀଙ୍କ ପାଇଁ ବି ମହଙ୍ଗା ସାବ୍ୟସ୍ତ ହେବାକୁ ଯାଉଛି। ଭାରତରୁ ଆମେରିକାକୁ ପ୍ରତିବର୍ଷ ବିଭିନ୍ନ କ୍ଷେତ୍ରରେ ପ୍ରାୟ ୮ ଲକ୍ଷ କୋଟି ଟଙ୍କାର ସାମଗ୍ରୀ ରପ୍ତାନୀ ହୋଇଥାଏ। ▶ପୃଷ୍ଠା-୭




# ରାଜ୍ୟରେ ଆରମ୍ଭ ହେଲା 'ଆମ ଶାସନ'

## ଲୋକଙ୍କ ପରାମର୍ଶ ହେଉଛି ସୁଶାସନର ମୁଖ୍ୟ ଉପାଦାନ: ମୁଖ୍ୟମନ୍ତ୍ରୀ

**କାର୍ଯ୍ୟକ୍ରମ ଓ ଯୋଜନା ସମ୍ପର୍କରେ ସିଧାସଳଖ ନିଆଯିବ ଲୋକଙ୍କ ମତାମତ**

**ୱେବସାଇଟ୍, ହ୍ୱାଟ୍ସଆପ୍, ଟୋଲ୍-ଫ୍ରି ନମ୍ବରରେ ଦେଇପାରିବେ ମତାମତ**



■ ଭୁବନେଶ୍ୱର, ୨୬।୮ (ସମିସ): ଶାସନ ବ୍ୟବସ୍ଥାରେ ରହିଥିବା ତ୍ରୁଟି ବିଚ୍ୟୁତି ବୁଝିବା, ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ସମ୍ପର୍କରେ ସାଧାରଣ ଲୋକଙ୍କ ମତାମତ ନେବା, ସାଧାରଣ ସେବାଗୁଡ଼ିକ ସମ୍ପର୍କରେ ତଥ୍ୟ ସଂଗ୍ରହ ନିମନ୍ତେ ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ରାଜ୍ୟରେ ପ୍ରଚଳନ କରିଥିଲେ 'ମୋ ସରକାର' ବ୍ୟବସ୍ଥା। ଏହି ବ୍ୟବସ୍ଥାରେ ଲୋକମାନଙ୍କଠାରୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ସିଧାସଳଖ ତଥ୍ୟ ସଂଗ୍ରହ କରୁଥିଲା ଓ ଲୋକମାନେ ମଧ୍ୟ ସରକାରୀ ସେବା, କାର୍ଯ୍ୟକ୍ରମ ଓ ଯୋଜନାରେ ରହୁଥିବା ତ୍ରୁଟିବିଚ୍ୟୁତି ସମ୍ପର୍କରେ ସିଧାସଳଖ ଆପତ୍ତି ଅଭିଯୋଗ କରିବାରେ ସକ୍ଷମ ହେଉଥିଲେ। ରାଜ୍ୟରେ କ୍ଷମତା ପରିବର୍ତ୍ତନ ପରେ ବିଜେପି ସରକାର 'ମୋ ସରକାର' ବ୍ୟବସ୍ଥାକୁ ବନ୍ଦ କରି ଦେଇଥିଲେ। ମାତ୍ର ଏବେ 'ମୋ ସରକାର' ଢାଞ୍ଚାରେ ରାଜ୍ୟ ▶ପୃଷ୍ଠା-୭




# କନ୍ତପଡ଼ା ଛକରେ ଗଳି ପୋଲ ନିର୍ମାଣ ଦାବି

କବାଟବନ୍ଧ,୨୬।୮(ସମିସ)



ଚଣ୍ଡିଖୋଲ- ଦୁବୁରୀ ୫୩ ନମ୍ବର ଜାତୀୟ ରାଜପଥ କନ୍ତପଡ଼ା ଛକ ନିକଟରେ ଏକ ଗଳିପୋଲ ନିର୍ମାଣ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଧୀନ କନ୍ତପଡ଼ା ଛକ ସ୍ଥାନୀୟଅଞ୍ଚଳର ଏକ ମୁଖ୍ୟ ବଜାରତଥା ଛକ ଅଟେ। ତେଣୁ ଲୋକ ମାନେ ରାସ୍ତା ଅତିକ୍ରମ କରିବା ପାଇଁ ଏଠାରେ ଏକ ଗଳିପୋଲର ଆବଶ୍ୟକତା ଅତ୍ୟନ୍ତ ଜରୁରୀ ଅଟେ। ସ୍ଥାନୀୟ ଲୋକମାନେ ଏନେଇ ଧର୍ମଶାଳା ବିଧାୟକଙ୍କୁ ମଧ୍ୟ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସ୍ଥାନୀୟ ରାଇଛନ୍ଦା ପଞ୍ଚାୟତ ସରପଞ୍ଚ ଦିପ୍ତିମୟୀ ଜେନାଙ୍କ ସମେତ ପ୍ରାୟ ୧ ହଜାରରୁ ଊର୍ଦ୍ଧ୍ୱ ଦସ୍ତଖତ ସମ୍ବଳିତ ଦାବି ପତ୍ରରେ ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ କରାଯାଇଛି। ଅଞ୍ଚଳର ଚଣ୍ଡିଖୋଲ- ଦୁବୁରୀ ୫୩ ନମ୍ବର ଜାତୀୟ ରାଜପଥର ସମ୍ପ୍ରସାରଣ କାର୍ଯ୍ୟ ଚାଲୁରହିଛି। ମାତ୍ର ଜାତୀୟ ରାଜପଥ ପ୍ରାଧିକରଣ ଜନସାଧାରଣଙ୍କ ସୁବିଧା ତଥା ସୁରକ୍ଷିତ ଗମନାଗମନକୁ ଅଣଦେଖା କରୁଥିବା ଜଣାପଡ଼ିଛି। ଏନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ରାସ୍ତା କାମ ଚାଲୁଥିବା ବେଳେ ରାସ୍ତା ପାର୍ଶ୍ୱବର୍ତ୍ତୀ ଜନସାଧାରଣ ଏବଂ ଛକ ଗୁଡ଼ିକରେ ସ୍ୱତନ୍ତ୍ର ଭାବେ ବ୍ୟବସ୍ଥା କରିବା ପାଇଁ ପ୍ରୋଜେକ୍ଟ ରିପୋର୍ଟ ପ୍ରସ୍ତୁତ ହୋଇଥାଏ। ମାତ୍ର ଜେନାପୁର ଥାନା ଅଧୀନ କନ୍ତପଡ଼ା ଛକ ନିକଟରେ ଏଥିରେ ବ୍ୟତିକ୍ରମ ଦେଖା ଦେଇଛି। ଯାହା ଫଳରେ ହଜାର ହଜାର ଜନସାଧାରଣଅସୁବିଧା ଭୋଗକରିବା ସହିତ ଦୁର୍ଘଟଣା ଆଶଙ୍କା ବୃଦ୍ଧି ପାଇବାର ଯଥେଷ୍ଟ ସମ୍ଭାବନା ମଧ୍ୟ ସମ୍ଭାବନା ଦେଖାଦେଇଛି। ଏହି କନ୍ତପଡ଼ା ନିକଟରେ ଏକ ବଜାର ଏବଂ କନ୍ତପଡ଼ା ଗାଁ ସହିତ କନ୍ତପଡ଼ା ବଜାର ରହିଛି। ରାସ୍ତାର ଉଭୟ ପାର୍ଶ୍ୱରେ ବଜାର ରହିଥିବାରୁ ରାସ୍ତାର ଉଚ୍ଚତା ବୃଦ୍ଧି ପାଇଲେ ଲୋକମାନେ ରାସ୍ତା ଅତିକ୍ରମ କରିବାରେ ଅସୁବିଧା ସୃଷ୍ଟି ହେବ। ଏହା ସହିତ ଲୋକ ମାନେ ବିପଦପୂର୍ଣ୍ଣ ଭାବେ ଅତିକ୍ରମ କଲେ ଦୁର୍ଘଟଣାର ସମ୍ଭାବନା ରହିଛି। ରାଇଛନ୍ଦା ପଞ୍ଚାୟତ ଅଧୀନରେ ଥିବା କନ୍ତପଡ଼ା ଗାଁ ଦେଇ ମୁକୁନ୍ଦ ପାତ୍ର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏବଂ ଡିଗ୍ରୀ କଲେଜ ଦେଇ ତାଳଙ୍ଗ ପଞ୍ଚାୟତ ବଳରାମପୁରକୁ ସଂଯୋଗ କରୁଥିବା ଏହି ରାସ୍ତା ବ୍ରାହ୍ମଣୀ ନଦୀ ବନ୍ଧ ଦେଇ ଢେଙ୍କାନାଳ ଜିଲ୍ଲାକୁ ସଂଯୋଗ କରୁଛି। ଯାତାୟାତ ଆବଶ୍ୟକତା ଦୃଷ୍ଟିରୁ ଏହି ରାସ୍ତା ସ୍ଥାନୀୟ ଜନସାଧାରଣଙ୍କର ଏକ ମୁଖ୍ୟ ରାସ୍ତା ଅଟେ। ଏହା ସହିତ କନ୍ତପଡ଼ା, ତୋଟାସାହି, ଡଉଲାସାହି, ରାମପୁର, କଇଥା, ବାଲିକୁଦିଆ ଆଦି ଅଞ୍ଚଳ ପାଇଁ କନ୍ତପଡ଼ା ଛକ ମୁଖ୍ୟ ଅଟେ। ଦୈନିକ ହଜାର ହଜାର ଲୋକ ନିଜ ନିଜ ବିଭିନ୍ନ କାମ ପାଇଁ ଏହି ଛକ ଉପରେ ନିର୍ଭର କରନ୍ତି। ମାତ୍ର ରାସ୍ତା ସମ୍ପ୍ରସାରଣ ସମୟରେ ଏହି ଛକ ନିକଟରେ ଏକ ଗଳିପୋଲ ନିର୍ମାଣ ନ ଯାଇ ଜନସାଧାରଣଙ୍କ ଯାତାୟାତ ପାଇଁ ଅସୁବିଧା ଏବଂ ଜୀବନ ପ୍ରତି ବିପଦ ସୃଷ୍ଟି ହୋଇଛି। ଏହି ଛକରୁ ମୁକୁନ୍ଦପାତ୍ର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ମୁକୁନ୍ଦପାତ୍ର ଡିଗ୍ରୀ କଲେଜ, ସରସ୍ୱତୀ ଶିଶୁବିଦ୍ୟାମନ୍ଦିର, କମ୍ପ୍ୟୁଟର ସେଣ୍ଟର, କୋଚିଂ ସେଣ୍ଟର, ଜନସେବା କେନ୍ଦ୍ର, ହୋଟେଲ, ମୋଟର ସାଇକେଲ ଶୋ'ରୁମ, ଗ୍ୟାରେଜ, ବିଭିନ୍ନ ବେସରକାରୀ ଅଫିସ ସହିତ ହଜାର ହଜାର ଛାତ୍ରଛାତ୍ରୀ ଏବଂ ବ୍ୟବସାୟୀଙ୍କ ଏକ ମାତ୍ର ରାସ୍ତା। ଏହି ଛକରେ ଓଭରବ୍ରିଜ ରାସ୍ତା ଅତିକ୍ରମ କରିବାକୁ ପଡ଼ିଥାଏ। ଫଳରେ ଜନସାଧାରଣଙ୍କ ସ୍ୱାର୍ଥ ଏବଂ ହଜାର ହଜାର ଛାତ୍ରଛାତ୍ରୀଙ୍କ ସୁରକ୍ଷା ଦୃଷ୍ଟିରୁ ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଇ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବା ସହିତ ଏହି ଛକରେ ଏକ ଗଳି ପୋଲ ନିର୍ମାଣ ପାଇଁ ଦାବି ହୋଇଛି।

## ଅଟୋ ସହ ବାଇକ୍ ଧକ୍କା; ଆରୋହୀ ଗୁରୁତର

ପାଣିକୋଇଲି,୨୬।୮(ସମିସ): ପାଣିକୋଇଲି ଥାନା ଅନ୍ତର୍ଗତ ପାଣିକୋଇଲି ଅମ୍ପିଆ ରାସ୍ତାର ବିଦ୍ୟା କଲେଜ ବଙ୍କାଣିରେ ଆଜି ଏକ ଅଟୋ ଓ ବାଇକ୍ ଧକ୍କାରେ ବାଇକ୍ ଦୁର୍ଘଟଣା ହେବାରୁ ଆରୋହୀ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ପ୍ରକାଶଯେ ଏକ ଅଟୋ ବିଦ୍ୟା କଲେଜର ଛାତ୍ରଙ୍କୁ ନେଇ ପାଣିକୋଇଲିରୁ କଲେଜ ଯାଉଥିଲା। ଏହି ସମୟରେ ବିଦ୍ୟା କଲେଜ ବଙ୍କାଣିରେ କୋରେଇ ଥାନା ଅନ୍ତର୍ଗତ ରଣପୁର ପଞ୍ଚାୟତ ସାଆଁଳା କଣାବଣିଆ ଗ୍ରାମର ଗୋଲେଖ ଭରେଇଙ୍କ ପୁଅ ଶେଖର ଭରେଇ ଏକ ବାଇକ୍ ନେଇ ପାଣିକୋଇଲି ଆସୁଥିଲେ। ହେଲେ ବଙ୍କାଣିରେ ଭାରସାମ୍ୟ ହରାଇ ଅଟୋ ସହ ସାମ୍ନାସାମ୍ନି ଧକ୍କା କରିଥିଲେ। ଫଳରେ ଶେଖର ଛିଟିକି ପଡି ଗୁରୁତର ଆହତ ହୋଇଥିଲେ। ଅଟୋ ଚାଳକ ପଥରପଦା ଗ୍ରାମର ସରୋଜ ସାହାଣୀ ମଧ୍ୟ ଆହତ ହୋଇଥିଲେ। ସୌଭାଗ୍ୟ ବଶତଃ ଛାତ୍ରମାନଙ୍କର କୌଣସି ଅସୁବିଧା ହୋଇନଥିଲା। ସ୍ଥାନୀୟ ଲୋକମାନେ ତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଚିକିତ୍ସା ପାଇଁ ପଠାଇଥିଲେ। ଖବର ପାଇ ପାଣିକୋଇଲି ପୁଲିସ ଘଟଣାସ୍ଥଳେ ପହଞ୍ଚି ବାଇକ୍ ଓ ଅଟୋକୁ ଜବତ କରି ତଦନ୍ତ ଚଳାଇଛି।

## କାଙ୍କଡ଼ପାଳ ଗ୍ରାମରେ ଚିତି ସାପ ଉଦ୍ଧାର



ସୁକିନ୍ଦା,୨୬।୮(ସମିସ): ସୁକିନ୍ଦା ବନ ବିଭାଗ ଅନ୍ତର୍ଗତ କାଙ୍କଡ଼ପାଳ ଗ୍ରାମ ଘନଶ୍ୟାମ ପାତ୍ରଙ୍କ ଘରୁ ବିରଳ ପ୍ରଜାତିର କୌଡ଼ିଆ ଚିତି ସାପ ଉଦ୍ଧାର ହୋଇଥିବା ଦେଖିବାକୁ ମିଳିଛି। ସୂଚନା ମୁତାବକ ସୋମବାର ଘନ ପାତ୍ରଙ୍କ ଘର ମାଟି କାନ୍ଥ ମଧ୍ୟରେ ଏକ ବିରଳ ପ୍ରଜାତିର ବିଷଧର କୌଡ଼ିଆ ଚିତି ସାପ ଥିବା ପରିବାର ଲୋକେ ଦେଖି ଭୟଭୀତ ହୋଇ ତୁରନ୍ତ ପ୍ରଶିକ୍ଷିତ ସାପ ଧରାଳି ମିହିର ଚନ୍ଦ୍ର ପାତ୍ରଙ୍କ ସହ ଯୋଗାଯୋଗ କରିଥିଲେ। ସୂଚନା ପାଇ ମିହିର ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ସତର୍କତା ଅବଲମ୍ବନ କରି ସୁରକ୍ଷିତ ଉପାୟରେ ବିଷଧର ସାପକୁ ଉଦ୍ଧାର କରି ସୁରକ୍ଷିତ ଭାବେ ପାଖ ଜଙ୍ଗଲରେ ଛାଡ଼ି ଦେଇଥିବା ସୂଚନା ମିଳିଛି।

## କ୍ୟୁବା ରାଷ୍ଟ୍ରଦୂତଙ୍କ ଦ୍ୱାରା ସାହିତ୍ୟିକ ସମ୍ମାନିତ




ଯାଜପୁର, ୨୬।୮ (ସମିସ): କ୍ୟୁବାର ମୁକ୍ତିଦାତା ଫିଡ଼େଲ କାଷ୍ଟ୍ରୋଙ୍କ ଜନ୍ମ ଶତବାର୍ଷିକୀ ସମାରୋହ କଟକର ଭାରତୀୟ ସାଂସ୍କୃତିକ ସହଯୋଗ ମୈତ୍ରୀ ସମିତି (ଇସ୍‌କଫ୍) ଓଡ଼ିଶା ଅନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସମାରୋହରେ ଯାଜପୁରର ବିଶିଷ୍ଟ ସାହିତ୍ୟିକ, ଅବସରପ୍ରାପ୍ତ ଶିକ୍ଷକ ନେତା ରବି ଶତପଥୀଙ୍କୁ ତାଙ୍କର ସ୍ପେନିଶ୍ କବି ପାବ୍ଲୋ ନେରୁଦା ଏବଂ ଅନ୍ୟତମ ଶ୍ରେଷ୍ଠ ବିପ୍ଳବୀ 'ଚେ ଗୁଏଭାରା'ଙ୍କ ବିପ୍ଳବାତ୍ମକ - ଜୀବନ ଧର୍ମୀ କବିତାର ଓଡ଼ିଆ ଅନୁବାଦ ନିମିତ୍ତ 'ଫିଡ଼େଲ କାଷ୍ଟ୍ରୋ ଜନ୍ମ ଶତବାର୍ଷିକୀ ସମ୍ମାନ' କ୍ୟୁବା ରାଷ୍ଟ୍ରଦୂତ ଏବଂ ରାଷ୍ଟ୍ରଦୂତ କାର୍ଯ୍ୟାଳୟର ପ୍ରଥମ ସଚିବ ମାଇକ୍ ଦିଆଜ ପେରେଜଙ୍କ ଦ୍ୱାରା ସମ୍ମାନିତ କରାଯାଇଛି। ଶତବାର୍ଷିକୀ ସମାରୋହରେ ବହୁ ବିଶିଷ୍ଟ ବ୍ୟକ୍ତିତ୍ୱ ଯୋଗଦେଇ ତାଙ୍କୁ ସମ୍ମାନିତ କରିଥିଲେ।

## ବରିଷ୍ଠ ସାମ୍ବାଦିକଙ୍କ ମାତୃ ବିୟୋଗ



ଯାଜପୁର,୨୬।୮(ସମିସ): ଯାଜପୁରର ବରିଷ୍ଠ ସାମ୍ବାଦିକ ଅରୁଣ କୁମାର ରାଉତରାୟଙ୍କ ମା' ବାସନ୍ତୀଲତା ରାଉତରାୟ(୯୩) ମଙ୍ଗଳବାର ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ମୃତ୍ୟୁ ଘଟିଛି। ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ହୋଇ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିଲେ। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ୫ ପୁଅ ଓ ବୋହୂ, ନାତିନାତୁଣୀ, ଝିଅଜ୍ୱାଇଁ ଉପସ୍ଥିତ ଥିଲେ। ସେ ଜଣେ ମିଷ୍ଟଭାଷୀ, ସ୍ନେହୀ, ଧର୍ମପରାୟଣା ମହିଳା ଭାବେ ପରିଚିତ ଥିଲେ। ତାଙ୍କ ମୃତ୍ୟୁଖବର ପାଇ ଯାଜପୁର ପ୍ରେସ୍ କ୍ଲବ ପକ୍ଷରୁ ସଭାପତି ରାଜୀବ ମହାନ୍ତି, ବରିଷ୍ଠ ସଭ୍ୟ ଆନନ୍ଦ ଚନ୍ଦ୍ର ସାହୁ, କୈଳାଶ ଚନ୍ଦ୍ର ନାୟକ, ଆଦିତ୍ୟ ମେକାପ, ଦେବେନ୍ଦ୍ର ମିଶ୍ର, ସମରଜିତ ମହାନ୍ତି, ସନ୍ଦୀପ୍ତ ରାୟ, ସଞ୍ଜିବ କୁମାର ନାୟକ, ଦିଲ୍ଲୀପ କୁମାର ଦାସ, ତପନ ମହାନ୍ତି, ଆଦିତ୍ୟ ମହାନ୍ତି, ଅକ୍ଷୟ ପ୍ରଧାନ, ଅନିଲ କୁମାର ପଣ୍ଡା, ପରମେଶ୍ୱର ବେଉରିଆ, ବିଜୟ କୁମାର ସାହୁ, ଦେବାଶିଷ ସାହୁ, ମହେଶ୍ୱର ସାହୁ, ଏସକେ ମନିରୁଦ୍ଦିନ, ପ୍ରଭାତ ତ୍ରିପାଠୀ, ସମର ବିଜୟ ଶରଣ ସମେତ ବହୁ ଖବରଦାତା ମାନେ ଉପସ୍ଥିତ ରହି ପୁଷ୍ପମାଲ୍ୟ ପ୍ରଦାନ କରିବା ସହ ଅମରଆତ୍ମାର ସଦଗତି କାମନା କରିଥିଲେ। ତାଙ୍କ ଗ୍ରାମ ବିରଜାପୁର ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ତାଙ୍କର ସାନପୁଅ ଅଶୋକ କୁମାର ରାଉତରାୟ ମୁଖାଗ୍ନି ଦେଇଥିଲେ।

## ପାଣିକୋଇଲିକୁ ଏନ୍‌ଏସି ଘୋଷଣା ଦାବି

ବ୍ୟାସନଗର,୨୬।୮(ସମିସ): କୋରେଇ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ପାଣିକୋଇଲିକୁ ବିଜ୍ଞାପିତ ଅଞ୍ଚଳ ପରିଷଦ କରିବାକୁ କୋରେଇ ବିଧାୟକ ଆକାଶ ଦାସ ନାୟକ ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ମନ୍ତ୍ରୀଙ୍କୁ ଚିଠି ମାଧ୍ୟମରେ ଅବଗତ କରାଇଛନ୍ତି। ସୂଚନାଯୋଗ୍ୟ ଯେ ପାଣିକୋଇଲିଭୌଗୋଳିକଦୃଷ୍ଟିକୋଣରୁଯାଜପୁରରବ୍ୟବସାୟପେଣ୍ଠସ୍ଥଳୀଭାବେପରିଚିତ। ଏହାବ୍ୟତୀତ ପାଣିକୋଇଲିରେ ପିଏମ୍‌ଶ୍ରୀ ନବୋଦୟ ବିଦ୍ୟାଳୟ, ପାଣିକୋଇଲି ପୂର୍ତ୍ତ ବିଭାଜନଅଫିସ, ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟ, ଆଶୁଚିକିତ୍ସା କେନ୍ଦ୍ର, ବିଭିନ୍ନ ସରକାରୀ ଏବଂ ବେସରକାରୀ ସ୍କୁଲ ଏବଂ ମହାବିଦ୍ୟାଳୟ ରହିଥିବାରୁ ପାଣିକୋଇଲି, ଗୋଲେଇପୁର ଏବଂ ପଥରପଦା ପଞ୍ଚାୟତକୁ ନେଇ ବିଜ୍ଞାପିତ ଅଞ୍ଚଳ ପରିଷଦ କରିବାକୁ ଆକାଶ ବିଭାଗୀୟ ମନ୍ତ୍ରୀଙ୍କୁ ପତ୍ର ମାଧ୍ୟମରେ ଅବଗତ କରାଇଛନ୍ତି। ପାଣିକୋଇଲି ବିଜ୍ଞାପିତ ଅଞ୍ଚଳ ପରିଷଦ ପାଇବାକୁ ସମସ୍ତ ମାନଦଣ୍ଡ ପୂରଣ କରୁଥିବାରୁ ଏନେଇ ଆକାଶ ଦାବି ଉପସ୍ଥାପନ କରିଛନ୍ତି।

● ଶୌଚ ହେବାକୁ ଯାଇ କେନାଲରେ ବୁଡ଼ିଗଲେ

## କଂସା ପିତ୍ତଳ କାରିଗରଙ୍କ ମୃତ୍ୟୁ



ବାଲିଚନ୍ଦ୍ରପୁର,୨୬।୮(ସମିସ): ପଟ୍ଟାମୁଣ୍ଡାଇ କେନାଲକୁ ଶୌଚ ହେବାକୁ ଯାଇ ବାଲିଚନ୍ଦ୍ରପୁର ଗ୍ରାମର ପୁରାତନ କଂସା ପିତ୍ତଳ କାରିଗର ତଥା ବାଲିଚନ୍ଦ୍ରପୁର ପଞ୍ଚାୟତ ବିଜେଡି ସଭାପତି ଅନନ୍ତ ମହାରଣାଙ୍କ ପିତା ଭିକାରୀ ଚରଣ ମହାରଣା (୮୫) ପାଣିରେ ବୁଡି ମୃତ୍ୟୁବରଣ କରିଛନ୍ତି। ସୂଚନା ମୁତାବକ ଆଜି ସକାଳେ ଭିକାରୀ ନିଜ ଘର ପାଖ ପଟ୍ଟାମୁଣ୍ଡାଇ କେନାଲକୁ ଶୌଚ ହେବାକୁ ଯାଇଥିଲେ। ତେବେ ଶୌଚ ହେବା ସମୟରେ ତାଙ୍କର ଗୋଡ଼ ଖସିଯିବାରୁ ସେ କେନାଲର ଭରା ପାଣିରେ ଭାସି ଯାଇଥିଲେ। ପରେ ତାଙ୍କ ମୃତଦେହ ଏହି କେନାଲର ବାହାଦୁରନଗର ଗ୍ରାମ ନିକଟରେ ଭାସୁଥିବା ଦେଖି ସ୍ଥାନୀୟ ଅଞ୍ଚଳର ଲୋକେ ମୃତଦେହକୁ ଉଦ୍ଧାର କରିଥିଲେ। ଖବର ପାଇ ପରିବାର ଲୋକେ ସେଠାରେ ପହଞ୍ଚି ଶବ ଚିହ୍ନଟ କରି ବାସଭବନକୁ ଆଣିଥିଲେ। ତାଙ୍କ ମୃତ୍ୟୁଖବର ପାଇ ଗ୍ରାମ ମୁରବୀ ଅବସର ପ୍ରଧାନ ଶିକ୍ଷକ ଦାମୋଦର ମହାରଣା, ମାହାଙ୍ଗା ବ୍ଲକର ପୂର୍ବତନ ଅଧ୍ୟକ୍ଷ ରାଜକିଶୋର ଜେନା, କଳିଙ୍ଗ ଭାରତୀ ସଂସ୍କୃତ ମହାବିଦ୍ୟାଳୟ ପ୍ରତିଷ୍ଠାତା ମନୋଜ କୁମାର ପରିଡା, ଶିକ୍ଷକ ପ୍ରମୋଦ କୁମାର ଦାସ, ସରପଞ୍ଚ ପ୍ରତିନିଧି ଅମୀୟ ସାହାଣୀ, ବ୍ଲକ ବିଜେଡି ସଭାପତି ତାପସ ଚନ୍ଦ୍ର ରାୟ, ପୂର୍ବତନ ସରପଞ୍ଚ ଫନୀନ୍ଦ୍ର ନାଥ ପଣ୍ଡା,ତପନ ରାଉତରାୟ, ଅଭିମନ୍ୟୁ ବଳ, ରଞ୍ଜନ ମହାରଣା, ନିତ୍ୟାନନ୍ଦ ମଲ୍ଲିକ ଓ ଅରୀକ୍ଷିତ ମଲ୍ଲିକ ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ ପୂର୍ବକ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। ଗ୍ରାମ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ବଡ଼ପୁଅ ଜୟନ୍ତ ମୁଖାଗ୍ନି ଦେଇଥିଲେ। ଭିକାରୀ ମହାରଣାଙ୍କ ଅକାଳ ବିୟୋଗରେ ସମ୍ପୃକ୍ତ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ଅସହାୟଙ୍କୁ ସହାୟତା ପ୍ରଦାନ



ଧର୍ମଶାଳା,୨୬।୮(ସମିସ): ଧର୍ମଶାଳା ବ୍ଲକ ହରିଦାସପୁର ଅଞ୍ଚଳର ଜଣେ ଅସହାୟ ବ୍ୟକ୍ତିଙ୍କୁ ବିଧାୟକ ହିମାଂଶୁ ଶେଖର ସାହୁଙ୍କ ପରାମର୍ଶକ୍ରମେ ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ତାଙ୍କୁ ଆଜି ଏକ ଟ୍ରାଇ ସାଇକଲ ପ୍ରଦାନ କରାଯାଇଛି। ସୂଚନା ମୁତାବକ ଏହି ବ୍ଲକ ହରିଦାସପୁର ଗ୍ରମର ଯଦୁନାଥ ନାୟକ ଦୀର୍ଘ ଦିନ ହେଲା ଅସୁସ୍ଥତା କାରଣରୁ କେଉଁ ଆଡ଼େ ଯା'ଆସ କରିପାରୁନଥିଲେ। ଧର୍ମଶାଳା ବିଧାୟକ ଶ୍ରୀ ସାହୁ ଏସମ୍ପର୍କରେ ଜାଣିବା ପରେ ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ତାଙ୍କୁ ଏକ ଟ୍ରାଇ ସାଇକଲ ଯୋଗେଇ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ବିଧାୟକଙ୍କ ନିର୍ଦ୍ଦେଶକ୍ରମେ ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ସମାଜସେବୀ ସୀତାଂଶୁ ଶେଖର ସାହୁଙ୍କ ନେତୃତ୍ୱରେ ଟ୍ରଷ୍ଟର ସଦସ୍ୟମାନେ ସେଠାରେ ପହଞ୍ଚି ଶ୍ରୀ ନାୟକଙ୍କୁ ଏକ ଟ୍ରାଇସାଇକଲ ପ୍ରଦାନ କରିଛନ୍ତି। ଫଳରେ ଏହି ଟ୍ରାଇ ସାଇକଲ ମାଧ୍ୟମରେ ଶ୍ରୀ ନାୟକ ବିଭିନ୍ନ ସ୍ଥାନକୁ ଯାତାୟାତ କରିପାରିବେ ବୋଲି କହିବା ସହିତ ବିଧାୟକ ଶ୍ରୀ ସାହୁଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ଅବସରପ୍ରାପ୍ତ ପୁଲିସ ଡିଏସ୍‌ପିଙ୍କ ଘରୁ ଚୋରି ; ୨ ଗିରଫ

ଯାଜପୁର,୨୬।୮(ସମିସ): ଜଣେ ଅବସରପ୍ରାପ୍ତ ପୁଲିସ ଡିଏସ୍‌ପିଙ୍କ ଘରୁ ଗତ ୨୧ତାରିଖ ଲକ୍ଷାଧିକ ଟଙ୍କାର ସୁନାଗହଣା ଓ ୫ ହଜାର ଟଙ୍କା ଘର ଭାଙ୍ଗି ଚୋରି କରିନେଇଥିବା ୨ଜଣ ଚୋରକୁ ଯାଜପୁର ପୁଲିସ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ବିବରଣୀରୁ ପ୍ରକାଶ ଯାଜପୁର ଟାଉନ୍ ଥାନା ଅନ୍ତର୍ଗତ ନରହରିପୁର ଗ୍ରାମର ଅବସରପ୍ରାପ୍ତ ପୁଲିସ ଡିଏସ୍‌ପି ବିରଜାକିଙ୍କର ପତି ତାଙ୍କ ସ୍ତ୍ରୀ ସହ ଝିଅ ଘରକୁ ଗତ ୯ ତାରିଖରେ ବ୍ରହ୍ମପୁରକୁ ଯାଇଥିଲେ। ଗତ ୨୦ ତାରିଖରେ ତାଙ୍କ ଘରୋଇ ପୂଜକ ଦିପୁନା ପୂଜା କରିବା ନିମନ୍ତେ ଘରକୁ ଆସିଥିବା ବେଳେ ତାଙ୍କ ଘରର ମୁଖ୍ୟ ଗ୍ରିଲ୍ କାଟିବା ସହ ଘରର କବାଟ ଭାଙ୍ଗି ୨ଟି ଆଲମିରାରୁ ଲକ୍ଷାଧିକ ଟଙ୍କାର ସୁନାଗହଣା ଦୁର୍ବୃତ୍ତମାନେ ଲୁଟିନେଇଥିଲେ ବୋଲି ତାଙ୍କ ସ୍ତ୍ରୀଙ୍କୁ ଫୋନ୍ ଯୋଗେ କହିଥିଲେ। ଏହି ଘଟଣା ଜାଣିବା ପରେ ୨୧ ତାରିଖରେ ସେ ଓ ତାଙ୍କ ସ୍ତ୍ରୀ ନରହରିପୁର ଗ୍ରାମକୁ ଆସି ଦେଖିଲା ବେଳକୁ, ୨ଟି ଆଲମିରାକୁ ଭଙ୍ଗାଯାଇ ଆସବାବପତ୍ରକୁ ଏଣେତେଣେ ଫୋପଡା ଯାଇଛି ଏବଂ ଆଲମିରାରେ ଥିବା ନଗଦ ୫ହଜାର ଟଙ୍କା ସହ ୩୦ ଗ୍ରାମର ସୁନା ଚେନ୍, ୨୫ଗ୍ରାମର ଜଗନ୍ନାଥ ଲକେଟ୍ ଲାଗିଥିବା ସୁନା ହାର, ୧୨ଗ୍ରାମର ସୁନା କାନଫୁଲ, ୩୦ଗ୍ରାମର ସୁନା ଖଡୁ, ୯ ଗ୍ରାମର ସୁନା କାନଫୁଲ, ୫ଗ୍ରାମର ସୁନା ମୁଦି ପ୍ରାୟ ସମୁଦାୟ ୨ଶହ ଗ୍ରାମର ସୁନା ଅଳଙ୍କାର, ୨ଟି ରୁପା ପାଉଜି, ୩ଟି ରୁପା ମୁଦି, ୨ଟି ଘଣ୍ଟା ଓ ଅନ୍ୟାନ୍ୟ ଜିନିଷ କିଛି ଦୁର୍ବୃତ୍ତମାନେ ଚୋରି କରିନେଇଥଲେ। ୨୧ତାରିଖରେ ଅବସରପ୍ରାପ୍ତ ଡିଏସ୍‌ପି ବିରଜା କିଙ୍କର ପତି ଯାଜପୁରଟାଉନ୍ ଥାନାରେ ଲିଖିତ ଅଭିଯୋଗ କରିବା ପରେ ଯାଜପୁର ପୁଲିସ ଥାନା କେସ୍ ନଂ.୩୯୪/୨୦୨୫ ରୁଜୁ କରି ତଦନ୍ତ ଜାରି ରଖିଥିଲେ। ଘଟଣାସ୍ଥଳରେ ସନ୍ଧାନୀ କୁକୁର ଲଗାଇ ତଦନ୍ତ ଜାରି ରଖିଥିବା ବେଳେ ବିଭିନ୍ନ ସୂତ୍ରରୁ ଜାଣିବାକୁ ପାଇଥିଲେ। ଯାଜପୁର ଟାଉନ୍ ଥାନା ସନ୍ଥମାଧବ ଅଞ୍ଚଳର ସନାତନ ବେହେରାଙ୍କ ପୁଅ ବଳରାମ ବେହେରା ଓରଫ ବଳିଆ (୩୬), ମାଧପୁର ଗ୍ରାମର ରବିନ୍ଦ୍ର ଜେନାଙ୍କ ପୁଅ ସୌମେନ୍ଦ୍ର ଜେନା ଓରଫ ବର୍ଣ୍ଣନ (୨୮) ଓ ତାଙ୍କର ଦୁଇ ଜଣ ସହଯୋଗୀଙ୍କ ସହ ମିଶି ସଂପୃକ୍ତ ଅବସରପ୍ରାପ୍ତ ଡିଏସ୍‌ପିଙ୍କ ଘରୁ ଚୋରି କରିନେଇଥିଲେ। ଗିରଫ ହୋଇଥିବା ଚୋରମାନେ ଯାଜପୁର ଟାଉନର ତାଙ୍କର ସହଯୋଗୀ ସାହିଲ ଓ ଭୀମାକୁ ସୁନା ଗହଣା ବିକ୍ରି କରିବା ପାଇଁ ଦେଇଥିଲେ। ଏପର୍ଯ୍ୟନ୍ତ ସାହିଲ ଓ ଭୀମାକୁ ପୁଲିସ ଗିରଫ କରିପାରିନାହିଁ। ଏହି ଚୋରମାନେ ଭୁବନେଶ୍ୱର, ଭଦ୍ରକ, ଯାଜପୁର ଥାନା ଅଞ୍ଚଳର ଅନେକ ଚୋରି, ଛିନ୍‌ତାଇ ଓ ଅନ୍ୟାନ୍ୟ ମାମଲାରେ ସାମିଲ ଅଛନ୍ତି ବୋଲି ତଦନ୍ତକାରୀ ଅଧିକାରୀ ସୁବାସ ଚନ୍ଦ୍ର ମୁଦୁଲି ସୂଚନା ପ୍ରଦାନ କରିଛନ୍ତି।

## ସର୍ବହରା ସୁରକ୍ଷା ସମିତିର ଦାବିପତ୍ର

ସୁକିନ୍ଦା,୨୬।୮(ସମିସ): କଳିଙ୍ଗନଗର ସ୍ଥିତ ନୀଳାଚଳ ଇସ୍ପାତ ନିଗମ ପ୍ରକଳ୍ପକୁ ପରିଦର୍ଶନ ପାଇଁ ଆସିଥିବା ସରକାରଙ୍କ ସ୍ୱତନ୍ତ୍ର ଟିମ୍‌କୁ ସର୍ବହରା ସୁରକ୍ଷା ସମିତି ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି। ସୂଚନା ମୁତାବକ ସରକାରଙ୍କର ଏକ ସ୍ୱତନ୍ତ୍ର ଟିମ୍ ସୋମବାର ନୀଳାଚଳ ଇସ୍ପାତ ନିଗମକୁ ପରିବେଶ ସ୍ଥିତି ଅନୁଧ୍ୟାନ କରିବା ପାଇଁ ଆସିଥିଲେ। ଏହି ସମୟରେ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ସମସ୍ୟା ଏବଂ ଏହାର ସ୍ଥାୟୀ ସମାଧାନ ସମ୍ବନ୍ଧୀୟ ଦାବିପତ୍ର ସ୍ଥାନୀୟ ସର୍ବହରା ସୁରକ୍ଷା ସମିତି ପକ୍ଷରୁ ପ୍ରଦାନ କରିବା ପାଇଁ ଯାଇଥିଲେ ମଧ୍ୟ ସେମାନଙ୍କୁ ଭେଟିବା ପାଇଁ ସୁଯୋଗ ଦିଆଯାଇନାହିଁ। ଏନେଇ ସ୍ଥାନୀୟ ଲୋକେ ଜିଲ୍ଲା ପ୍ରାସାସନିକ ଅଧିକାରୀଙ୍କୁ ବିଭିନ୍ନ ପ୍ରଶ୍ନ କରିବା ପରେ ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କ ସହଯୋଗରେ ସର୍ବହରା ସୁରକ୍ଷା ସମିତିର ଦୁଇଜଣ ସଦସ୍ୟଙ୍କୁ ସ୍ୱତନ୍ତ୍ର ଟିମ୍ ସହ ଭେଟିବାକୁ ଅନୁମତି ମିଳିଥିଲା। ଦୁଇ ସଦସ୍ୟ ନୀଳାଚଳ ଇସ୍ପାତ ନିଗମ ସଭାଗୃହରେ ସରକାରଙ୍କ ପ୍ରତିନିଧି ଦଳକୁ ଦାବୀପତ୍ର ପ୍ରଦାନ କରିଥିଲେ। କଳିଙ୍ଗନଗର ଶିଳ୍ପାଞ୍ଚଳ ପାଇଁ ଭିଟାମାଟି ଛାଡ଼ିଥିବା ସ୍ଥାନୀୟ ଅଞ୍ଚଳବାସୀଙ୍କୁ ଏପରି ବ୍ୟବହାର ପ୍ରଦର୍ଶନ ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି।

## ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

ବରୁଆଁ,୨୬।୮(ସମିସ): ଯାଜପୁର ବ୍ଲକ ଅନ୍ତର୍ଗତ ମହେଶ୍ୱରପୁର ପଞ୍ଚାୟତ ବେଣିପୁର ଗ୍ରାମର ଗୋଲଖ ସାମଲଙ୍କ ୧୧ତମ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ ଗୋଲଖ ସାମଲ ସ୍ମୃତିସଂସଦ ଓ ହେଲପିଙ୍ଗ ହ୍ୟାଣ୍ଡସର ମିଳିତ ସହଯୋଗରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ଯାଜପୁରର ପୂର୍ବତନ ବିଧାୟକ ତଥା ବିଜୁ ଜନତା ଦଳର ଉପସଭାପତି ପ୍ରଣବ ପ୍ରକାଶ ଦାସ ଉଦ୍‌ଘାଟନ କରିବା ସହ ସ୍ୱର୍ଗତଃ ସାମଲଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହି ଶିବିରରେ ମୋଟ ୨୬ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିବା ଜଣାପଡିଛି। ଏହି ଅବସରରେ ୩୦ ନମ୍ବର ଜୋନ୍‌ର ଜିଲ୍ଲା ପରିଷଦ ସଭ୍ୟା ସୁନିତା ରାଉତ, ମହେଶ୍ୱରପୁର ସରପଞ୍ଚ ସୁଜିତ୍ କୁମାର ରାୟ, ସମିତିସଭ୍ୟା ସ୍ମୃତିରେଖା ସାମଲ, ଜମଧର ପଞ୍ଚାୟତ ସରପଞ୍ଚ ବାଦଲ ଖୁଣ୍ଟିଆ, ବରୁଆଁ ସରପଞ୍ଚଙ୍କ ସ୍ୱାମୀ ଶେଖ୍ ଗୋଲାମ୍ ଅଲ୍ଲୀ, ବରିଷ୍ଠ ବିଜେଡି ନେତା ବ୍ରଜକିଶୋର ପାଢୀ, ଦୀନବନ୍ଧୁ ମଲ୍ଲିକ୍, ଦାମୋଦର ସାହୁ, ବିଜୟ ଦଳେଇ, ବସନ୍ତ ନାୟକ, ସାଗର ଜେନା, ଘନଶ୍ୟାମ ସାମଲ, ଚିଣ୍ଟୁ ମହାନ୍ତି, ଲିଟିଲ ଜେନା, ରାଜେଶ ସାହୁ, ଅଭିମନ୍ୟୁ ନାୟକ, ଗୌରାଙ୍ଗ ସାମଲ, ଗୋପାଳ ସାମଲ, ଦୀପକ୍ ଜେନା, ଗୌତମ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

## ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକଙ୍କ ପରଲୋକ



ଯାଜପୁର,୨୬।୮(ସମିସ): ଯାଜପୁର ବୈଷ୍ଣବ ଦତ୍ତ ହାଇସ୍କୁଲର ଅବସରପ୍ରାପ୍ତ କ୍ରୀଡ଼ାଶିକ୍ଷକ ଗୁରୁଚରଣ ପୃଷ୍ଟି(୭୦)ଙ୍କ ମଙ୍ଗଳବାର ସକାଳେ ହୃଦ୍‌ଘାତରେ ପରଲୋକ ଘଟିଛି। ତାଙ୍କ ମୃତ୍ୟୁଖବର ପ୍ରଚାରିତ ହେବା ମାତ୍ରେ ସହରର ରାମେଶ୍ୱରପୁର ଗ୍ରାମରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଥିଲା। ସେ ଜଣେ ମିଷ୍ଟଭାଷୀ, ପରୋପକାରୀ, ଧର୍ମପରାୟଣ, ମେଳାପୀ ବ୍ୟକ୍ତିଥିଲେ। ଅବସରପ୍ରାପ୍ତଶିକ୍ଷକସଂଘ, ରାଜନୈତିକବ୍ୟକ୍ତିବିଶେଷ, ବହୁ ଶିକ୍ଷକ, ଶିକ୍ଷୟିତ୍ରୀ, ପୂର୍ବତନ ଛାତ୍ରଛାତ୍ରୀ, ବହୁ ମାନ୍ୟଗଣ୍ୟ ବ୍ୟକ୍ତି ରାମେଶ୍ୱରପୁର ସ୍ଥିତ ତାଙ୍କ ବାସଭବନରେ ପହଞ୍ଚି ସ୍ୱର୍ଗତ ପୃଷ୍ଟିଙ୍କ ମରଶରୀରରେ ଶ୍ରଦ୍ଧାସୁମନ ଅର୍ପଣ କରିବା ସହ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ଦୁଇ ପୁଅବୋହୂ, ଝିଅଜ୍ୱାଇଁ, ନାତିନାତୁଣୀ ସମେତ ବନ୍ଧୁ ପରିବାରବର୍ଗ ଉପସ୍ଥିତ ଥିଲେ। ତାଙ୍କ ମରଶରୀରକୁ ବାରୁଣୀ ପଡ଼ିଆରେ ସତ୍କାର କରାଯାଇଥିଲା। ବଡ଼ ପୁଅ ଲଲାଟେନ୍ଦୁ ମୁଖାଗ୍ନି ଦେଇଥିଲେ।

## ବ୍ରହ୍ମାକୁମାରୀ ଅଳିଅଳୀ ଭଉଣୀଙ୍କୁ ଶ୍ରଦ୍ଧାଞ୍ଜଳି



ଧର୍ମଶାଳା,୨୬।୮(ସମିସ): ଧର୍ମଶାଳା ବ୍ଲକ ଜାରକାସ୍ଥିତ ଷ୍ଟାଡିୟମ ପରିସରରେ ଆଜି ବ୍ରହ୍ମାକୁମାରୀ ଅଳିଅଳୀ ଭଉଣୀଙ୍କ ଦ୍ୱାଦଶାହ ଉପଲକ୍ଷେ ଏକ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମାକୁମାର ସରୋଜ ଭାଇଙ୍କ ସଂଯୋଜନାରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ସମାଜସେବୀ ମିନତୀ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଅତିଥି ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ମନୋରଞ୍ଜନ ମହାନ୍ତି, ବ୍ରହ୍ମାକୁମାରୀ ସାଗରିକା ଭଉଣୀ, ଉଷା ଭଉଣୀ, କ୍ରିଷ୍ଣା ଭଉଣୀ, ରିନା ଭଉଣୀ, ଜ୍ୟୋତି ଭଉଣୀ, ବିନ୍ଦୁ ଭଉଣୀ, ସୁଚିତ୍ରା ଭଉଣୀ, ବିଜୟା ଭଉଣୀ, ତ୍ରିବେଣୀ ଭଉଣୀ, ମାନସୀ ଭଉଣୀ,,ହେମଲତା ଭଉଣୀ, ଆନନ୍ଦ ଭାଇ, ଜୟକୃଷ୍ଣ ଭାଇ, ଡ. ରମାକାନ୍ତ ଜେନା, ଅବସରପ୍ରାପ୍ତ ଅଧ୍ୟାପକ ପ୍ରଶାନ୍ତ କୁମାର ସାହୁ ପ୍ରମୁଖ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଜାରକା ଶାଖାର ସଞ୍ଚାଳିକା ଦାୟିତ୍ୱ ଅଳିଅଳୀ ଭଉଣୀ ଏକ ଦଶନ୍ଧୀ ହେବ ଗୁରୁତର ସହ କାର୍ଯ୍ୟନିର୍ବାହ କରି ରାଜ୍ୟ ସଂଗଠନରେ ନିଜର ପରିଚୟ ସୃଷ୍ଟି କରି ପାରିଥିଲେ ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହେଇଥିଲା। ଯାଜପୁର ଜିଲ୍ଲା ରେଡକ୍ରସର ଅଭିଜ୍ଞ ଡାକ୍ତରମାନେ ରକ୍ତଦାତାଙ୍କ ଠାରୁ ରକ୍ତ ସଂଗ୍ରହ କରିଥିଲେ। ଏଥିରେ ୪୨ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା।

ବ୍ୟାସନଗରରେ କୋରେଇ ବ୍ଲକସ୍ତରୀୟ ଏସିଡିସି ବୈଠକ

## କୋରେଇ ଭବନ ପାଇଁ ହେବ ନୂଆ ଟେଣ୍ଡର

ବ୍ୟାସନଗର,୨୬।୮(ସମିସ)




ବ୍ୟାସନଗର ସହରର ବ୍ୟାସଦେବ ଟାଉନ ହଲ ପରିସରରେ ମଙ୍ଗଳବାର ଏସିଡିସି (ବିଧାନସଭା ନିର୍ବାଚନମଣ୍ଡଳୀସ୍ତରୀୟ ଉନ୍ନୟନ କମିଟି) ବୈଠକ ଅନୁଷ୍ଠିତ ହୋଇଯାଇଛି। ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟଅତିଥି ଭାବେ କୋରେଇ ବିଧାୟିକ ଆକାଶ ଦାସନାୟକ ଯୋଗ ଦେଇ କୋରେଇ ନିର୍ବାଚନ ମଣ୍ଡଳୀର ବିଭିନ୍ନ ପ୍ରକଳ୍ପ ସମ୍ପର୍କରେ କୋରେଇ ଏବଂ ବ୍ୟାସନଗର ମ୍ୟୁନିସିପାଲିଟିର ବିଭିନ୍ନ ଲାଇନ ଡିପାର୍ଟମେଣ୍ଟର ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ। ବିଶେଷକରି କୋରେଇ ବ୍ଲକ୍‌ରେ ବିଭିନ୍ନ ସବସେଣ୍ଟର ନିର୍ମାଣ କାର୍ଯ୍ୟ ଧିମା ହେଉଥିବା ନେଇ ସେ ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧିକାରୀଙ୍କୁ ତାଗିଦ୍ କରିବା ସହିତ ତୁରନ୍ତ ଉକ୍ତ ଗୃହ କାର୍ଯ୍ୟ ଶେଷ କରି ଜିଲ୍ଲା ମୁଖ୍ୟ ମେଡିକାଲ ଅଧିକାରୀଙ୍କୁ ହସ୍ତାନ୍ତର କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବର୍ଷା ଦିନ ନିମନ୍ତେ ଅଧାପନ୍ତରିଆ ରହିଥିବା କାର୍ଯ୍ୟକୁ ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହା ସହିତ କୋରେଇର ବିଭିନ୍ନ ଅଞ୍ଚଳରେ ଥିବା ଆର୍‌ଆଇ ଅଫିସ, ମେଡିକାଲ ଗୃହ ନିର୍ମାଣ କାର୍ଯ୍ୟ ତୁରନ୍ତ ସାରିବାକୁ ମଧ୍ୟ ବିଧାୟକ ନିର୍ଦ୍ଦେଶ ଦେଇଥିଲେ। ସେହିପରି ପାଣିକୋଇଲିରେ ନିର୍ମିତ ହୋଇଥିବା ଆଶୁ ଚିକିତ୍ସା କେନ୍ଦ୍ର ଖୁବଶୀଘ୍ର ଲୋକାର୍ପଣ ହେବାକୁ ଥିବାବେଳେ ଏହାର ସୁବ୍ୟବସ୍ଥିତ କରିବାକୁ ଏହା ପରିସରରେ ଷ୍ଟାଫ୍ ଗୃହ ନିର୍ମାଣ କରିବାକୁ ଟେଣ୍ଡର କରିବାକୁ ଏବଂ ଡିପିଆର କରିବାକୁ ପୂର୍ତ୍ତ ବିଭାଗକୁ ନିର୍ଦ୍ଦେଶ ଦେବା ସହିତ କୋରେଇବାସୀଙ୍କ ଭାବାବେଗ ସହିତ ଜଡ଼ିତ କୋରେଇ ଭବନ ନିର୍ମାଣ ନିମନ୍ତେ ବିଧାୟକ ଆନ୍ତରିକତା ଦେଖାଇବା ସହିତ ମୁଖ୍ୟମନ୍ତ୍ରୀଙ୍କ ପାଣ୍ଠିରୁ ୫୦ ଲକ୍ଷ ଏବଂ ପୂର୍ବ କାର୍ଯ୍ୟ ବକେୟାରୁ ୨୪ ଲକ୍ଷ ମୋଟ ୭୪ ଲକ୍ଷ ବ୍ୟୟରେ ନୂତନ ଟେଣ୍ଡର କରିବାକୁ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ବ୍ୟାସନଗର ସହରର ରାସ୍ତା ଏବଂ ଡ୍ରେନ୍ ସମସ୍ୟା ସମାଧାନ ଦିଗରେ ବ୍ୟାସନଗର ମୁନିସିପାଲିଟିର ଅଧ୍ୟକ୍ଷ ସୁବାସ ବଳ ଜିଲ୍ଲାପାଳ ଏବଂ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ଏହି କାର୍ଯ୍ୟ ଦୁର୍ଗାପୂଜା ପୂର୍ବରୁ ସାରିବାକୁ ନିର୍ଦ୍ଦେଶ ଦେଇଥିଲେ। କୋରେଇ ଏବଂ ଯାଜପୁର ରୋଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନୂତନ ଗୃହ ନିମନ୍ତେ ଟେଣ୍ଡର ସରିଥିବାରୁ ତୁରନ୍ତ କାର୍ଯ୍ୟ ଆରମ୍ଭ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହା ସହିତ ଆହୁରି ଅନେକ ସମସ୍ୟା ସଂପର୍କରେ ଆଲୋଚନା କରାଯାଇଥିଲା। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପ୍ରକଳ୍ପ ଅଧିକାରୀ ଦେବୀପ୍ରସାଦ ମହାନ୍ତି, ଉପ ଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ବିଜୟ କୁମାର ମିଶ୍ର, ଅତିରିକ୍ତ ଜିଲ୍ଲାପାଳ କଳିଙ୍ଗନଗର ସପନ କୁମାର ନନ୍ଦ, ବ୍ୟାସନଗର ମ୍ୟୁନିସିପାଲିଟିର ଅଧ୍ୟକ୍ଷ ସୁବାସ ଚନ୍ଦ୍ର ବଳ, କୋରେଇ ବ୍ଲକ ଅଧ୍ୟକ୍ଷା ଜୟନ୍ତୀ ଦଳେଇ, ଜିଲ୍ଲା ସୂଚନା ଏବଂ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକଙ୍କ ସମେତ ଜିଲ୍ଲା, ମ୍ୟୁନିସିପାଲିଟି ଏବଂ ବ୍ଲକର ସମସ୍ତ ବିଭାଗର ଅଧିକାରୀ ଉପସ୍ଥିତ ରହିଥିଲେ।

# ଗାଁ ଦାଣ୍ଡରେ ଲହଡ଼ି ଭାଙ୍ଗୁଛି ବନ୍ୟା ଜଳ





## ରାଜସ୍ୱ ମନ୍ତ୍ରୀଙ୍କ ବନ୍ୟାଞ୍ଚଳ ପରିଦର୍ଶନ

## ବନ୍ୟାଜଳରେ ଭାସିଯାଇ ଛାତ୍ର ନିଖୋଜ







**ଦଶରଥପୁର/କଣ୍ୟାଁଗୋଲା, ୨୬।୮ (ସମିସ)**

ବୈତରଣୀ ନଦୀର ଶାଖା କାଣି ନଦୀରେ ସୃଷ୍ଟି ହୋଇଥିବା ଘାଇ ଯୋଗୁଁ ଦଶରଥପୁର ବ୍ଲକର ଶତାଧିକ ଗାଁ ପ୍ରଭାବିତ ହୋଇଛି। ଉପର ମୁଣ୍ଡରେ ବୈତରଣୀର ଜଳସ୍ତର ହ୍ରାସ ପାଇଥିଲେ ମଧ୍ୟ ଘାଇରେ ଆଜି ବି ପାଣି ପ୍ରବାହିତ ହୋଇ ବ୍ୟାପକ ଅଞ୍ଚଳ ଜଳମଗ୍ନ ହୋଇଛି। ଗାଁ ଦାଣ୍ଡରେ ବନ୍ୟା ଜଳ ଲହଡ଼ି ଭାଙ୍ଗୁଛି। ଆଜି ଅପରାହ୍ନରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ବନ୍ୟା ପ୍ରଭାବିତ ଅଞ୍ଚଳରେ ପହଞ୍ଚି ଯାଜପୁର ଜିଲ୍ଲାରେ ସର୍ବାଧିକ ବନ୍ୟା ଯୋଗୁଁ କ୍ଷତିଗ୍ରସ୍ତ ହୋଇଥିବା ସୂଚନା ଦେଇଛନ୍ତି। ବନ୍ୟା କମିବା ପରେ ତୁରନ୍ତ ମରାମତି ଆରମ୍ଭ ହେବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ଯାଜପୁର ଜିଲ୍ଲାର ଦଶରଥପୁର ଏବଂ ଯାଜପୁର ବ୍ଲକ ଏହି ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛି। ଉଭୟ ବ୍ଲକର ମୋଟ ୨୧ଟି ପଞ୍ଚାୟତର ୬୭ଟି ଗାଁ ପ୍ରଭାବିତ ହୋଇଥିବା ପ୍ରଶାସନ ସୂତ୍ରରୁ ଜଣାପଡ଼ିଛି। ବନ୍ୟା ଯୋଗୁଁ ୧୮ ହଜାର ୪୩୩ ଜଣ ପ୍ରଭାବିତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୯୬୪୬ ଜଣଙ୍କୁ ସ୍ଥାନାନ୍ତର କରାଯାଇଛି। ସେହିପରି ବନ୍ୟା ଦ୍ୱାରା ୩୬୯୪ ହେକ୍ଟର ଚାଷ ଜମି ପ୍ରଭାବିତ ହୋଇଥିବା ବେଳେ ପ୍ରଶାସନ ପକ୍ଷରୁ ବନ୍ୟା ବିପନ୍ନ ମାନଙ୍କୁ ରନ୍ଧା ଖାଦ୍ୟ ଓ ରିଲିଫ ସାମଗ୍ରୀ ଯୋଗାଇ ଦିଆଯାଉଛି। ଦଶରଥପୁର ବ୍ଲକ ଦେଇ ପ୍ରବାହିତ ହୋଇଥିବା ବୈତରଣୀ ନଦୀରେ ବନ୍ୟା ଫଳରେ କାଣି ନଦୀରେ ଘାଇ ଯୋଗୁଁ ସୃଷ୍ଟି ହୋଇଥିବା ପ୍ରଳୟଙ୍କରୀ ବନ୍ୟା ପାଣିରେ ଆଜି ଜଣେ କଲେଜ ଛାତ୍ର ନିଖୋଜ ହୋଇଥିବା ଜଣାଯାଇଛି। ନିଖୋଜ ଛାତ୍ର ଦଶରଥପୁର ବ୍ଲକ ମଲ୍ଲିକାପୁର ପଞ୍ଚାୟତ ୮ ୱାର୍ଡର ମନ୍ମଥ ରଣାଙ୍କ ପୁଅ ମଦନ ମୋହନ ରଣା (୨୦) ବୋଲି ଜଣାଯାଇଛି। ମଦନ ବନ୍ୟା ପାଣିରେ ବୁଡ଼ିଥିବା ମଲ୍ଲିକାପୁର-ବଉଳାଙ୍ଗ ରାସ୍ତାର କେନ୍ଦୁଆ ନାଳ ଉପରେ ଥିବା ପୋଲ ତଳକୁ ଶୌଚ ହେବାକୁ ଯାଇଥିବା ସମୟରେ ପଟୁ ମାଟିରେ ଗୋଡ଼ ଖସିଯିବାରୁ ବନ୍ୟା ପାଣିରେ ଭାସି ଯାଇଥିଲେ। ଖବର ପାଇ ସ୍ଥାନୀୟ ଲୋକେ ଏବଂ ଓଡ୍ରାଫ୍ ଟିମର ଦୁଇଟି ବୋଟ ଓ ବୁଡ଼ାଳି ଦଳ ମଦନଙ୍କୁ ଠାବ କରିବା ପାଇଁ ଉଦ୍ୟମ ଜାରି ରଖିଥିଲେ ମଧ୍ୟ ତାଙ୍କର କୌଣସି ପତ୍ତା ମିଳିପାରିନାହିଁ। ବନ୍ୟା ଜଳ ଏବେ ବି ଗାଁ ଦାଣ୍ଡରେ ଲହଡ଼ି ମାରୁ ଥିବା ବେଳେ ଅନେକ ପରିବାର ଛାତ ଉପରେ ଆଶ୍ରୟ ନେଇଥିବା ଦେଖିବାକୁ ମିଳିଛି। ଯାହା ଫଳରେ ରିଲିଫ ଓ ଉଦ୍ଧାର କାର୍ଯ୍ୟ ପ୍ରଭାବିତ ହୋଇଛି। ବନ୍ୟା ଯୋଗୁଁ ବିଦ୍ୟୁତ୍ ଓ ଟେଲି ଯୋଗାଯୋଗ ମଧ୍ୟ ବାଧାପ୍ରାପ୍ତ ହୋଇଛି।

**କଣ୍ୟାଁଗୋଲା:** ଅପରାହ୍ନରେ ମନ୍ତ୍ରୀ ଶ୍ରୀ ପୂଜାରୀ ଦଶରଥପୁର ବ୍ଲକର କାଣି ନଦୀର ବନ୍ଧରେ ହୋଇଥିବା ୮୦ ଫୁଟ୍ ଘାଇକୁ ବୁଲି ଦେଖିବା ସହ ବିଭିନ୍ନ ବନ୍ୟା ବିପନ୍ନ ଲୋକଙ୍କ ସ୍ଥିତିକୁ ପରଖିଥିଲେ। ପରେ ମନ୍ତ୍ରୀ ଶ୍ରୀ ପୂଜାରୀ କାଣି ନଦୀର ଉତ୍ପନ୍ନସ୍ଥଳ ପରିଦର୍ଶନ କରିବା ସହ ବୈତରଣୀ ନଦୀର ଦୁର୍ବଳ ବନ୍ଧ ଗୁଡିକୁ ବୁଲି ଦେଖି ବନ୍ୟା ପାଣିରେ ଉପୁଟ୍ଟୁ କଣ୍ୟାଁ ପଞ୍ଚାୟତ ଧରମପୁର, କଣ୍ୟାଁ, ଗହିରାପୁର ଓ ଗୁଣ୍ଡୁଣିପଡ଼ା ପ୍ରଭୃତି ଗ୍ରାମକୁ ଯାଇ ବିପନ୍ନଙ୍କ ଅବସ୍ଥାକୁ ଅନୁଧ୍ୟାନ କରିଥିଲେ। ଏବେବି ଦଶରଥପୁର ବ୍ଲକର ୨୦ରୁ ଊର୍ଦ୍ଧ୍ୱ ପଞ୍ଚାୟତ ବନ୍ୟାରେ ପ୍ଲାବିତ ହେବା ସହ ହଜାର ହଜାର ହେକ୍ଟର ଧାନ ଚାଷ ଜମି ବୁଡ଼ି ରହିଛି। ପ୍ରଶାସନ ପକ୍ଷରୁ ପ୍ରାୟ ୫ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କୁ ଆଶ୍ରୟସ୍ଥଳକୁ ନିଆଯାଇ ରଖାଯାଇଥିବା ବେଳେ ସେମାନଙ୍କୁ ରିଲିଫ୍ ଆକାରରେ ରନ୍ଧା ଖାଦ୍ୟ ଓ ଶୁଖିଲା ଖାଦ୍ୟ ଦିଆଯାଉଛି। ମନ୍ତ୍ରୀଙ୍କ ଏହି ଗସ୍ତ ସମୟରେ ବିଜେପି ଜିଲ୍ଲା ସଭାନେତ୍ରୀ ଦେବଜାନୀ ପ୍ରଧାନ, ବିଧାୟକ ଅମର ନାୟକ, ଆକାଶ ଦାସନାୟକ, ହିମାଂଶୁ ଶେଖର ସାହୁ, ବିଜେପି ନେତା ଗୌତମ ରାୟ, ବବିତା ମଲ୍ଲିକ ଓ ଜଳ ସମ୍ପଦ ବିଭାଗ ମୁଖ୍ୟଯନ୍ତ୍ରୀ, ସ୍ୱତନ୍ତ୍ର ରିଲିଫ୍ କମିଶନର, ଯାଜପୁର ଜିଲ୍ଲାପାଳ, ଜଳ ସମ୍ପଦ ବିଭାଗର ଅଧିକ୍ଷଣ ଯନ୍ତ୍ରୀ, ଦଶରଥପୁର ବିଡିଓ, ତହସିଲଦାର ପ୍ରମୁଖ ମନ୍ତ୍ରୀଙ୍କ ଏହି ଗସ୍ତରେ ସମିଲ ହୋଇଥିଲେ।



### ବନ୍ୟାର ସ୍ଥାୟୀ ପ୍ରତିକାର ଦାବି

**ଯାଜପୁର:** ବନ୍ୟାର ସ୍ଥାୟୀ ପ୍ରତିକାର ଓ ରାସ୍ତା ସୁଦୃଢ଼ିକରଣ ନେଇ ସିମିଳିଆ ପଞ୍ଚାୟତବାସୀ ଯାଜପୁର ଗସ୍ତରେ ଆସିଥିବା ରାଜ୍ୟ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ପ୍ରଦକ୍ଷଣ ଗୃହ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ବୈତରଣୀ ନଦୀର ଶାଖା ନଦୀ ବୁଢ଼ା ଓ ଖରସ୍ରୋତା ନଦୀରେ ବନ୍ୟା ଆସିଲେ ସିମିଳିଆ ପଞ୍ଚାୟତ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଏ। ବୁଢ଼ା ଘାଟ ଠାରୁ ସିମିଳିଆକୁ ପଡ଼ିଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା ରାସ୍ତାଟି ବନ୍ୟା ଜଳରେ ବୁଡ଼ିଯିବା ଦ୍ୱାରା ପଞ୍ଚାୟତବାସୀ ଜଳବନ୍ଦୀ ଜୀବନ ବିତାନ୍ତି। ଏହାର ସ୍ଥାୟୀ ପ୍ରତିକାର ଓ ରାସ୍ତା ସୁଦୃଢ଼ିକରଣ କରିବାକୁ ପଞ୍ଚାୟତବାସୀ ଦାବି କରିଥିଲେ। ସାମାନ୍ୟ ନଦୀରେ ବନ୍ୟା ଆସିଲେ ଯୋଗାଯୋଗ ବିଚ୍ଛିନ୍ନ ହେବା ସହ ଚାଷ ଜମିରେ ବନ୍ୟା ଜଳ ମାଡ଼ିଯିବାରୁ ଧାନ ଓ ପରିବା ଚାଷ ସମ୍ପୂର୍ଣ୍ଣ ଉଜୁଡ଼ି ଯାଏ। ସିମିଳିଆ ପଞ୍ଚାୟତ ବନ୍ୟା ଦାଉରୁ କିପରି ରକ୍ଷା ପାଇବେ ଓ ଗମନାଗମନର ସୁବିଧା ନିମନ୍ତେ ରାସ୍ତାଟି ସୁଦୃଢ଼ିକରଣ କିପରି ହୋଇପାରିବ ସେ ନେଇ ପୂର୍ବତନ ଜିଲ୍ଲା ବିଜେପି ସଭାପତି ଗୌତମ ରାୟ ରାଜସ୍ୱ ମନ୍ତ୍ରୀ ଶ୍ରୀ ପୂଜାରୀଙ୍କ ସହିତ ବିସ୍ତୃତ ଆଲୋଚନା କରିଥିଲେ। ଏହି ଆଲୋଚନା ସମୟରେ ବଡ଼ଚଣା ବିଧାୟକ ଅମର ପ୍ରସାଦ ନାୟକ ଉପସ୍ଥିତ ଥିଲେ। ବିଜେପି କର୍ମକର୍ତ୍ତା ମହେନ୍ଦ୍ର କୁମାର ରାଉତ, ହୃଷୀକେଶ ମେକାପ, ବିରଞ୍ଚି ନାରାୟଣ ପୃଷ୍ଟି, ଶଙ୍କର୍ଷଣ ବେହେରା ପ୍ରମୁଖ ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

### ବୈତରଣୀ କମୁଛି; ଖରସ୍ରୋତାରେ ବଢୁଛି

**ପାଣିକୋଇଲି:** ବୈତରଣୀ ନଦୀରେ ବନ୍ୟାଜଳ ହ୍ରାସ ପାଉଥିବା ବେଳେ ଖରସ୍ରୋତାରେ ବନ୍ୟା ଜଳ ବଢ଼ିବାରେ ଲାଗିଛି। କୋରେଇ ଏକ ବନ୍ୟା ପ୍ରଭାବିତ ଅଞ୍ଚଳ ଭାବେ ଜଣାଶୁଣା। ଉତ୍ତରରେ ବୈତରଣୀ ଓ ଦକ୍ଷିଣରେ ଖରସ୍ରୋତା ପ୍ରବାହିତ ହେଉଛି। ଗୋଟିଏ ପଟେ ବୈତରଣୀ ତାଣ୍ଡବ ରଚିଥିବା ବେଳେ କୋରେଇ ରକ୍ଷା ପାଇଥିଲା। ଏବେ ଖରସ୍ରୋତା ବଢୁଛି। ଖରସ୍ରୋତା ଯଦି ଆଗକୁ ବଢ଼େ କୋରେଇ ପ୍ରଭାବିତ ହେବାର ସମ୍ଭାବନା ରହିଛି। ରସୁଲପୁର ଓ କୋରେଇ ଦୁଇଟି ବ୍ଲକର ୬ଟି ପଞ୍ଚାୟତ (ତଣ୍ଡରା, ବଡବିରୁହା, ଗୋଲେଇପୁର) ପ୍ରଭାବିତ ହେବାର ସମ୍ଭାବନା ସୃଷ୍ଟି ହୋଇଛି। ଲଘୁଚାପ ଜନିତ ବର୍ଷା କମିଥିବାରୁ ପ୍ରଭାବ ନ ପଡ଼ିପାରେ ବୋଲି ଆଶା କରାଯାଉଛି।

### ବିପନ୍ନଙ୍କ ପାଖରେ ପହଞ୍ଚିପାରିଲେନି ମନ୍ତ୍ରୀ

**ମଙ୍ଗଳପୁର:** ଦଶରଥପୁର ବ୍ଲକ କସପା ପଞ୍ଚାୟତ ଅହିୟାସ ପଚପଡ଼ା ଦରଘା ନିକଟରେ କାଣି ନଦୀରେ ସୃଷ୍ଟି ହୋଇଥିବା ଘାଇର ଆକାର ବଢ଼ିବଢ଼ି ଚାଲିଛି। ଘାଇ ସ୍ଥାନ ଯେତେ ବଢ଼ିବାରେ ଲାଗିଛି ଲୋକମାନଙ୍କ ଦୁର୍ଦ୍ଦଶା ସେତେ ବଢ଼ିବାରେ ଲାଗିଛି। ଘାଇ ସ୍ଥାନ ଦେଖିବା ପାଇଁ ଆଜି ଅପରାହ୍ନରେ ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ ଆସିଥିଲେ। ପ୍ରଥମେ ଅହିୟାସ ଯାଇ ଘାଇ ଅଞ୍ଚଳ ବୁଲି ଦେଖିଥିବା ବେଳେ ପରେ ଜୟନ୍ତରା ଯାଇ ବନ୍ୟାଞ୍ଚଳ ବୁଲି ଦେଖିଥିଲେ। ପରେ ସନ୍ଧ୍ୟାରେ ବ୍ଲକର ବନ୍ୟାଞ୍ଚଳ ଭାବେ ଚିରପରିଚିତ କଣ୍ୟାଁ ପଞ୍ଚାୟତକୁ ବନ୍ୟା ସ୍ଥିତି ଅନୁଧ୍ୟାନ କରିବା ପାଇଁ ଯାଇଥିଲେ। ମନ୍ତ୍ରୀ କଣ୍ୟାଁରେ ପହଞ୍ଚିବା ବେଳକୁ ଅନ୍ଧାର ହୋଇଯାଇ ଥିବାରୁ ବୈତରଣୀ ନଦୀ ଉପରେ ଥିବା କଣ୍ୟାଁଗୋଲା ପୋଲ ଉପରେ ଠିଆହୋଇ ନଈରେ ପ୍ରବାହିତ ବନ୍ୟା ପାଣି ଦେଖି ବନ୍ୟା ସ୍ଥିତି ଅନୁଧ୍ୟାନ କରିଥିଲେ। ବନ୍ୟା ସ୍ଥିତି ଅନୁଧ୍ୟାନ କରିବା ପାଇଁ ଆସିଥିବା ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କୌଣସି ବିପନ୍ନଙ୍କୁ ନ ଭେଟି କେବଳ ପୋଲ ଉପରୁ ନଦୀରେ ପ୍ରବାହିତ ପାଣି ଦେଖି ବନ୍ୟା ସ୍ଥିତି ଅନୁଧ୍ୟାନ କରି ଫେରିଯିବା ଭଳି ଘଟଣା ବିପନ୍ନ ମାନଙ୍କୁ ଶକ୍ତ ଆଘାତ ଦେଇଛି। ମନ୍ତ୍ରୀ ଆସିବା ଶୁଣି ବିପନ୍ନ ମାନେ ଆଶା ରଖିଥିଲେ ମନ୍ତ୍ରୀ ଆସିବେ ବିପନ୍ନ ମାନଙ୍କ ଦୁଃଖ ଦୁର୍ଦ୍ଦଶା ଶୁଣିବେ ଓ ବନ୍ୟା ସମସ୍ୟା ବିଷୟରେ ବିପନ୍ନ ମାନେ ମନ୍ତ୍ରୀଙ୍କୁ ଅବଗତ କରିବେ; କିନ୍ତୁ ମନ୍ତ୍ରୀ ନା ବନ୍ୟା ଅଞ୍ଚଳକୁ ଗଲେ ନା ବିପନ୍ନମାନଙ୍କୁ ଭେଟିଲେ, ନା ବିପନ୍ନମାନଙ୍କ ଠାରୁ ସେମାନଙ୍କ ସମସ୍ୟା ଶୁଣିଲେ। କେବଳ ଗାଡ଼ିରେ ଗାଡ଼ିରେ ମନ୍ତ୍ରୀ ଆସିଲେ ଓ ଅନ୍ଧାରି ବିଜେ କରି ମନ୍ତ୍ରୀ କେବଳ ସାମ୍ବାଦିକ ମାନଙ୍କୁ ବାଇଟ୍ ଦେଇ ଫେରିଗଲେ। ସେହିପରି ଛପର ଘର ଗୁଡିକୁ ତହସିଲ ପକ୍ଷରୁ ଆବଶ୍ୟକ ପରିମାଣରେ ପାଲ ଯୋଗେଇ ଦେବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିବା କଥା କହିଥିବା ବେଳେ ବନ୍ୟା ବିପନ୍ନମାନଙ୍କୁ ତହସିଲ ପକ୍ଷରୁ ଯୋଗେଇ ଦିଆଯାଉ ଥିବା ପାଲଗୁଡିକୁ କଟାଯାଇ ଛୋଟ ଛୋଟ କରି ଦିଆଯାଉଛି ବୋଲି କେତେକ ବିପନ୍ନ ମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗ ଉପରେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମନ୍ତ୍ରୀ ସ୍ପଷ୍ଟ କରିଥିଲେ।

## ରେଙ୍ଗାଲିର ୩ ଗେଟ୍ ଖୋଲା

# ଫୁଲୁଛି ବ୍ରାହ୍ମଣୀ ଓ ଶାଖା ନଦୀ

**ଧର୍ମଶାଳା:** ଉପରମୁଣ୍ଡରେ ବର୍ଷା ଲାଗିରହିବା ଫଳରେ ବ୍ରାହ୍ମଣୀ ଓ ତାର ଶାଖା ନଦୀ ଗୁଡିକ ଫୁଲିବାରେ ଲାଗିଛି। ରେଙ୍ଗାଲି ଡ୍ୟାମର ଜଳପତନ ବୃଦ୍ଧି ପାଉଥିବାରୁ ତିନୋଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସିତ ହେଉଛି। ତେବେ ରେଙ୍ଗାଲିର ଜଳଧାରଣ କ୍ଷମତା ୧୨୩.୫୦ ମିଟର ରହିଥିବା ବେଳେ ଆଜି ପୂର୍ବାହ୍ନ ସୁଦ୍ଧା ୧୨୨.୮୫ ମିଟର ଜଳସ୍ତର ରହିଥିବା ସରକାରୀ ୱେବସାଇଟ୍‌ରୁ ଜଣାପଡ଼ିଛି। ଫଳରେ ବ୍ରାହ୍ମଣୀ ଏବଂ ଏହାର ଶାଖା ଖରସ୍ରୋତା ଓ କେଲୁଅ ନଦୀରେ ଜଳପତନ ଧିରେ ଧିରେ ବଢୁଥିବା ଦେଖିବାକୁ ମିଳିଛି। ବ୍ରାହ୍ମଣୀ ନଦୀର ଜେନାପୁର ଠାରେ ବିପଦ ସଙ୍କେତ ୬୭ ଫୁଟ ରହିଥିବା ବେଳେ ସନ୍ଧ୍ୟା ୭ଟା ସୁଦ୍ଧା ୬୪.୨୦ ଫୁଟ ଉଚ୍ଚରେ ବନ୍ୟାଜଳ ପ୍ରବାହିତ ହେଉଛି। ତେବେ ଆଜି ରେଙ୍ଗାଲି ଡ୍ୟାମରେ ଜଳସ୍ତର ସ୍ଥିର ରହିଥିବାରୁ ଆଉ ଏକ ଗେଟ ଖୋଲିବାର ନାହିଁ ବୋଲି ଜାରକା ଜଳସେଚନ ବିଭାଗ ପକ୍ଷରୁ କୁହାଯାଇଛି। ଆଜି ରାତିତମାମ ବ୍ରାହ୍ମଣୀ ଓ ଏହାର ଶାଖା ନଦୀ ଗୁଡିକର ଜଳସ୍ତର ଧିରେ ଧିରେ ବୃଦ୍ଧି ପାଇବାର ଆଶଙ୍କା ରହିଛି। ନଦୀକୂଳରେ ବସବାସ କରୁଥିବା ଲୋକମାନଙ୍କୁ ସତର୍କ ରହିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ନିବେଦନ କରାଯାଇଛି। ଏହି ବନ୍ୟାଜଳରେ ବରୀ ଭଳି ତଳିଆ ଅଞ୍ଚଳରେ କ୍ଷତି ଘଟିବାର ସମ୍ଭାବନା ଦେଖାଦେଇଛି। ତେବେ ବ୍ରାହ୍ମଣୀର ଶାଖା କେଲୁଅ ନଦୀ ବଢୁଥିବାରୁ କୃଷ୍ଣଦାସପୁର- ବରୁଆଁ ରାସ୍ତାର ଭଗବାନପୁର ଠାରେ ରାସ୍ତା ଉପରେ ୨ ଫୁଟ ଉପରେ ବନ୍ୟାଜଳ ପ୍ରବାହିତ ହେଉଥିବା ଦେଖିବାକୁ ମିଳିଛି। ଫଳରେ ଉକ୍ତ ରାସ୍ତା ଦେଇ ଯାନବାହାନ ଚଳାଚଳବନ୍ଦ ରହିଛି। ସେହିପରି କୋତପୁର ଫାଣି ନିକଟରେ ରହିଥିବା ସ୍କୁଲ ଭିତରେ ବନ୍ୟାଜଳ ପ୍ରବେଶ କରୁଥିବାରୁ ସ୍କୁଲକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ କରିଦିଆଯାଇଛି। ଏହି ବନ୍ୟାରେ ବ୍ୟାପକ ଚାଷ ଜମି ଜଳମଗ୍ନ ହୋଇଥିବା ଦେଖିବାକୁ ମିଳିଛି। ତେବେ ଏଭଳି ଅବସ୍ଥାରେ ବର୍ଷା ପରିମାଣ ବୃଦ୍ଧି ପାଇଲେ ରେଙ୍ଗାଲିର ଆଉ ଏକ ଗେଟ୍ ଖୋଲିବା ନେଇ ଆଶଙ୍କା କରାଯାଉଛି। ହେଲେ ଆଜି ଉପରମୁଣ୍ଡରେ ବର୍ଷା କମିଥିବାରୁ ଅନ୍ୟ ଏକ ଗେଟ ଖୋଲିବାର ନାହିଁ ବୋଲି ଜଳସେଚନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିବାରୁ ନଦୀକୂଳିଆ ଲୋକେ ଆଶ୍ୱସ୍ତି ଅନୁଭବ କରିଛନ୍ତି।

## ଜାରକାକୁ ଏନ୍ଏସି ଘୋଷଣା ଦାବିରେ ଗଣଧାରଣା

**ଧର୍ମଶାଳା, ୨୬।୮ (ସମିସ):** ଧର୍ମଶାଳା ବ୍ଲକ ଜାରକା ଅଞ୍ଚଳକୁ ଏନ୍ଏସି ଘୋଷଣା ଦାବିରେ ଧର୍ମଶାଳା କଂଗ୍ରେସ କମିଟି ପକ୍ଷରୁ ଆଜି ଫ୍ଲାଏଓଭର ବ୍ରିଜ ତଳେ ସକାଳ ୯ଟାରୁ ଦିନ ୨ଟା ପର୍ଯ୍ୟନ୍ତ ଗଣଧାରଣା ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ତଥା କଂଗ୍ରେସ ନେତା କିଶାନ ପଣ୍ଡାଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ କର୍ମୀ ଗଣଧାରଣାରେ ଯୋଗଦେଇ ରାଜ୍ୟ ସରକାର ତୁରନ୍ତ ଜାରକାକୁ ଏନ୍ଏସି ଘୋଷଣା କରିବାକୁ ଦାବି କରିଥିଲେ।


ସୂଚନା ମୁତାବକ ୧୯୮୯ ମସିହାରେ ଜାରକାକୁ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍ଏସି) କରାଯିବା ନେଇ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ହେଲେ ତାହା କାର୍ଯ୍ୟକାରୀ ହୋଇପାରି ନଥିଲା। ସେହିପରି ୧୯୯୮ ମସିହାରେ ବ୍ଲକ ଅଧ୍ୟକ୍ଷ କିଶାନ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଦ୍ୱିତୀୟ ଥର ପାଇଁ ଜାରକାକୁ ଏନ୍ଏସି ମାନ୍ୟତା ପ୍ରଦାନ ନେଇ ରାଜ୍ୟ ସରକାର ବିଜ୍ଞପ୍ତି ପ୍ରକାଶ କରିଥିଲେ। ହେଲେ ତାହା କାର୍ଯ୍ୟକାରୀ ନହୋଇ ନାଲିଫିତା ତଳେ ବନ୍ଧା ହୋଇ ରହିଯାଇଥିଲା। ୨୦୨୪ ମସିହା ରାଜ୍ୟରେ ବିଜେଡି ସରକାର ସମୟରେ ଜାରକାକୁ ଏନ୍ଏସି (ବିଜ୍ଞାପିତ ଅଞ୍ଚଳ ପରିଷଦ) ଘୋଷଣା କରାଯିବା ନେଇ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ରାଜ୍ୟରେ ବିଜେପି ସରକାର ଆସିବା ପରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ୧୨ଗୋଟି ନୂଆ ବିଜ୍ଞାପିତ ଅଞ୍ଚଳ ପରିଷଦ ଗଠନ ପାଇଁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପୂର୍ବରୁ ପ୍ରକାଶିତ ବିଜ୍ଞପ୍ତି ତାଲିକା ମଧ୍ୟରୁ ଜାରକା ଅଞ୍ଚଳକୁ ଏନଏସ ମାନ୍ୟତା ପ୍ରଦାନ କରିବାରୁ ବାଦ ଦିଆଯାଇଛି। ଏହାର ପ୍ରତିବାଦରେ ଆଜି କଂଗ୍ରେସ ପକ୍ଷରୁ ଗଣଧାରଣା ଓ ପ୍ରତିବାଦ ସଭା କରାଯାଇ ରାଜ୍ୟ ସରକାରଙ୍କ ନିଷ୍ପତିକୁ ଦୃଢ଼ ବିରୋଧ କରାଯିବା ସହ ଜାରକା ଅଞ୍ଚଳକୁ ତୁରନ୍ତ ଏନ୍ଏସି ଘୋଷଣା କରିବାକୁ ଦାବି କରାଯାଇଛି। ସଂଯୋଜକ ପ୍ରଫୁଲ୍ଲ କୁମାର ରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଗଣଧାରଣାରେ ବରିଷ୍ଠ କଂଗ୍ରେସ ନେତା ବସନ୍ତ କୁମାର ପରିଡ଼ା, ପୂର୍ଣ୍ଣଚନ୍ଦ୍ର ତରାଇ, ନରୋତ୍ତମ ନାୟକ, ନକୁଳ ଜେନା, ବାବୁଲି ମଲିକ, ଯୁବନେତା ସଞ୍ଜୟ କୁମାର ରାଉତ, ଦୀପକ ବଳ, ଅମରେନ୍ଦ୍ର ସାମଲ, ମିହିର ଖୁଣ୍ଟିଆ, ଉଗ୍ରସେନ ମହାନ୍ତି, ପ୍ରଭାତ ରାଉତ, ସାଗର ପାଳ, ବିଶ୍ୱରଞ୍ଜନ ଜେନା, ପ୍ରମୋଦ ମହାନ୍ତି, ନୀଳମଣି ସ୍ୱାଇଁ, ନାରାୟଣ ରାଉତ, ଭାନୁପ୍ରତାପ ସ୍ୱାଇଁ, ଗଗନ ବିହାରୀ ସ୍ୱାଇଁ, ସେକ୍ ଇକବଲ, ଦେବାଶିଷ ପରିଡ଼ା, କାର୍ତ୍ତିକ ସାହୁ, କେଶବ ମଲ୍ଲିକ ଓ ସେକ ଇଦୋ ପ୍ରମୁଖ ଯୋଗଦେଇ ଜାରକାକୁ ତୁରନ୍ତ ଏନ୍ଏସି ଘୋଷଣା କରିବାକୁ ଦାବି କରିବା ସହ ସରକାରଙ୍କ ବିରୁଦ୍ଧରେ ନାରାବାଜି କରିଥିଲେ।

## ଆଜି ଗଣେଶ ପୂଜା

# ମାଟି ମୂର୍ତ୍ତିରେ ଶିଳ୍ପୀଙ୍କ ଶେଷସ୍ପର୍ଶ

**ଧର୍ମଶାଳା, ୨୬।୮ (ସମିସ)**

ଓଡ଼ିଆମାନଙ୍କର ବାର ମାସରେ ତେର ପର୍ବ। ଆଗକୁ ପୂଜା ପର୍ବାଣିକୁ ଦୃଷ୍ଟିରେ ରଖ ଏବେ ମୂର୍ତ୍ତିକାରମାନେ ବିଭିନ୍ନ କିସମର ମୂର୍ତ୍ତି ଗଢିବାରେ ଲାଗିପଡ଼ିଥିବା ଦେଖିବାକୁ ମିଳିଛି। ଏହି କ୍ରମରେ ଧର୍ମଶାଳା ବ୍ଲକ ଚହଟା ଗ୍ରାମ ପଞ୍ଚାୟତ ଭାଲୁଖାଇ ଗ୍ରାମର ହରିହର ବେହେରାଙ୍କ ପୁଅ ଚନ୍ଦ୍ରମଣି ବେହେରା (୪୦) ଜଣେ ଉଚ୍ଚକୋଟିର ମୂର୍ତ୍ତି କାରିଗର। ସେ ପିଲା ଦିନରୁ ମୂର୍ତ୍ତିକଳା ପ୍ରତି ଆକର୍ଷିତ। ତାଙ୍କ ବାପା ଜଣେ ସୁନ୍ଦର ସୁନ୍ଦର ମାଟିପାତ୍ର ତିଆରି କରିଥିବା ବେଳେ ଭାଇ ମଙ୍ଗୁଳି ଜଣେ ମୂର୍ତ୍ତି କାରିଗର ହୋଇଥିବାରୁ ସେ ପିଲାବେଳୁ ମୂର୍ତ୍ତି ଗଢାଯାଉଥିବା ଦେଖି ସେଥିପ୍ରତି ଆକର୍ଷିତ ହୋଇଥିଲେ। ସେହି ଦିନରୁ ସେ ଛୋଟ ଛୋଟ ମୂର୍ତ୍ତି ଗଢୁଥିଲେ। ପରେ ଭାଇ ସହିତ ସମ୍ବଲପୁରରେ କଣ୍ଟାବାଞ୍ଜି ଓ ରାଜ୍ୟର ବହୁ ଜିଲ୍ଲାକୁ ଯାଇ ମୂର୍ତ୍ତି ଗଢୁଛନ୍ତି। ୨୦୦୨ ମସିହାରେ ମାଟ୍ରିକ ପାସ୍ ପରେ ସେ ଘର ପାଖରେ ଏକ ଫାର୍ମ କରି ମୂର୍ତ୍ତି ଗଢୁଛନ୍ତି। ବରାଦ ଅନୁଯାୟୀ ଅଧିକ ମୂର୍ତ୍ତି ଗଢୁଥିବା କଥା କହିଛନ୍ତି ଚନ୍ଦ୍ରମଣି। ସେହିପରି ପୂଜାପାର୍ବଣୀକୁ ଦୃଷ୍ଟିରେ ରଖି ମୂର୍ତ୍ତି ଗଢାଯାଇଥାଏ।



କୁରାଳ ପଞ୍ଚମୀରେ ଲକ୍ଷ୍ମୀ ନାରାୟଣ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା, ଖୁଦୁରୁକୁଣୀ ଓଷା (ଭାଲୁକୁଣୀ), ଗଣେଶ, ଦୁର୍ଗା, କାର୍ତ୍ତିକେଶ୍ୱର, ବିଶ୍ୱକର୍ମା, ସରସ୍ୱତୀ, ଲକ୍ଷ୍ମୀ, କାଳୀ ଓ ହନୁମାନ ମୂର୍ତ୍ତି ଗଢାଯାଇଥାଏ। ଏବେ ପ୍ରତ୍ୟେକ ସାମଗ୍ରୀର ମୂଲ୍ୟ ବଢ଼ି ଯାଇଥିବାରୁ ମୂର୍ତ୍ତି ଅନୁଯାୟୀ ପାରିଶ୍ରମିକ ଠିକ୍ ଭାବରେ ମିଳୁନାହିଁ। ଏହି ସବୁ ମୂର୍ତ୍ତି ଗଢିବା ପାଇଁ ମାଟି, ବାଉଁଶ ବତା, ସୁତୁଲା, କଣ୍ଟା, କାଠ ପଟା, ଝୋଟ ଓ ରଙ୍ଗ ଆଦି ସାମଗ୍ରୀ କିଣିବାକୁ ପଡ଼ିଥାଏ। ମୂର୍ତ୍ତିଗୁଡିକ ଧର୍ମଶାଳା ଓ ଜାରକା ସମେତ ଯାଜପୁର, କେନ୍ଦ୍ରାପଡ଼ା, ଢେଙ୍କାନାଳ, କେନ୍ଦ୍ରାପଡ଼ା, ଭଦ୍ରକ, କେନ୍ଦୁଝର, ଭଣ୍ଡାରିପୋଖରୀ, ପାଣିକୋଇଲି, ଯାଜପୁର ରୋଡ଼, ଚଣ୍ଡିଖୋଲ, ଆରୁହା, ପାଖର, ବ୍ରାହ୍ମଣୀ ବ୍ରିଜ ଓ କାଏମା ଆଦି ଅଞ୍ଚଳରେ ମୂର୍ତ୍ତି ଗୁଡିକ ବିକ୍ରି କରାଯାଇଥାଏ। ଏଠାକୁ ଦୂରଦୂରାନ୍ତରୁ ଲୋକମାନେ ଆସି ବିଭିନ୍ନ କିସମର ମୂର୍ତ୍ତି କିଣି ନେଇଥାନ୍ତି। ସେଥିରୁ ଉପାର୍ଜିତ ଅର୍ଥରେ ତେଲ ଲୁଣ ସଂସାର ଚଳେ। ଅନେକ ମୂର୍ତ୍ତିକାର ଆର୍ଥିକ ଅନଗ୍ରସର ହୋଇଥିବାରୁ ଟଙ୍କା ସୁଧହାରରେ ଆଣି କାର୍ଯ୍ୟ କରିବାକୁ ପଡ଼ିଥାଏ। ମୂର୍ତ୍ତି ଗୁଡିକ ବିକ୍ରି ହେବା ପରେ ସୁଧହାର ସହିତ ଟଙ୍କା ପୈଠି କରିବାକୁ ପଡ଼ିଥାଏ। ଯଦି ଅନୁକୂଳ ପାଗ ହୁଏ ମୂର୍ତ୍ତି ବିକ୍ରି ହେଇଯାଏ, କିନ୍ତୁ ପ୍ରତିକୂଳ ପାଗ ହୁଏ ମୂର୍ତ୍ତି ବିକ୍ରି କରିବାରେ ବାଧା ଉପୁଜେ। ଆସନ୍ତା ୨୭ତାରିଖ ଗଣେଶ ପୂଜା ହୋଇଥିବାରୁ ସେ ନେଇ ବହୁତ ମୂର୍ତ୍ତି ତିଆରି ଚାଲିଛି। କିନ୍ତୁ ଆଜିକୁ ଆଠ ଦିନ ହେବ ବର୍ଷା ଲାଗିରହିଛି, ଯଦି ଏହିଭଳି ପାଗ ହୁଏ ମୂର୍ତ୍ତି ବିକ୍ରି କରିବାରେ ବାଧା ଉପୁଜିବ ବୋଲି ମୂର୍ତ୍ତି କାରିଗର ଚନ୍ଦ୍ରମଣି କହିଛନ୍ତି। ଏବେ ଗ୍ରାମାଞ୍ଚଳରେ ଅନେକ ମୂର୍ତ୍ତି କାରିଗର ଅଛନ୍ତି। ସେମାନଙ୍କ ଆର୍ଥିକ ସମ୍ବଳ ନଥିବାରୁ ବାଧ୍ୟ ହୋଇ ସେମାନେ ବାହାର ରାଜ୍ୟକୁ ଯାଇ ଦାଦନ ଖଟୁଛନ୍ତି। ଯଦି ସରକାର ମାଟି ମୂର୍ତ୍ତିକାରଙ୍କୁ ଚିହ୍ନଟ କରି ଆର୍ଥିକ ସହାୟତା ଯୋଗାଇ ଦିଅନ୍ତେ ତେବେ ମୂର୍ତ୍ତିକାର ମାନେ ସ୍ୱାବଲମ୍ବୀ ହୋଇପାରନ୍ତେ ବୋଲି ମୂର୍ତ୍ତିକାର ସଂଘ ପକ୍ଷରୁ ଆଶା ପୋଷଣ କରାଯାଇଛି। ଏଦିଗର ରାଜ୍ୟ ସରକାର ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ମାଟିମୂର୍ତ୍ତି କାରିଗର ସଂଘ ପକ୍ଷରୁ ଦାବି ହୋଇଛି।

## ବାଲିଚନ୍ଦ୍ରପୁର ହାଇସ୍କୁଲକୁ ମିଳିଲା ୧୦ଟି କମ୍ପ୍ୟୁଟର

**ବାଲିଚନ୍ଦ୍ରପୁର, ୨୬।୮ (ସମିସ):** ଛାତ୍ରଛାତ୍ରୀଙ୍କୁ କମ୍ପ୍ୟୁଟର ଶିକ୍ଷା ପ୍ରଦାନ ପାଇଁ ନୂଆଦିଲ୍ଲୀ ସ୍ଥିତ ଗେଲ୍ ଇଣ୍ଡିଆ ଲିମିଟେଡ୍ କମ୍ପାନୀ ପକ୍ଷରୁ ବଡ଼ଚଣା ବ୍ଲକର ଏକମାତ୍ର ବାଲିଚନ୍ଦ୍ରପୁର ସରକାରୀ ଉଚ୍ଚ ବିଦ୍ୟାଳୟକୁ ଅତ୍ୟାଧୁନିକ ଶୈଳୀରେ ନିର୍ମିତ ୧୦ଟି ମୂଲ୍ୟବାନ କମ୍ପ୍ୟୁଟର ପ୍ରଦାନ କରାଯାଇଛି। ଗେଲ୍ କମ୍ପାନୀର ସିଏସ୍ଆର ଫଣ୍ଡରୁ ୬ ଲକ୍ଷ ଟଙ୍କାରୁ ଅଧିକ ଟଙ୍କାର ଏହି କମ୍ପ୍ୟୁଟର ସହିତ ୩ଟି ଇନଭେଟର ଓ ଅନ୍ୟାନ୍ୟ ସାମଗ୍ରୀ ମିଳିଥିବା ନେଇ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ବନିତା ବିଶ୍ୱାଳ ସୂଚନା ଦେଇଛନ୍ତି। ତେବେ ଏହି କମ୍ପ୍ୟୁଟର ଶିକ୍ଷା ପାଇଁ ଏହି ବିଦ୍ୟାଳୟରେ ଜଣେ ହେଲେ କମ୍ପ୍ୟୁଟର ଶିକ୍ଷକ ନିଯୁକ୍ତି ପାଇ ନଥିବାରୁ ଏଠାରେ ଛାତ୍ରଛାତ୍ରୀଙ୍କୁ କିଭଳି କମ୍ପ୍ୟୁଟର ଶିକ୍ଷା ପ୍ରଦାନ କରାଯିବ ଏଥିନେଇ ଅଭିଭାବକ ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେଣୁ ଏହି ବିଦ୍ୟାଳୟକୁ ତୁରନ୍ତ ବିଭାଗ ପକ୍ଷରୁ କମ୍ପ୍ୟୁଟର ଶିକ୍ଷକ ଯୋଗାଇ ଦେବାକୁ ବିଭିନ୍ନ ମହଲରୁ ଦାବି କରାଯାଇଛି।



ବିଶ୍ୱକୁ ପରିବର୍ତ୍ତନ କରିବା ପାଇଁ ଶିକ୍ଷା ହିଁ ସବୁଠାରୁ ଶକ୍ତିଶାଳୀ ଅସ୍ତ୍ର।
-ନେଲ୍‌ସନ୍ ମାଣ୍ଡେଲା

ସକାଳ THE SAKALA

# କୃଷି-ଆତଙ୍କବାଦ

ସମୟ ବଦଳିବା ସହିତ ଆତଙ୍କବାଦର ସଂଜ୍ଞା, ଚରିତ୍ର ଓ ରୂପ ବଦଳିବାରେ ଲାଗିଛି। ଗୁଳିଗୋଳା, ହତ୍ୟା, ରକ୍ତପାତରୁ ଆରମ୍ଭ ହୋଇଥିବା ଆତଙ୍କ ଇତିମଧ୍ୟରେ ସାଇବର ବା କମ୍ପ୍ୟୁଟର ବାଟ ଦେଇ ଏବେ ବିଜ୍ଞାନଗାରରୁ ଜନ୍ମ ନେଉଛି। ପରିବର୍ତ୍ତିତ କୌଶଳରେ ଆତଙ୍କବାଦୀ ସାମ୍ନାକୁ ଆସୁ ନାହିଁ, କିନ୍ତୁ ତାହାର ପରାଭବର ପରିସର ଏକ ବିରାଟ ଅଞ୍ଚଳରେ ଅନୁଭୂତ ହେଉଛି। ପ୍ରାୟ ପାଞ୍ଚବର୍ଷ ତଳେ କୋଭିଡ୍-୧୯ର ଆତଙ୍କରେ ସମଗ୍ର ବିଶ୍ୱ ଥରିଉଠିଥିଲା, ଯାହାର ପ୍ରଭାବ ଏବେ ମଧ୍ୟ ସମ୍ପୂର୍ଣ୍ଣ ବିଲୋପ ହୋଇନାହିଁ। ପ୍ରମାଣିତ ନ ହେଲେ ମଧ୍ୟ ଏହାପଛରେ ଟିକା କମ୍ପାନୀଙ୍କ ବିଧିବଦ୍ଧ ଷଡ଼ଯନ୍ତ୍ର କ୍ରମଶଃ ପଦାକୁ ଆସୁଛି। କୋଭିଡ୍ ବା ସାର୍ସ ଆତଙ୍କବାଦର ଜନ୍ମପୀଠ ଚୀନ୍‌ରୁ ଏବେ ସେଭଳି ଆଉ ଏକ ଜୈବ ଆତଙ୍କ ଜନ୍ମ ନେଇ ଧୀରେ ଧୀରେ ବିଶ୍ୱ କୃଷି କ୍ଷେତ୍ରକୁ ପ୍ରଭାବିତ କରିବା ଆରମ୍ଭ କରିଛି।

ଗତ ଜୁନ୍ ମାସରେ ଚୀନ୍‌ର ଦୁଇଜଣ ଗୁପ୍ତଚର ଜୈବବିଜ୍ଞାନୀଙ୍କୁ ଆମେରିକା ପୁଲିସ୍ ସନ୍ଦେହରେ ଗିରଫ କରିବା ପରେ ଏହି ତଥ୍ୟ ପ୍ରଘଟ ହୋଇଥିଲା। ସେମାନେ ମାରାତ୍ମକ ଫୋଙ୍ଗସ୍ ବା କବକଜାତୀୟ ହାନିକାରକ ବୀଜାଣୁକୁ ଆମେରିକାର ସୋୟାବିନ୍ ଶସ୍ୟ କ୍ଷେତ୍ରରେ ପ୍ରୟୋଗ କରିବା ପାଇଁ କାର୍ଯ୍ୟକ୍ରମ ଆରମ୍ଭ କରିସାରିଥିବା ବେଳେ ଧରାପଡ଼ିଥିଲେ। ଫ୍ୟୁଜାରିୟମ୍ ଗ୍ରାମିନିରମ୍ ନାମକ ଏହି କବକ ଏତେ ଶକ୍ତିଶାଳୀ ଯେ ଏକରଏକର ବ୍ୟାପୀ ଶସ୍ୟ କ୍ଷେତ୍ରକୁ ଧ୍ୱଂସ କରିଦେଇପାରେ। ବିଶେଷକରି ଗହମ, ବାର୍ଲି, ମକା ଓ ଧାନକୁ ଏହା ସହଜରେ ଆକ୍ରମଣ କରିପାରେ। ଗବେଷଣାରୁ ଜଣାପଡ଼ିଛି ଯେ ଏହି ଫୋଙ୍ଗସ୍ କେବଳ ଶସ୍ୟକୁ ନଷ୍ଟ କରେ ନାହିଁ, ଯେଉଁ କେତେକ ଶସ୍ୟ ସଂଘର୍ଷ ଦ୍ୱାରା ବଞ୍ଚିଯାଆନ୍ତି ସେଥିରୁ ଭୋମିଟୋକ୍ସିନ୍ ନାମକ ଏକ ବିଷାକ୍ତ ରସାୟନ କ୍ଷରଣ ହୁଏ, ଯାହା ମଣିଷ ଓ ପଶୁମାନଙ୍କ ପ୍ରତି ଅତି ହାନିକାରକ। ଏହି କବକ ଆକ୍ରମଣରେ ଏ ପର୍ଯ୍ୟନ୍ତ ଆମେରିକାରେ ବାର୍ଷିକ ୧୦୦ କୋଟି ଡଲାରର ଶସ୍ୟ ହାନି ହୋଇସାରିଲାଣି।

ଏହାର ନିରାକରଣ ପାଇଁ ଏ ପର୍ଯ୍ୟନ୍ତ କୌଣସି କୀଟନାଶକ ଉଦ୍‌ଭାବନ ହୋଇ ନ ଥିବାରୁ ଅନ୍ତତଃ ଆଗାମୀ କିଛିବର୍ଷ ପର୍ଯ୍ୟନ୍ତ ଚୀନ୍ ବିଜ୍ଞାନାଗାରରୁ ଜନ୍ମ ନେଇଥିବା ଫୋଙ୍ଗସ୍ ବିଶ୍ୱ ଶସ୍ୟ କ୍ଷେତ୍ରରେ ଆଧିପତ୍ୟ ବିସ୍ତାର କରିବା ସୁନିଶ୍ଚିତ। ଧୀରେ ଧୀରେ ସେଗୁଡ଼ିକ ସମଗ୍ର ଅଞ୍ଚଳ, ଦେଶ ଏପରିକି ଆମଦାନୀ-ରପ୍ତାନୀ ଜରିଆରେ ସାରା ପୃଥିବୀକୁ ବ୍ୟାପୀ ବିଶ୍ୱ ଖାଦ୍ୟ ନିରାପତ୍ତାକୁ ପ୍ରଭାବିତ କରିବାର ଆଶଙ୍କା ପ୍ରକାଶ ପାଇଛି। କୃଷି-ଜୈବ-ରସାୟନ ବିଜ୍ଞାନୀମାନେ ଏହାକୁ 'ଆଗ୍ରୋ-ଟେରରିଜିମ୍' ବା 'କୃଷି-ଆତଙ୍କବାଦ' ଭାବରେ ଅଭିହିତ କରିଛନ୍ତି। ଏହି ଘଟଣା ଜଣାପଡ଼ିବା ପରେ ଆମେରିକା-ଚୀନ୍ ବାଣିଜ୍ୟ ରାଜିନାମା ଘୁଞ୍ଚି ଯାଇଛି ଏବଂ ଚୀନ୍ ଛାତ୍ରଛାତ୍ରୀଙ୍କ ଭିସା ଉପରେ ଆମେରିକା ପୁଣି ଥରେ କଟକଣା ଜାରି କରିଛି। ଅପରପକ୍ଷରେ ଚିରାଚରିତ ଢଙ୍ଗରେ ଚୀନ୍ ଆମେରିକାରର ଅଭିଯୋଗକୁ ଅସ୍ୱୀକାର କରିଛି।

ଆମେରିକା-ଚୀନ୍ ବାଣିଜ୍ୟିକ ତିକ୍ତତା ପୃଷ୍ଠଭୂମିରେ ଚୀନ୍‌ର ଏଭଳି କୃଷି ଆତଙ୍କବାଦ କେତେକାଂଶରେ ଗ୍ରହଣ କରାଯାଇପାରେ। କିନ୍ତୁ ଚୀନ୍‌ର ଏହି ଦୁଷ୍ଟାମୀରୁ ଯେ ଭାରତର କୃଷି କ୍ଷେତ୍ର ସୁରକ୍ଷିତ ରହିବ ତାହା ଆଶା କରିବା ବୃଥା। ଏବେ ଜାମ୍ମୁ-କାଶ୍ମୀର ସେଉ ଚାଷକୁ ଏକ ନୂଆ ଧରଣର ଫୋଙ୍ଗସ୍ ଆକ୍ରମଣ କରିଥିବା ସୂଚନା ମିଳିଛି। ସେଥିରେ ସେଉ କଷି ଥିବା ଅବସ୍ଥାରେ ହିଁ କଳା କଳା ଦାଗ ସୃଷ୍ଟି ହେଉଛି ଏବଂ ସମ୍ପୂର୍ଣ୍ଣ ଗଛ ଶୁଖି କଳା ପଡ଼ିଯାଉଛି। ଏହାକୁ ଜଳବାୟୁ ପରିବର୍ତ୍ତନର ପ୍ରଭାବ ବୋଲି ପ୍ରାଥମିକ ଆକଳନ କରାଯାଇଛି। କିନ୍ତୁ ଆମେରିକାରୁ ଚୀନ୍ ଜୀବବିଜ୍ଞାନୀ ଗୁପ୍ତଚର ଗିରଫ ହେବା ପରେ ଭାରତରେ ଜାମ୍ମୁକାଶ୍ମୀର ସେଉ ଚାଷରେ ଦେଖାଦେଇଥିବା ରୋଗକୁ ଗୁରୁତ୍ୱର ସହ ଗ୍ରହଣ କରିବା ଉଚିତ।

ପ୍ରୟୋଗକର୍ତ୍ତା ପାଇଁ କୃଷି ଆତଙ୍କବାଦ ସବୁଠାରୁ ସୁଲଭ, ସୁରକ୍ଷିତ ଓ ପ୍ରଭାବଶାଳୀ ଅସ୍ତ୍ର। କାରଣ ଏହା ସହଜରେ ଧରାପଡ଼େ ନାହିଁ କି ପ୍ରୟୋଗକାରୀର ପ୍ରମାଣ ରହେ ନାହିଁ। ବହୁ ଅଳ୍ପ ଖର୍ଚ୍ଚରେ ଶତ୍ରୁ ଦେଶ ବିରୋଧରେ ଏହାକୁ ପ୍ରୟୋଗ କରାଯାଇପାରେ, ଯାହା ମନ୍ଥର ବିଷ ଭଳି ସେହି ଦେଶର କୃଷି-ଅର୍ଥନୀତିକୁ ଧ୍ୱସ୍ତ କରିବାରେ ଅଭୂତପୂର୍ବ ସଫଳତା ଅର୍ଜନ କରିପାରେ। କୃଷି ଉତ୍ପାଦ ଯେ ଜୈବ ଆତଙ୍କବାଦର ମାଧ୍ୟମ ହୋଇପାରିବ, ସେହି ଧାରଣା ଓ ବିଶ୍ୱାସ ଆପାତତଃ ଦୃଢ଼ ହୋଇନଥିବାରୁ ସେ କ୍ଷେତ୍ରରେ ସେତେଟା ନିରାପତ୍ତା ବ୍ୟବସ୍ଥା ଗ୍ରହଣ କରାଯାଉନାହିଁ। ସନ୍ଦେହ ହେଲେ ମଧ୍ୟ ଆମଦାନୀ ଶସ୍ୟକୁ ଗୋଟିଗୋଟି କରି ଯାଞ୍ଚ କରିବା ଏକପ୍ରକାର ଅସମ୍ଭବ ବ୍ୟାପାର। ଖାଦ୍ୟ ସୁରକ୍ଷାରେ ଆମେରିକାର ସତର୍କତା ସର୍ବାଗ୍ରେ। ଯେତେବେଳେ ସେହି ଦେଶ ହିଁ କୃଷି-ଆତଙ୍କବାଦକୁ ପ୍ରତିହତ କରିପାରିଲା ନାହିଁ, ଅନ୍ୟ ଦେଶ କଥା ନ କହିବା ଭଲ। ତେଣୁ ଚୀନ୍ ଏବେ କୃଷି କ୍ଷେତ୍ରକୁ ହିଁ ଲକ୍ଷ୍ୟ କରିଛି।

ଶତ୍ରୁ ବିପକ୍ଷରେ ଜୈବ-ରସାୟନ ଆକ୍ରମଣ ନୂଆ କୌଶଳ ନୁହେଁ। ଦ୍ୱିତୀୟ ବିଶ୍ୱଯୁଦ୍ଧ ଓ ପରବର୍ତ୍ତୀ ସମୟରେ ଏଭଳି ଜୈବାସ୍ତ୍ର ପ୍ରୟୋଗ ହୋଇଥିବାର ପ୍ରମାଣ ରହିଛି। ଏପରିକି ପ୍ରଥମ ବିଶ୍ୱଯୁଦ୍ଧର ବହୁପୂର୍ବରୁ ପ୍ଲେଗ୍, ବସନ୍ତ, ହାଡ଼ଫୁଟି, ହଇଜା ଆଦି ମାରାତ୍ମକ ପ୍ରାଣଘାତୀ ମହାମାରୀ ଜୀବାଣୁ ଶତ୍ରୁ ଦେଶର ସୈନିକଙ୍କ ବିରୋଧରେ ପ୍ରୟୋଗ କରି ଯୁଦ୍ଧ ଜିତିବାର କଳାକୌଶଳରେ ଇତିହାସ ସମୃଦ୍ଧ। କିନ୍ତୁ କାଳକ୍ରମେ ସେହିସବୁ ମହାମାରୀ ପ୍ରତିଷେଧକ ଓ ନିରୋଧକ ଟିକା ଓ ଔଷଧ ଉଦ୍ଭାବନ ହୋଇସାରିବା ପରେ ସେହି ଜୈବାସ୍ତ୍ର ଆଉ କାଟୁ କରୁନାହିଁ। ତା'ବଦଳରେ ସାର୍ସ, କୋଭିଡ୍ ଭୂତାଣୁ ପରି ନୂଆ ନୂଆ ଭୂତାଣୁ ପ୍ରୟୋଗ କୌଶଳ ଉଦ୍‌ଭାବନ ହେବାରେ ଲାଗିଛି। ଏହିକ୍ରମରେ କୃଷି-ଆତଙ୍କବାଦ ଏକ ନୂଆ ପ୍ରଭାବଶାଳୀ କୌଶଳ ରୂପେ ଆତ୍ମପ୍ରକାଶ କରିଛି।

କୋଭିଡ୍ ୧୯ ଭଳି ମ୍ୟୁଟେସନ୍ ପ୍ରକ୍ରିୟାରେ ଏହି କବକ ବାରମ୍ବାର ଚରିତ୍ର ପରିବର୍ତ୍ତନ କରି ନୂଆ ପ୍ରଜାତି ସୃଷ୍ଟି କରିବାରେ ସକ୍ଷମ ବୋଲି ପ୍ରାଥମିକ ଗବେଷଣାରୁ ଜଣାପଡ଼ିଛି। ତେଣୁ ଆଗାମୀ ଦିନରେ ଗୋଟିଏ ନିର୍ଦ୍ଦିଷ୍ଟ କୀଟନାଶକ ଏକ୍ଷେତ୍ରରେ ପ୍ରଭାବଶାଳୀ ହେବ ନାହିଁ। ହୁଏତ କୋଭିଡ୍ ଟିକା ଭଳି ଏହା କୀଟନାଶକ କମ୍ପାନୀମାନଙ୍କର ଏକ ଅଭିସନ୍ଧି ହୋଇପାରେ। କିନ୍ତୁ ଆଗାମୀ ଦିନରେ ଯେ ଆମ ଜୀବନଧାରଣର ଉପାଦାନ ଆଉ ସୁରକ୍ଷିତ ନୁହେଁ ତାହା ଅବଧାର୍ଯ୍ୟ। କେତେବେଳେ କେଉଁ ଜରିଆରେ ଏଭଳି ହାନିକାରକ କବକ ଆମ ଶରୀରତନ୍ତ୍ରରେ ପ୍ରବେଶ କରିବ ତାହା କେହି ନିଶ୍ଚିତ କରିପାରିବେ ନାହିଁ। ତେଣୁ ଆଗାମୀ ସାଂଘାଇ ସହଯୋଗ ପରିଷଦ ବୈଠକରେ ଭାରତ ଏ ସମ୍ପର୍କରେ ଆଲୋଚନା ପାଇଁ ପ୍ରସ୍ତାବ ଓ ଦାବି ଜୋରଦାର କରିବା ଆବଶ୍ୟକ। ବିଶ୍ୱ ଖାଦ୍ୟ ନିରାପତ୍ତାକୁ ସୁନିଶ୍ଚିତ କରିବା ପାଇଁ ଜାତିସଂଘ ନେତୃତ୍ୱରେ ଏବେଠାରୁ ବିଶ୍ୱ ମଞ୍ଚ ପ୍ରଭାବଶାଳୀ ଢଙ୍ଗରେ ମିଳିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉଚିତ ହେବ।

# ଗାଁରୁ ଆରମ୍ଭ ହେଉ ଜୈବଚାଷର ମୂଳଦୁଆ

ଡି ଶୁଭମ୍

ଗ୍ରାମୀଣ ଜୀବନର ପରିଭାଷା ସବୁବେଳେ ସ୍ୱତନ୍ତ୍ର। ଗାଁ ମାଟିର ବାସ୍ନା ଆଜି ବି ସମସ୍ତଙ୍କୁ ମୋହିତ କରେ। ସହରୀକରଣ ଭିତରେ ଆମେ ଯେବେ ଶିଳ୍ପ ବିପ୍ଳବର କଥା କହୁ ସେବେ ଗ୍ରାମୀଣ ଜୀବନର ଅକୁହା କଥା ମନକୁ ଆନ୍ଦୋଳିତ କରେ। ଗାଁ ରୁ ହିଁ ଆରମ୍ଭ ହୁଏ ଯେକୌଣସି ଯୋଜନାର ସଫଳତାର ଫର୍ଦ୍ଦ। ଏହି ଉପକ୍ରମରେ ଗାଁର ଅସଜଡ଼ା କଥାକୁ ସଜାଡ଼ିବାରେ ପଞ୍ଚାୟତର ଭୂମିକା ଅନିବାର୍ଯ୍ୟ। ପଞ୍ଚାୟତିରାଜ ଦିବସର ଇତିହାସ ଭାରତର ଗ୍ରାମୀଣ ସମ୍ପ୍ରଦାୟକୁ ସଶକ୍ତ କରିବା ସହ ଗାଁର ଲୋକମାନଙ୍କ ମତ ପରିପ୍ରକାଶ କରିବାରେ ମଧ୍ୟ ଯଥାସମ୍ଭବ ସାହାଯ୍ୟ କରେ। ଭାରତର ପାରମ୍ପରିକ ଗ୍ରାମ ପରିଷଦ ବ୍ୟବସ୍ଥାର ଏକ ଦୀର୍ଘ ଇତିହାସ ରହିଛି, ଯାହା ପ୍ରାଚୀନ କାଳରୁ ଆରମ୍ଭ ହୋଇଥିଲା। କୃଷି, ଜଳ, ପରିମଳ, ଶିକ୍ଷା ଓ ସ୍ୱାସ୍ଥ୍ୟ ସହିତ ଜଡ଼ିତ ବିଭିନ୍ନ ଗ୍ରାମୀଣ ବିକାଶ କାର୍ଯ୍ୟକ୍ରମ ଏବଂ ପଦକ୍ଷେପଗୁଡ଼ିକର ତଦାରଖ ଏବଂ କାର୍ଯ୍ୟକାରୀ କରିବା ସହ ଗାଁରେ ଭିତ୍ତିଭୂମିର ବିକାଶ ଦିଗରେ ପଞ୍ଚାୟତର ଭୂମିକା ସର୍ବାଗ୍ରେ ଥାଏ। ପଞ୍ଚାୟତଗୁଡ଼ିକ ସାମାଜିକ ସଶକ୍ତୀକରଣ ଓ ବିକାଶକୁ ପ୍ରୋତ୍ସାହିତ କରିବା ସହ ଜାତି, ଧର୍ମ, ବର୍ଣ୍ଣ, ଲିଙ୍ଗ ନିର୍ବିଶେଷରେ ନିଜ ପଞ୍ଚାୟତର ଅନ୍ତିମ ଅଧିବାସୀ ଯାଏଁ ଯୋଜନାର ଲାଭ ପହଞ୍ଚିବା ସୁନିଶ୍ଚିତ କରିବା ଏବଂ ପରିବେଶ ସୁରକ୍ଷା ଓ ସଂରକ୍ଷଣରେ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ।

ଆମେ ଯେବେ ବି ଚାଷ ଓ ଚାଷୀର କଥା କହୁ ସବୁବେଳେ ଗାଁର କଥା ଆସେ। ଗ୍ରାମୀଣ ଜୀବନରେ ଚାଷର ଭୂମିକା ଯେତିକି ଗୁରୁତ୍ୱପୂର୍ଣ୍ଣ, ରାଜ୍ୟର ଅର୍ଥନୀତିକୁ ସୁଧାରିବାରେ ଏହାର ଅବଦାନ ତତୋଧିକ। ରାଜ୍ୟ ଓ ଦେଶର ବିକାଶରେ କୃଷିକୁ ପ୍ରଥମ ଇଞ୍ଜିନ କୁହାଯାଉଥିବା ବେଳେ ଏହାର ମୂଳଭିତ୍ତି ଆମ ସମସ୍ତଙ୍କ ସହଭାଗିତା ଉପରେ ନିର୍ଭର କରେ। ଗାଁ ମାଟିରୁ କିପରି ଏହି ସଫଳତାର ଧ୍ୱଜା ପ୍ରତିଟି ଜିଲ୍ଲା, ରାଜ୍ୟ ଓ ଦେଶରେ ପହଁଚିବ ତାହାର ଦାୟିତ୍ୱ ଆମମାନଙ୍କର। ଏ ଦିଗରେ ଜୈବ ଚାଷର ଭୂମିକା କଥା କାହାକୁ ବୁଝାଇବାର ଆବଶ୍ୟକତା ନାହିଁ। କାରଣ ଆମେ ନିଜେ ଜାଣିଛନ୍ତି ଜୈବ ଚାଷ ଓ ଏହାର ଉପକାରିତା ବିଷୟରେ। ଏ ଦିଗରେ ପ୍ରତି ପଞ୍ଚାୟତରେ ଜୈବ କୃଷକ ସମୂହ ଗଠନ ଦିଗରେ କାର୍ଯ୍ୟ କରିବା ଆମ ସମସ୍ତଙ୍କ ପାଇଁ ଆହ୍ୱାନ ହେଉ।

ରାସାୟନିକ ଚାଷ ଅମଳ ଉତ୍ପାଦନ ବଢ଼ାଏ। ଅପରପକ୍ଷରେ ଜୈବ ଚାଷରେ ଉତ୍ପାଦନ ଅପେକ୍ଷାକୃତ କମ୍ ଏକଥା ସମସ୍ତେ ଜାଣନ୍ତି। ତେଣୁ ଜୈବ ଚାଷକୁ ବିରୋଧ କରନ୍ତି। କିନ୍ତୁ ଆପଣ ଆଜି ଗାଁକୁ ଯା'ନ୍ତୁ, ଦେଖିବେ ଜୈବ ଚାଷର ପରିବେଶକୁ। ପ୍ରତିଟି ଗାଁର ଚାଷୀ ନିଜେ କହିବେ ଜୈବ ଚାଷର ଉପକାରିତା। ଆମେ ଚିରସ୍ଥାୟୀ କୃଷି ଦିଗରେ କାର୍ଯ୍ୟ କରୁଛୁ। ଅମଳ ବୃଦ୍ଧି ଆଉ ଅଧିକ ଟଙ୍କା ଆଶାରେ ଆମେ ନିଜ ଜ୍ଞାତସାରରେ ଯଦି ନିଜ ପରିବାର ଲୋକଙ୍କୁ ବିଷ ଖୁଆଇବା, ଏହାଠାରୁ ବଡ଼ ପାପର କଥା କିଛି ବି ନ ହୋଇପାରେ। ୧୯୬୦ ମସିହାରେ ସବୁଜ ବିପ୍ଳବ କୃଷି କ୍ଷେତ୍ରରେ ପରିସ୍ଥିତିକୁ ବଦଳାଇ ଦେଇଥିଲା, ଯେଉଁଠାରେ ଚାଷୀମାନଙ୍କୁ ଖାଦ୍ୟ ସୁରକ୍ଷା ବଜାୟ ରଖିବା ପାଇଁ ଅଧିକ ଅମଳକ୍ଷମ ବିହନ ଏବଂ ସାର ସହିତ ପରିଚିତ କରାଯାଇଥିଲା। ଏହା ଉତ୍ପାଦନ ବୃଦ୍ଧି ଲାଭ ସୁନିଶ୍ଚିତ କରିଥିଲା, କିନ୍ତୁ ଶେଷରେ ସାରର ଅତ୍ୟଧିକ ବ୍ୟବହାର ଯୋଗୁଁ ଜମି ଅନୁର୍ବର ହୋଇପଡୁଥିଲା। ଯେତେ ଅଧିକ ଅମଳକ୍ଷମ ବିହନ ଜମିରେ ବ୍ୟବହାର କରାଯାଏ, ଗଛ ସେତେ ଅଧିକ ପୋଷକତତ୍ତ୍ୱ ମାଟିରୁ ଗ୍ରହଣ କରିବାକୁ ବାଧ ହୁଏ।

ଆଜିକାଲି ଅନେକଗୁଡ଼ିଏ ଏଫପିଓ ବା କୃଷକ ଉତ୍ପାଦକ ସଂଗଠନମାନ ଗାଁ ମାନଙ୍କରେ ଗଠନ ହେଲାଣି। କିନ୍ତୁ ଗାଁର କଥା ଟିକେ ଅଲଗା। ଚାଷ ବାସ ସାରି ସନ୍ଧ୍ୟାରେ ଗାଁର ଚାଷୀ ଯେବେ ଏକାଠି ହୁଅନ୍ତି, ଅନେକ କଥା ସେଠାରେ ଆଲୋଚନା ହୁଏ। ଅନେକ ସମୟରେ ଯେବେ କ୍ଷେତ୍ର ପରିଦର୍ଶନରେ ଗାଁମାନଙ୍କୁ ଯାଉ ସେବେ ସଂଧ୍ୟାରେ ସେଠାରେ ସମୟ ଅତିବାହିତ କରି ଗ୍ରାମୀଣ ଅର୍ଥନୀତିକୁ ବୁଝିବାକୁ ଚେଷ୍ଟା କରୁ। ଉପଲବ୍ଧି ହୁଏ ଯେ ଗାଁରେ ଚାଷୀ ସମୂହ ହିଁ ବିକାଶର ମଙ୍ଗ ଧରିବା ପାଇଁ ସର୍ବୋତ୍ତମ। ପଞ୍ଚାୟତ ସ୍ତରରୁ ଏହା ଆରମ୍ଭ ହୋଇ ଜଣେ ଜଣେ ଅଧିକାରୀ ଗାଁ ମାନଙ୍କରେ ଏହି କାର୍ଯ୍ୟକୁ ପରିଚାଳନା କରିବା ଦିଗରେ ସାହାଯ୍ୟ କରିବା ଆବଶ୍ୟକ। ଏହି ଜୈବ କୃଷକ ସମୂହ ବା ଅର୍ଗାନିକ ଫାର୍ମର କ୍ଲଷ୍ଟର ସବୁ ପଞ୍ଚାୟତ ଗଠନ ହେବା ଜରୁରୀ। ଯଦି ଆମେ ଜୈବ ଚାଷକୁ ଅଧିକରୁ ଅଧିକ ପ୍ରସାର କରିବାକୁ ଚାହିଁବା ଏହାର ଗୁରୁତ୍ୱ ସୁଦୂରପ୍ରସାରୀ ହେବ।

ପ୍ରଥମରେ ପଞ୍ଚାୟତ ସ୍ତରରେ ଜୈବ କୃଷକ ସମୂହ ସବୁ ସମୟରେ ଗାଁ ମାନଙ୍କରେ ଜୈବ ଚାଷର ଉପକାରିତା ସହ ଏହାର ବର୍ତ୍ତମାନ ସ୍ଥିତି ବିଷୟରେ ଚାଷୀ ଓ ଜନସାଧାରଣଙ୍କୁ ଅବଗତ କରାଇବେ। ସାର ବିଷ ବନାମ ଜୈବ ସାର ଏହାର କାର୍ଯ୍ୟଶୈଳୀ ଏବଂ ପ୍ରସ୍ତୁତି ପ୍ରଣାଳୀ ବିଷୟରେ ଚାଷୀମାନଙ୍କୁ ବୁଝାଇବେ। କର୍ମଶାଳାର ଆୟୋଜନ କେବଳ ପ୍ରଶିକ୍ଷଣ ନୁହେଁ, ବରଂ ଏହାର ପ୍ରତ୍ୟକ୍ଷ ତତ୍ତ୍ୱାବଧାନ କରି ଏହାକୁ କିପରି ଚାଷୀ ନିଜ ଜମିରେ ପ୍ରୟୋଗ କରିବେ ସେ ଦିଗରେ କାର୍ଯ୍ୟକରିବାକୁ ପଡ଼ିବ। ଆମେ ସମସ୍ତେ ଜାଣିଛୁ ଜୈବିକ ଚାଷରେ ଉତ୍ପାଦନ ଅପେକ୍ଷାକୃତ କମ୍। କିନ୍ତୁ ଏହାକୁ ଭାବି ଯଦି ଆମେ ମାଟିରେ ଅଧିକରୁ ଅଧିକ ସାର ବିଷ ପ୍ରୟୋଗ କରିବା ଏହା ଆମକୁ ଅଧିକ ଅମଳ ଦେବ, କିନ୍ତୁ ଶରୀରକୁ ରୋଗାକ୍ରାନ୍ତ କରିବ। ତେଣୁ ଶରୀରକୁ ସୁସ୍ଥ କରିବା ସହ ଏହା ସବୁଜ ପରିବେଶ ଗଠନ ଦିଗରେ ଜୈବିକ କୃଷି ସହାୟକ ହେବ। ଜୀବାମୃତ, ଘନଜୀବାମୃତର ଉପକାରିତାକୁ କେବଳ ପାଟିରେ କହିଦେଲେ ନୁହେଁ, ବରଂ ଏହାକୁ ପ୍ରୟୋଗ କରି କିପରି ମାଟିରେ ଅଣୁଜୀବଙ୍କ ସଂଖ୍ୟା ବଢ଼ିବ, ତାହାକୁ ଚାଷ ଜମିରେ ପ୍ରୟୋଗ କରିବାକୁ ପଡ଼ିବ। ରାଜ୍ୟ ଓ କେନ୍ଦ୍ର ସ୍ତରରେ ଜୈବ ଚାଷର ପ୍ରସାର ଦିଗରେ କାମ କରୁଥିବା ଅନୁଷ୍ଠାନ ଏ ଦିଗରେ ସ୍ୱତନ୍ତ୍ର ପଦକ୍ଷେପ ନେଇ ଏହି କ୍ଲଷ୍ଟରଗୁଡ଼ିକର ଉନ୍ନତ କାର୍ଯ୍ୟଶୈଳୀ ଦିଗରେ ଚେଷ୍ଟା କରିବା ଆବଶ୍ୟକ।

ଏହି କୃଷକ ସମୂହ ପରବର୍ତ୍ତୀ ପର୍ଯ୍ୟାୟରେ ବିଭିନ୍ନ ସରକାରୀ ଯୋଜନା ସହାୟତାରେ ନିଜର ଏଫପିଓ ଗଠନ କରିପାରିବେ। ପଞ୍ଚାୟତର ସରପଞ୍ଚମାନେ ଏ ଦିଗରେ ଏକ ପାଇଲଟ ମୋଡ୍‌ରେ କାର୍ଯ୍ୟ କରିବା ଆବଶ୍ୟକ। ସପ୍ତାହରେ ଥରେ ଅନ୍ତତଃ ପ୍ରତି ଗାଁକୁ ଯାଇ ଏହି କୃଷକ ସମୂହମାନଙ୍କ ମନୋବଳ ବୃଦ୍ଧି କରିବାରେ ସାହାଯ୍ୟ କରିପାରିବେ। ପ୍ରଥମାବସ୍ଥାରେ କିଛି କିଛି ପଞ୍ଚୟତରୁ ଏହା ଆରମ୍ଭ ହେଲେ ପରବର୍ତ୍ତୀ ଅବସ୍ଥାରେ ଏହା ସମ୍ପୂର୍ଣ୍ଣ ଓଡ଼ିଶାରେ ପରିବ୍ୟାପ୍ତ ହୋଇପାରିବ। ଏହି କୃଷକ ସମୂହ ଦେଶୀ ବିହନ ସଂରକ୍ଷଣ କରିବା ଦିଗରେ କାର୍ଯ୍ୟ କରିବା ସହ ଅନ୍ୟ ଇଚ୍ଛୁକ ଚାଷୀମାନଙ୍କୁ ଏହାକୁ ପରୋକ୍ଷରେ ଯୋଗାଇ ଦେବାର ମାନସିକତା ସବୁ ଚାଷୀଙ୍କ ପାଖରେ ରହିବାର ଅବାଶ୍ୟତକା ଅଛି। ସେମାନଙ୍କର ଉତ୍ପାଦ କିପରି ସଠିକ ଭାବେ ବିକ୍ରୟ ହୋଇପାରିବ ସେ ଦିଗରେ ସରକାରୀ ଓ ବେସରକାରୀ ସ୍ତରରେ ଚିନ୍ତା କରିବାର ଅଛି। ଓଏନଡିସି ପ୍ଲାଟଫର୍ମ ମାଧ୍ୟମରେ ଚାଷୀମାନେ ନିଜ ଉତ୍ପାଦକୁ ବିକ୍ରୟ କରିପାରିବେ। ଜୈବ ଉତ୍ପାଦକୁ ପ୍ରମାଣୀକରଣ କରିବା ସହ ପ୍ରମାଣିତ ଉତ୍ପାଦକୁ ଜାତୀୟ ଓ ଅନ୍ତର୍ଜାତୀୟ ବଜାରରେ ବିକ୍ରୟ କରିବା ଦିଗରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରାଯାଉ। ଚାଷୀଙ୍କ ଉତ୍ପାଦ ବିକ୍ରୟ ହୋଇପାରିଲେ ହିଁ ସେମାନେ ଅଧିକ ଚାଷ କରିବା ଦିଗରେ ଆଗ୍ରହୀ ହେବ। ଗୋଟିଏ ଜମିରେ ଗୋଟିଏ ଫସଲ ଚାଷ ନ କରି ଫସଲ ବିବିଧିକରଣକୁ ଗୁରୁତ୍ୱ ଦେବା ଆବଶ୍ୟକ। ଏସବୁର ମିଳିତ ସମନ୍ୱୟ ରହିଲେ ହିଁ ଏକ ବିକଶିତ ଓଡ଼ିଶା ଗଠନର ସ୍ୱପ୍ନ ସାକାର ହୋଇପାରିବ।

(ଜୈବ ନିରୀକ୍ଷକ, ଓଡ଼ିଶା ରାଜ୍ୟ ଜୈବ ପ୍ରମାଣନ ସଂସ୍ଥା)
ଭୁବନେଶ୍ୱର, ମୋ: ୯୪୩୮୪୬୭୦୭୯

# ଏସି ତାପମାତ୍ରା ନିୟନ୍ତ୍ରଣ

ଇଂ ମାୟାଧର ସ୍ୱାଇଁ

ଦିନକୁ ଦିନ ପୃଥିବୀ ଉଷ୍ମ ହେବାରେ ଲାଗିଛି ଏବଂ ଏହା ସହିତ ଏୟାର କଣ୍ଡିସନିଂ (ଏସି)ର ବ୍ୟବହାର ବଢ଼ିବାରେ ଲାଗିଛି। ଘରେ ବ୍ୟବହୃତ ସମସ୍ତ ବୈଦ୍ୟୁତିକ ସରଞ୍ଜାମ ମଧ୍ୟରେ ଏସିରେ ସର୍ବାଧିକ ବିଦ୍ୟୁତ୍ ଖର୍ଚ୍ଚ ହୋଇଥାଏ। ଏହା ମଧ୍ୟ ବିଦ୍ୟୁତ୍ ଗ୍ରୀଡ ଉପରେ ଅଧିକ ଚାପ ପକାଇଥାଏ। ଖରାଦିନେ ଅଧିକ ବିଦ୍ୟୁତ୍ ଚାହିଦା ଥିବାରୁ ବିଦ୍ୟୁତ୍ କମ୍ପାନୀକୁ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥାଏ। ଗତ ଜୁନ୍ ମାସରେ ଦେଶରେ ସର୍ବାଧିକ ବିଦ୍ୟୁତ୍ ଚାହିଦା ୨୪୧୦୦୦ ମେଗାୱାଟ ଥିଲା ଏବଂ ଏଥିପାଇଁ ଏସି ହେଉଛି ମୁଖ୍ୟତଃ ଦାୟୀ।

ଏସି କୋଠରି ଭିତରୁ ଗରମ ବାୟୁକୁ ନେଇ ବାହାରେ ଛାଡ଼ିଦିଏ। ଅନ୍ୟ କେତେକ ଏସି କୋଠରି ଥଣ୍ଡା କରିବା ସହିତ ଶୀତଦିନେ ଏହାକୁ ଉଷୁମ ରଖିବା ପାଇଁ ଡିଜାଇନ ହୋଇଥାଏ। ଏସି ଏକ ରେଫ୍ରିଜିରାଣ୍ଟ ବ୍ୟବହାର କରେ, ଯାହା କୋଠରିର ଉତ୍ତାପକୁ ଶୋଷଣ କରେ ଏବଂ କମ୍ପ୍ରେସର ଦ୍ୱାରା ଏହାକୁ ବାହାରକୁ ପଠାଇଦିଏ। ଶୀତଦିନେ କୋଠରିକୁ ଉଷୁମ ରଖିବା ପାଇଁ ଏହା ଭିତରେ ତାପକ ବା ହିଟର୍ ଥାଏ। ଏଣୁ ଏହାର ନାମ ହେଉଛି ଏୟାରକଣ୍ଡିସନର ବା ଶୀତତାପ ନିୟନ୍ତ୍ରଣ ଯନ୍ତ୍ର। ନିକଟରେ କେନ୍ଦ୍ର ସରକାର ଏସି ତାପମାତ୍ରା ସେଟିଂକୁ ନିୟନ୍ତ୍ରଣ କରିବା ପାଇଁ ଗୋଟିଏ ପ୍ରସ୍ତାବ ଦେଇଛନ୍ତି ଏବଂ ଏହା ଖୁବ୍ ଶୀଘ୍ର ଆଇନ୍‌ରେ ରୂପାନ୍ତରିତ ହେବ ବୋଲି ପ୍ରକାଶ କରିଛନ୍ତି। ତାପମାତ୍ରା ସେଟିଂକୁ ୨୦ ଡିଗ୍ରୀ ଓ ୨୮ ଡିଗ୍ରୀ ସେଲସିୟସ ମଧ୍ୟରେ ରଖିବା ହେଉଛି ଏହି ପ୍ରସ୍ତାବ। ସରକାରଙ୍କ ଅନୁଯାୟୀ ଆମମାନଙ୍କର ଆରାମ ପାଇଁ ଏହି ତାପମାତ୍ରା ପରିସର ହେଉଛି ଯଥେଷ୍ଟ। ଏହି ନିୟମ ପ୍ରଣୟନ କରିବାର ଉଚିତ୍ କାରଣ ଅଛି। ତାପମାତ୍ରା ଯେତେ କମ୍ କରିବା, ଏସି ସେହି ଅନୁଯାୟୀ ଅଧିକ କାର୍ଯ୍ୟ କରିବ ଏବଂ ଏହା ଅଧିକ ବିଦ୍ୟୁତ୍ ବ୍ୟବହାର କରିବ। ଶକ୍ତି ମନ୍ତ୍ରଣାଳୟ ଅନୁଯାୟୀ ଏହାର ତାପମାତ୍ରା ସେଟିଂରେ ପ୍ରତି ଏକ ଡିଗ୍ରୀ ବୃଦ୍ଧି ପାଇଁ ଛଅ ପ୍ରତିଶତ ବିଦ୍ୟୁତ୍ ସଞ୍ଚୟ ହେବ। ଉଦାହରଣ ସ୍ୱରୂପ, ୨୪ ଡିଗ୍ରୀ ସେଲସିୟସ ତୁଳନାରେ ୧୮ ଡିଗ୍ରୀରେ ୩୬ ପ୍ରତିଶତ ଅଧିକ ବିଦ୍ୟୁତ୍ ଖର୍ଚ୍ଚ ହେବ।

ସାଧାରଣତଃ ଏସି ୨୦ ଡିଗ୍ରୀ ଓ ୨୮ ଡିଗ୍ରୀ ସେଲସିୟସ ତାପମାତ୍ରା ମଧ୍ୟରେ ଅଧିକ ଦକ୍ଷତାର ସହିତ କାର୍ଯ୍ୟ କରିଥାଏ। ଅନେକ ଗୃହ, ବ୍ୟାବସାୟିକ ପ୍ରତିଷ୍ଠାନ ଆଦିରେ ତାପମାତ୍ରାକୁ ୧୫ ଡିଗ୍ରୀ ସେଲସିୟସ୍‌ରେ ରଖା ଯାଇଥାଏ। କେତେକଙ୍କର ଧାରଣା ଯେ ତାପମାତ୍ରା କମ୍ କଲେ କୋଠରି ଶୀଘ୍ର ଥଣ୍ଡା ହୋଇଯାଏ। ପ୍ରକୃତରେ ଶୀତଳନ ହାର ଏସି କ୍ଷମତା ଉପରେ ନିର୍ଭର କରିଥାଏ, ତାପମାତ୍ରା ସେଟିଂ ଉପରେ ନୁହେଁ। ତାପମାତ୍ରା ୨୪ ଡିଗ୍ରୀ, ୨୦ ଡିଗ୍ରୀ କିମ୍ବା ଏପରିକି ୧୬ ଡିଗ୍ରୀରେ ସେଟିଂ କଲେ ସୁଦ୍ଧା ଏହା ୨୮ ଡିଗ୍ରୀରୁ କୋଠରିକୁ ଥଣ୍ଡା କରିବା ପାଇଁ ସମାନ ସମୟ ନେଇଥାଏ। ଅନ୍ୟ ଏକ ଭୁଲ୍ ଧାରଣା ହେଉଛି ଯେ କୋଠରି ବାହାର ତାପମାତ୍ରା ଅଧିକ ଥିଲେ ଏସି ସେଟିଂ ୨୦ ଡିଗ୍ରୀରେ ରଖିଲେ ଯଥେଷ୍ଟ ଥଣ୍ଡା ହେବ ନାହିଁ। ବାସ୍ତବରେ ବାହାର ତାପମାତ୍ରା ୩୫ ଡିଗ୍ରୀ, ୪୦ ଡିଗ୍ରୀ କିମ୍ବା ଏପରିକି ୪୫ ଡିଗ୍ରୀ ହେଲେ ମଧ୍ୟ ୨୦ ଡିଗ୍ରୀ ସେଟିଂ ଆରାମଦାୟକ ହୋଇଥାଏ।

ଏସି ତାପମାତ୍ରା ସେଟିଂ ଉପରେ ବିଦ୍ୟୁତ୍ ଖର୍ଚ୍ଚ ନିର୍ଭର କରୁଥିବାରୁ ଆମର ସ୍ୱାଚ୍ଛନ୍ଦ୍ୟକୁ ଜଳାଞ୍ଜଳି ନ ଦେଇ ତାପମାତ୍ରା ୨୦ ଡିଗ୍ରୀ ସେଲସିୟସ୍ ରଖିଲେ ଦେଶର ଅନେକ ବିଦ୍ୟୁତ୍ ଖର୍ଚ୍ଚ ବଞ୍ଚିଯିବ ଏବଂ ଏହାକୁ କଳକାରଖାନାରେ ବ୍ୟବହାର କରାଯାଇପାରିବ। ପୁନଶ୍ଚ ଆମର ମୋଟ ବିଦ୍ୟୁତ୍ ଉତ୍ପାଦନର ପ୍ରାୟ ୫୦ ପ୍ରତିଶତ ତାପଜ ବିଦ୍ୟୁତ୍ କେନ୍ଦ୍ରରୁ ଉତ୍ପନ୍ନ ହେଉଛି, ଯାହା ବାୟୁମଣ୍ଡଳକୁ ଅଙ୍ଗାରକାମ୍ଳ ନିର୍ଗତ କରୁଥିବାରୁ ଜଳବାୟୁ ପରିବର୍ତ୍ତନ ହେଉଛି। ଏଣୁ ଏସି ତାପମାତ୍ରା ନିୟନ୍ତ୍ରଣ ଦ୍ୱାରା ଆମ ପରିବେଶ ସୁରକ୍ଷା ହୋଇପାରିବ। ପୁନଶ୍ଚ ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ଏକସଙ୍ଗରେ ଅନେକ ଏସି ଚାଲିଲେ ଗ୍ରିଡର ଭୋଲ୍ଟେଜ କମିଯାଏ ଏବଂ ବିଦ୍ୟୁତ୍ ବିଚ୍ଛିନ୍ନ ମଧ୍ୟ ହୋଇପାରେ।

ଏସିରେ ବିଦ୍ୟୁତ୍ ଖର୍ଚ୍ଚ ହ୍ରାସ କରିବା ପାଇଁ ଏହାର ଦକ୍ଷତା ବଢ଼ାଇବାକୁ ପଡ଼ିବ। ଶକ୍ତି ଦକ୍ଷତା ପରିଷଦ ଏସିଗୁଡ଼ିକୁ ୧ରୁ ୫ ଷ୍ଟାର ଚିହ୍ନ ଦେଇଛି। ଷ୍ଟାର ୧ ହେଉଛି ସବୁଠାରୁ କମ୍ ଦକ୍ଷ ଓ ଷ୍ଟାର ୫ର ଦକ୍ଷତା ହେଉଛି ସବୁଠାରୁ ଅଧିକ। ଏଣୁ ଷ୍ଟାର ୧ ରୁ ୫ ପର୍ଯ୍ୟନ୍ତ ବିଦ୍ୟୁତ୍ ଖର୍ଚ୍ଚ କମ୍ ହୋଇଥାଏ, ମାତ୍ର ଏସି ଦାମ ବଢ଼ିଯାଏ। ଏଣୁ ପରିବେଶବିତ୍‌ମାନେ କେବଳ ଷ୍ଟାର ୫ ଏସି ପ୍ରଚଳନ ପାଇଁ ଦାବି କରିଥା'ନ୍ତି। ୨୦୨୦ ମସିହାରେ ଶକ୍ତି ଦକ୍ଷତା ପରିଷଦ ଏସି ତାପମାତ୍ରା ସେଟିଂକୁ ସର୍ବନିମ୍ନ ୨୪ ଡିଗ୍ରୀ ସେଲସିୟସ ରଖିବା ପାଇଁ ନିୟମ କରିଥିଲା। ମାତ୍ର ଏହା ଫଳପ୍ରଦ ହେଲା ନାହିଁ। ପ୍ରଥମତଃ ଏହି ମୂଲ୍ୟ ଅଧିକ ଥିଲା ଏବଂ ଦ୍ୱିତୀୟରେ ଏସି ନିର୍ମାତାମାନେ ନିର୍ମାଣ ସମୟରେ ଏଥିପାଇଁ ବ୍ୟବସ୍ଥା କଲେ ନାହିଁ। ଏଣୁ ନୂଆ ଭାବେ ଆସିବାକୁ ଥିବା ଆଇନ୍‌ରେ ବ୍ୟବସ୍ଥା ରହୁଛି ଯେ ଏସି ନିର୍ମାତାମାନେ ଏପରି ଡିଜାଇନ କରିବେ ଯେପରି ତାପମାତ୍ରା ସେଟିଂକୁ ୨୦ ଡିଗ୍ରୀରୁ କମ କିମ୍ବା ୨୮ ଡିଗ୍ରୀରୁ ଅଧିକ କରିହେବ ନାହିଁ। ଜାପାନ, ଅଷ୍ଟ୍ରେଲିଆ ଓ ୟୁରୋପର କେତେକ ଦେଶରେ ଏସି ତାପମାତ୍ରା ନିୟନ୍ତ୍ରଣ ପାଇଁ ଆଇନ ଅଛି। ଭାରତର ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ଏହି ନିଷ୍ପତ୍ତି ନେବାକୁ ପଡୁଛି ଯେତେବେଳେ ଶକ୍ତି ସମ୍ବନ୍ଧୀୟ କାର୍ବନ ଉତ୍ସର୍ଜନକୁ ହ୍ରାସ କରିବା ପାଇଁ ଆମ ଉପରେ ଜାଗତିକ ଚାପ ପଡୁଛି ଏବଂ ଭାରତ ୨୦୭୦ ମସିହା ସୁଦ୍ଧା ନେଟ୍ ଶୂନ୍ କାର୍ବନ ଉତ୍ସର୍ଜନ ଦେଶରେ ପରିଣତ ହେବା ପାଇଁ ଘୋଷଣା କରିଛି।

ମୋଟ ଉପରେ କହିଲେ ଏସି ତାପମାତ୍ରା ନିୟନ୍ତ୍ରଣ ଦ୍ୱାରା କମ୍ ବିଦ୍ୟୁତ୍ ବିଲ ଆସିବ, ବିଦ୍ୟୁତ୍ ଗ୍ରୀଡରେ ସ୍ଥିରତା ଆସିବ ଏବଂ ବାୟୁମଣ୍ଡଳକୁ କମ ଅଙ୍ଗାରକାମ୍ଳ ନିର୍ଗତ ହେବ। ପୁନଶ୍ଚ ଦେଖାଯାଇଛି ଯେ ବାହାରର ଝାଳବୁହା ଗରମରୁ ଭିତରର ଅତି ଥଣ୍ଡା ଅବସ୍ଥାକୁ ଆସିଲେ ଶ୍ୱାସକ୍ରିୟାଜନିତ ଚାପ ଓ ଶ୍ରାନ୍ତ ଦେଖାଦେଇପାରେ। କୋଠରି ତାପମାତ୍ରା ୨୨ରୁ ୨୬ ଡିଗ୍ରୀ ସେଲସିୟସ୍ ମଧ୍ୟରେ ରଖିଲେ ଆମ ସ୍ୱାସ୍ଥ୍ୟ ଉପରେ କୌଣସି ପ୍ରତିକୂଳ ପ୍ରଭାବ ନ ପକାଇ ଆମକୁ ଆରାମ ଦେଇପାରିବ ବୋଲି ବିଜ୍ଞାନଗତ ଭାବରେ ପ୍ରମାଣ କରାଯାଇଛି। ଏକ ଅଧ୍ୟୟନରୁ ଜଣାଯାଇଛି ଯେ ୫୦ ବର୍ଷରୁ ଅଧିକ ବୟସ୍କ ଲୋକ ୧୮ ଡିଗ୍ରୀ ସେଲସିୟସରୁ କମ୍ ତାପମାତ୍ରା ପରିବେଶରେ ରହିଲେ ସେମାନଙ୍କ ମଧ୍ୟରୁ ୧୬ ପ୍ରତିଶତ ଉଚ୍ଚ ରକ୍ତଚାପ, ନିମ୍ନ ଭିଟାମିନ୍ 'ଡି' ସ୍ତର ଏବଂ ହ୍ରାସିତ ଫୁସଫୁସ କ୍ରିୟା ଅନୁଭବ କରିଥା'ନ୍ତି। ଏଣୁ ସରକାରଙ୍କ ଆଇନ୍‌କୁ ମାନିବା ସହିତ ଏଥିନେଇ ସଚେତନତା ସୃଷ୍ଟି କରିବା ଆବଶ୍ୟକ।

(ସମ୍ପାଦକ, ସାଇନସ ହୋରିଜନ)
ଭୁବନେଶ୍ୱର, ମୋ: ୯୪୩୮୬୯୩୭୨୪

# ଲାଣ୍ଡିମାତା ମଠ ଓ ପିତା ଭୋଗ

ସ୍ୱପ୍ନେଶ୍ୱର

ଲୋକକଥାରେ ଲୋକଦେବତା

ଶ୍ରୀମନ୍ଦିରର ଦକ୍ଷିଣ ଦ୍ୱାର ପାଖରେ ବୁଢ଼ୀଟିଏ କୁଡ଼ିଆଟିଏ କରି ବାସ କରୁଥିଲା। ବୁଢ଼ୀର ଆଗକୁ ପଛକୁ କେହି ନ ଥିଲେ। ଘରେ ମହାପ୍ରଭୁଙ୍କର ଚିତ୍ର ପ୍ରତିମାଟିଏ ରଖି ଭକ୍ତିର ସହ ପୂଜା କରେ। ବୁଢ଼ୀ ଭାବେ କାଳିଆ ତା'ର ପୁଅ। ଏ କଥା ପୁରୀବାସୀ ସମସ୍ତଙ୍କୁ ଜଣାଥିଲା। ତେଣୁ ସମସ୍ତେ ତା'କୁ 'ଲାଣ୍ଡିମାତା' ବୋଲି ଡାକୁଥିଲେ। ସବୁଦିନ ମନ୍ଦିରକୁ ଯାଇ ଯାଇ ନୀତିକାନ୍ତି ବିଷୟରେ ସେ ସବୁ ଜାଣିଥିଲା। ଯଦି କେବେ ଠାକୁରଙ୍କ ଭୋଗ ଲାଗିବାରେ ବିଳମ୍ବ ହୁଏ, ତା' ପୁଅକୁ ଭୋକ ଲାଗୁଥିବ ବୋଲି ବୁଢ଼ୀ କାନ୍ଦେ। ଅଣସର ସମୟରେ ଠାକୁରମାନେ ଜ୍ୱରରେ ପୀଡ଼ିତ ହୋଇ ଦର୍ଶନ ଦିଅନ୍ତି ନାହିଁ। ସେ ସମୟରେ ବୁଢ଼ୀ ଆଖିରୁ ଲୁହ ଶୁଖେ ନାହିଁ। ପୁଅର ଆରୋଗ୍ୟ କାମନା କରି ସେ ଉପବାସ ବ୍ରତ ରଖେ। ଜ୍ୱର ଦେବତାଙ୍କୁ ଆରାଧନା କରେ।

ଥରେ ବୁଢ଼ୀ ମନରେ ଏକ ଅଦ୍ଭୁତ ଖିଆଲ ଆସିଲା। ସେ ଚିନ୍ତା କଲା ଯେ ସୁଆର ପିଲାମାନେ ତା' ପୁଅ ପାଇଁ ଯାହା ସବୁ ଭୋଗ ପ୍ରସ୍ତୁତ କରୁଛନ୍ତି, ତା' ଭିତରୁ ଅଧିକାଂଶ ମଧୁର। ପିତା ଦିହକୁ ହିତ। ତେଣୁ ବୁଢ଼ୀ ଠିକ କଲା ଯେ ସେ ନିଜେ ପିତା ତୁଉଣ ରାନ୍ଧି ତା' ପୁଅକୁ ଖୁଆଇବ। ଦିନେ ଘରେ ଅତିଯତ୍ନର ସହ ପିତା ତୁଉଣ ରାନ୍ଧି ତାଟିଆରେ ରଖି କାନି ଘୋଡ଼େଇ ଲୁଚେଇ ନେଇଗଲା। ଗରୁଡ଼ ସ୍ତମ୍ଭ ପାଖରେ ଠିଆ ହୋଇ ତା' ତୁଉଣ ଗ୍ରହଣ କରିବା ପାଇଁ ମହାପ୍ରଭୁଙ୍କୁ ପ୍ରାର୍ଥନା କଲା। କିନ୍ତୁ ତାଟିଆର ତୁଉଣ ଅକ୍ଷୁଣ୍ଣ ଥିବା ଦେଖି ମନ ଦୁଃଖରେ ଘରକୁ ଫେରି ଗଲା। ତା' ପରଦିନ ପୁଣି ଅଧିକ ଯତ୍ନର ସହ ରାନ୍ଧି ମନ୍ଦିର ନେଇଗଲା ଏବଂ ଠାକୁରଙ୍କୁ ନିଉଛାଳି ହେଲା। କିନ୍ତୁ ମହାପ୍ରଭୁ ତୁଉଣ ଗ୍ରହଣ କରୁ ନ ଥିଲେ। ଏହିପରି ଅନେକ ଦିନ ଚାଲିଗଲା।

ଥରେ ଜଗନ୍ନାଥ ଦାସ ବୁଢ଼ୀକୁ କାନ୍ଦି କାନ୍ଦି ମନ୍ଦିରରୁ ଫେରୁ ଥିବାବେଳେ ଦେଖି କାରଣ ପଚାରିଲେ। ବୁଢ଼ୀର କଥା ଶୁଣି ଜଗନ୍ନାଥ ଦାସ କହିଲେ- 'ତୁ ଜାଣିନୁ କି ମାଉସୀ? ସେ ପରା ଭାବର ଠାକୁର। ତାଙ୍କୁ ଯଦି ମୁଣ୍ଡ ବାଡ଼େଇ କାନ୍ଦି ଡାକିବୁ, ସେ ତୋ ଭୋଗ ସ୍ୱୀକାର କରିବେ।' ତା' ପରଦିନ ବୁଢ଼ୀ ଯତ୍ନର ସହ ପିତା ତୁଉଣ ରାନ୍ଧି ତାଟିଆକୁ କାନି ତଳେ ରଖି ମନ୍ଦିରକୁ ଗଲା। ଗରୁଡ଼ ସ୍ତମ୍ଭ ପାଖରେ ଠିଆ ହୋଇ ମୁଣ୍ଡ ବାଡ଼େଇ କାନ୍ଦିଲା। ଧାର ଧାର ରକ୍ତ ବୋହିବାକୁ ଲାଗିଲା। ତା' ପରେ ସେ ଅନୁଭବ କଲା ଯେ ତାଟିଆଟା ହଠାତ୍ ହାଲୁକା ଲାଗିଲା। ସେ ଦେଖିଲା ଯେ ତାଟିଆ ଖାଲି। ଏହା ଦେଖି ବୁଢ଼ୀ ଆନନ୍ଦରେ କାନ୍ଦି କାନ୍ଦି ବାହାରକୁ ଗଲା। ସିଂହଦ୍ୱାରେ ଦାସ ଗୋସେଇଁଙ୍କୁ ସବୁ କଥା କହିଦେଇ ଘରକୁ ଧାଇଁଲା। ତା' ପର ଦିନଠାରୁ ପ୍ରତିଦିନ ବୁଢ଼ୀ ପିତା ତୁଉଣ ତାଟିଆ ନେଇ ମନ୍ଦିରକୁ ଯାଉଥିଲା ଏବଂ ତାଟିଆ ଖାଲି ହେବା ପରେ ଘରକୁ ଫେରୁଥିଲା।

ଦିନେ ବୁଢ଼ୀ ଚିନ୍ତା କଲା ଯେ ଯଦି କାଳିଆ ସବୁଦିନ ତାଟିଆ ଖାଲି କରି ତୁଉଣ ଖାଇ ଦେଉଥିଲା, ଅଧିକ ଟିକିଏ ନେଲେ ପିଲାଟା ଖୁସିରେ ଖାଆନ୍ତା। ତେଣୁ ସେ ଦିନ ଟିକିଏ ଅଧିକ ତୁଉଣ ରାନ୍ଧି ଗୋଟେ ବଡ଼ ତାଟିଆରେ ରଖି ନେଇ ଚାଲିଲା। ବଡ଼ ତାଟିଆଟାକୁ କାନି ତଳେ ନେଲା ବେଳେ ସେବକମାନେ ଦେଖିଦେଲେ। ତୁଉଣ ମନ୍ଦିର ଭିତରକୁ ଯାଇ ପାରିବ ନାହିଁ ବୋଲି ସେମାନେ ଶୁଣେଇ ଦେଲେ ଏବଂ ବୁଢ଼ୀକୁ ମନ୍ଦିରରୁ ବାହାର କରିଦେଲେ। ବୁଢ଼ୀ କାନ୍ଦି କାନ୍ଦି ଘରକୁ ଫେରିଲା। ତୁଉଣ ତାଟିଆକୁ ମହାପ୍ରଭୁଙ୍କ ଚିତ୍ରପ୍ରତିମା ଆଗରେ ରଖି ପ୍ରାର୍ଥନା କଲା। ମହାପ୍ରଭୁ ଭକ୍ତର ଡାକ ଶୁଣିଲେ। ସେଠାରେ ବିଜେ କରି ତାଟିଆ ଖାଲି କରି ଦେଲେ। ଏହା ଦେଖି ବୁଢ଼ୀର ଆନନ୍ଦ କହିଲେ ନ ସରେ।

ମନ୍ଦିରରେ ଧୂପବେଳେ ମହାପ୍ରଭୁ ସେବକମାନଙ୍କର ଚକ୍ଷୁରେ ଦେଖାଗଲେ ନାହିଁ। ଖବର ପାଇ ଗଜପତି ମହାରାଜା ଶ୍ରୀମନ୍ଦିରରେ ପହଞ୍ଚି ଗର୍ଭଗୃହରେ ଗୁହାରିଆ ପଡ଼ିଲେ। ସେଠାରେ ମହାପ୍ରଭୁ ଶୂନ୍ୟବାଣୀ କଲେ- 'ରାଉତ! ମୋର ଭକ୍ତ ଲାଣ୍ଡିମାତା ମୋତେ ସବୁଦିନ ପିତା ତୁଉଣ ଅର୍ପଣ କରେ। ମୁଁ ତାହା ମହାଆନନ୍ଦରେ ଗ୍ରହଣ କରେ। ଆଜି ସେବକମାନେ ତାଙ୍କୁ ମନ୍ଦିରକୁ ଆସିବାକୁ ଅନୁମତି ନ ଦେବାରୁ ମୁଁ ପିତା ଭୋଗ ପାଇବା ପାଇଁ ତା' ଘରେ ଅଛି। ଆଜିଠାରୁ ପ୍ରତିଦିନ ତା' ଘରୁ ପିତା ଭୋଗ ମୋତେ ସମର୍ପଣ କରିବାର ବନ୍ଦୋବସ୍ତ କର।' ଗଜପତି ଲାଣ୍ଡିମାତାଙ୍କ ଦ୍ୱାରା ପ୍ରସ୍ତୁତ ପିତା ଭୋଗ ସବୁଦିନ ମହାପ୍ରଭୁଙ୍କୁ ସମର୍ପଣ ହେବ ବୋଲି ଘୋଷଣା କଲେ। ଲାଣ୍ଡିମାତା ରହୁଥିବା ଯାଗାରେ ଲାଣ୍ଡିମାତା ମଠ ଗଢ଼ି ଉଠିଲା ଏବଂ ଅନେକ ବର୍ଷ ପର୍ଯ୍ୟନ୍ତ ପିତା ଭୋଗ ଯୋଗାଇବାର ଦାୟିତ୍ୱ ନେଲା। ଆଜିକାଲି ତରକାରୀରେ ମେଥି ପକେଇ ମହାପ୍ରଭୁଙ୍କ ରୋଷ ଘରେ ପ୍ରସ୍ତୁତ ପିତା ଭୋଗ ସମର୍ପଣ କରାଯାଉଛି।

ମୋ: ୯୯୦୦୦୮୩୪୩୩

ସକାଳ THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ପୁଣି ରାସ୍ତାରେ ଦୌଡ଼ିବ ୨୦ ବର୍ଷରୁ ଅଧିକ ପୁରୁଣା ଗାଡ଼ି

## ଦେବାକୁ ପଡିବ ମୋଟା ଅଙ୍କର ପଞ୍ଜୀକରଣ ଫି

ନୂଆଦିଲ୍ଲୀ,୨୬।୮ (ଏଜେନ୍ସି): ଗାଡି ମାଲିକଙ୍କୁ ଆଶ୍ୱସ୍ତି! ଏଣିକି ୧୫ ବର୍ଷ ବଦଳରେ ୨୦ ବର୍ଷ ପାଇଁ ରାସ୍ତାରେ ଗଡ଼ିବ ଗାଡି। ହେଲେ ଏଥିପାଇଁ ଗାଡ଼ି ମାଲିକଙ୍କୁ ଦେବାକୁ ପଡିବ ମୋଟା ଅଙ୍କର ପଞ୍ଜୀକରଣ ଫି'। କେନ୍ଦ୍ର ସରକାର ୧୫ ବର୍ଷ ପୁରୁଣା ଯାନଗୁଡ଼ିକର ପଞ୍ଜୀକରଣକୁ ୨୦ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ଅନୁମତି ଦେଇଛନ୍ତି। ଏଥିରେ ୧୫ ବର୍ଷ ଏବଂ ପୁରୁଣା ଯାନର ଗାଡି ପଞ୍ଜୀକରଣ ଲାଗି ଗାଡ଼ି ମାଲିକଙ୍କୁ ବର୍ଦ୍ଧିତ ନବୀକରଣ ଫି' ଦେବାକୁ ପଡିବ। ଏହି ନୂତନ ନିୟମ କେନ୍ଦ୍ରୀୟ ମୋଟର ଯାନ ନିୟମ (ତୃତୀୟ ସଂଶୋଧନ), ୨୦୨୫ ଅଧୀନରେ ଲାଗୁ କରାଯାଇଛି। ନୂଆ ନିୟମ ଅଗଷ୍ଟ ୨୦ରୁ ଲାଗୁ ହୋଇଛି। ଏହି ନିର୍ଦ୍ଦେଶନାମା ଦିଲ୍ଲୀ-ଏନସିଆର ବ୍ୟତୀତ ସମଗ୍ର ଦେଶରେ ଲାଗୁ ହେବ। କାରଣ ଦିଲ୍ଲୀ-ଏନସିଆରରେ ପୂର୍ବରୁ ୧୫ ବର୍ଷ ପୁରୁଣା ପେଟ୍ରୋଲ ଏବଂ ୧୦ ବର୍ଷ ପୁରୁଣା ଡିଜେଲ ଯାନ ଉପରେ ପ୍ରତିବନ୍ଧକ ଲଗାଯାଇଥିଲା। ପଞ୍ଜୀକରଣ ନବୀକରଣ କରି ଜଣେ ୧୫ ବର୍ଷ ପୁରୁଣା ଯାନର ପଞ୍ଜୀକରଣକୁ ଏବେ ଆଉ ୫ ବର୍ଷ ବୃଦ୍ଧି କରାଯାଇ ୨୦ ବର୍ଷ କରିପାରିବେ, ଯଦି ଯାନ ଫିଟନେସ୍ ପରୀକ୍ଷାରେ ପାସ୍ କରିଥାଏ। ଏହି ନବୀକରଣ ପ୍ରତି ୫ ବର୍ଷରେ କରିବାକୁ ପଡିବ ଏବଂ ଏଥିପାଇଁ ଏକ ସ୍ୱୀକୃତିପ୍ରାପ୍ତ ସ୍ୱୟଂଚାଳିତ ପରୀକ୍ଷଣ କେନ୍ଦ୍ର (ଏଟିଏସ୍) ରୁ ଫିଟନେସ୍ ପ୍ରମାଣପତ୍ର ହାସଲ କରିବା ବାଧ୍ୟତାମୂଳକ।

ଏହି ନୂଆ ନିୟମାନୁଯାୟୀ, ମୋଟରସାଇକେଲ ପଞ୍ଜୀକରଣ ନବୀକରଣ ପାଇଁ ୨୦୦୦ ଟଙ୍କା(ପୂର୍ବରୁ ୩୦୦ ଟଙ୍କା), ତିନି ଚକିଆ ଯାନ/କ୍ୱାଡ୍ରିସାଇକେଲ ପାଇଁ ୫୦୦୦ ଟଙ୍କା, ହାଲୁକା ମୋଟର ଯାନ (କାର ପରି ଏଲ୍‌ଏମ୍‌ଭି)୧୦,୦୦୦ ଟଙ୍କା (ପୂର୍ବରୁ ୬୦୦ ଟଙ୍କା),ଆମଦାନୀ ହୋଇଥିବା ଦୁଇ ଚକିଆ ଯାନ ୨୦,୦୦୦ ଟଙ୍କା, ଆମଦାନୀ ହୋଇଥିବା ଚାରି ଚକିଆ ଯାନ ୮୦,୦୦୦ ଟଙ୍କା ଏବଂ ଅନ୍ୟାନ୍ୟ ବର୍ଗର ଯାନପ ଶଁ ୧୨,୦୦୦ ଟଙ୍କା ଦେବାକୁ ପଡିବ। ସେହିପରି ବାଣିଜ୍ୟିକ ଯାନ କ୍ଷେତ୍ରରେ ଟ୍ୟାକ୍ସି ୭୦୦୦ ଟଙ୍କା (ପୂର୍ବରୁ ୧୦୦୦ ଟଙ୍କା),ବସ୍/ଟ୍ରକ୍ ପଞ୍ଜୀକରଣ ପାଇଁ ୧୨,୫୦୦ ଟଙ୍କା (ପୂର୍ବରୁ ୧୫୦୦ ଟଙ୍କା) ପଡିବ। ଏତାଛଡା ପଞ୍ଜିକରଣ ନବୀକରଣରେ ବିଳମ୍ବ ପାଇଁ ମଧ ବିଳମ୍ବିତ ଶୁଳ୍କ ଲାଗୁ ହେବ, ଯାହା ଘରୋଇ ଯାନ ପାଇଁ ପ୍ରତି ମାସରେ ୩୦୦ ଟଙ୍କା ଏବଂ ବାଣିଜ୍ୟିକ ଯାନ ପାଇଁ ପ୍ରତି ମାସରେ ୫୦୦ ଟଙ୍କା ଜରିମାନା ଲାଗୁ ହେବ।

# ହାତୀ ଆକ୍ରମଣରେ ଦମ୍ପତି ମୃତ

ପାଇକମାଲ,୨୬।୮ (ସମିସ): ପାଇକମାଳ ବ୍ଲକ୍ ଟେମରୀ ପଞ୍ଚାୟତ ଧାନ୍ଦୁପାଲି ଗାଁରେ ହାତୀ ଆକ୍ରମଣରେ ଏକ ଦମ୍ପତିଙ୍କ ମୃତ୍ୟୁ ହୋଛି। ଗନ୍ଧମାର୍ଦ୍ଦନ ପାହାଡ଼ର ପଠାରରୁ ଏକ ବଣୁଆ ହାତୀ ବୁଲାବୁଲି କରୁଥିଲା। ସୋମବାର ରାତିରେ ଧାନ୍ଦୁପାଲି ଗାଁର ବଳରାମ ରଣା (୬୧) ଓ ତାଙ୍କ ପତ୍ନୀ ଶଶି ରଣା (୫୭) ଦୁହେଁ ନିଜ

## ମୃତ ପରିବାରକୁ ୨ ଲକ୍ଷ ଟଙ୍କା କ୍ଷତିପୂରଣ

କ୍ଷେତର ପନିପରିବା ଚାଷ ଜଗିବା ପାଇଁ ଯାଇଥିଲେ। ହାତୀଟି ସେମାନଙ୍କୁ ଆକ୍ରମଣ କରି ଦଳି ଦେବା ଫଳରେ ଘଟଣାସ୍ଥଳରେ ଉଭୟଙ୍କ ମୃତ୍ୟୁ ହୋଇଥିଲା। ଖବର ପାଇବା ପରେ ବନ ବିଭାଗ ସେହି ଅଞ୍ଚଳରେ ରାତିସାରା ପେଟ୍ରୋଲିଂ କରିଥିଲା। ସକାଳେ ବନ ବିଭାଗ ରେଞ୍ଜର ହୃଦାନନ୍ଦ ମିଶ୍ର, ରଜନିକାନ୍ତ ବଡ଼େଇ, ଦୋଳଗୋବିନ୍ଦ ବରିହା, ବସନ୍ତ ବାଗ, ରମେଶ ପ୍ରଧାନ, ଦିବାକର ବାଗ ପ୍ରମୁଖ ବନ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ଦମ୍ପତିଙ୍କ ଶବ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଦ୍ମପୁରକୁ ପଠାଯାଇଥିଲା। ଖବର ଜାଣିବା ପରେ ବ୍ଲକ୍ ପ୍ରଶାସନ, ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା ପରିବାର ବର୍ଗଙ୍କୁ ଭେଟି ସମବେଦନା ଜଣାଇ ଶୀଘ୍ର କ୍ଷତିପୂରଣ ଦେବାକୁ



ସରକାରଙ୍କୁ ନିବେଦନ କରିଛନ୍ତି। ବନବିଭାଗ ତରଫରୁ ଅନୁକମ୍ପାମୂଳକ ଭାବେ ୨ ଲକ୍ଷ ଟଙ୍କା କ୍ଷତିପୂରଣ ଦିଆଯାଇଛି। ଆଉ ୧୮ ଲକ୍ଷ ଦିଆଯିବ ବୋଲି ଡିଏଫ୍‌ଓ ସରୋଜ ପଣ୍ଡା ଜଣାଇଛନ୍ତି। ମୃତ ଦମ୍ପତିଙ୍କ ପରିବାରର ପୁଅ ଉପେନ୍ଦ୍ର ରଣା ଓ ମହେନ୍ଦ୍ର ରଣା ସେମାନଙ୍କ ପରିବାର ସହ ଧାନ୍ଦୁପାଲି ଗାଁରେ ରହୁଛନ୍ତି। ଟେମରି ସରପଞ୍ଚ ଦିଲୀପ ବେହେରା ପରିବାର ପାଖରେ ପହଞ୍ଚି ସମବେଦନା ଜଣାଇଛନ୍ତି।

# ଆଜି ମିଳିବ ସିଏମ୍ କିଷାନ ଟଙ୍କା

ଭୁବନେଶ୍ୱର, ୨୬।୮ (ସମିସ): ରାଜ୍ୟ ସରକାରଙ୍କ ସିଏମ୍-କିଷାନ ଯୋଜନାର କିସ୍ତି ଆସନ୍ତାକାଲି ମିଳିବ। 'ନୂଆଁଖାଇ'ର ଅବ୍ୟବହିତ ପୂର୍ବରୁ ଏହା ପ୍ରଦାନ କରାଯିବ। ପ୍ରତି ଚାଷୀଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ୨ ହଜାର ଟଙ୍କା ଲେଖାଏଁ ପଠାଯିବ। ଏହାଦ୍ୱାରା ରାଜ୍ୟର ୫୨ଲକ୍ଷ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଉପକୃତ ହେବେ। ଏହି ଯୋଜନାରେ ରାଜ୍ୟ ସରକାର ଦୁଇଟି କିସ୍ତିରେ ୪ ହଜାର ଟଙ୍କା ପ୍ରଦାନ କରୁଛନ୍ତି। ସୂଚନାଯୋଗ୍ୟ, ଗତବର୍ଷ 'ନୂଆଁଖାଇ' ଅବସରରେ ରାଜ୍ୟ ସରକାର ସିଏମ୍-କିଷାନ ଯୋଜନାର ପ୍ରଥମ କିସ୍ତି ପ୍ରଦାନ କରିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ଦ୍ୱିତୀୟ କିସ୍ତି ଦିଆଯାଇଥିଲା। ଏବେ ପୁଣି ଚଳିତବର୍ଷର ପ୍ରଥମ କିସ୍ତି ଦିଆଯିବା ନେଇ ଆଜି କୃଷିମନ୍ତ୍ରୀ ତଥା ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ସବୁ ଜିଲ୍ଲାପାଳଙ୍କ ସହ ଆଲୋଚନା କରିଛନ୍ତି।

**ଉପକୃତ ହେବେ ୫୨ ଲକ୍ଷ ଚାଷୀ**

## ବନ୍ୟା ପରିସ୍ଥିତିର ସମୀକ୍ଷା କଲେ ରାଜ୍ୟପାଳ

# ଶୂନ୍ୟ ଜୀବନହାନୀକୁ ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱ

ଭୁବନେଶ୍ୱର, ୨୬।୮ (ସମିସ): ସଂପ୍ରତି ରାଜ୍ୟର ବିଭିନ୍ନ ଜିଲ୍ଲାରେ ସୃଷ୍ଟି ହୋଇଥିବା ବନ୍ୟା ପରିସ୍ଥିତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗକୁ ସତର୍କ ରହିବା ଏବଂ ଶୂନ୍ୟ ଜୀବନହାନୀକୁ ସୁନିଶ୍ଚିତ କରିବା ଉପରେ ରାଜ୍ୟପାଳ ଡଃ ହରିବାବୁ କମ୍ଭମ୍ପାଟି ଗୁରୁତ୍ୱାରୋପ କରିଛନ୍ତି। ମଙ୍ଗଳବାର ରାଜଭବନ ସମ୍ମିଳନୀ କକ୍ଷରେ ରାଜ୍ୟରେ ସୃଷ୍ଟି ହୋଇଥିବା ବନ୍ୟାସ୍ଥିତିର ସମୀକ୍ଷା କରି ରାଜ୍ୟପାଳ ବନ୍ୟା ମୁକାବିଲା ଏବଂ ଜୀବନ ସୁରକ୍ଷା ପାଇଁ ଓଡ଼ିଶା ସରକାରଙ୍କ ତରଫରୁ ନିଆଯାଇଥିବା ପଦକ୍ଷେପକୁ ପ୍ରଶଂସା କରିଛନ୍ତି। ଏହାସହ ବନ୍ୟା ସମୟରେ ଲୋକଙ୍କୁ ସୁରକ୍ଷା ଦେବା ପାଇଁ ଆଗୁଆ ସକ୍ରିୟ ପଦକ୍ଷେପ ନେବାକୁ ଆହ୍ୱାନ ଜଣାଇଥିଲେ। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଅତିରିକ୍ତ ମୁଖ୍ୟ ଶାସନ ସଚିବ-ତଥା-ସ୍ୱତନ୍ତ୍ର ରିଲିଫ କମିଶନର ଦେଓ ରଂଜନ କୁମାର ସିଂହ, ରାଜ୍ୟପାଳଙ୍କ କମିଶନର-ତଥା-ଶାସନ ସଚିବ ରୂପା ରୋଶନ ସାହୁ, ଅତିରିକ୍ତ ସ୍ୱତନ୍ତ୍ର ରିଲିଫ କମିଶନର ମନୀଷ ଅଗ୍ରୱାଲଙ୍କ ସମେତ ଜଳ ସଂପଦ ବିଭାଗର ଇଂଜିନିୟର ଇନ ଚିଫ୍ ଓ ମୁଖ୍ୟ ଯନ୍ତ୍ରୀମାନେ ଏହି ବୈଠକରେ ଯୋଗଦେଇ ବନ୍ୟା ପ୍ରଭାବିତ ବାଲେଶ୍ୱର, ଯାଜପୁର, ଭଦ୍ରକ, କେନ୍ଦୁଝର, ମୟୂରଭଞ୍ଜ ଏବଂ ସୁନ୍ଦରଗଡ଼ ଜିଲ୍ଲାର ସ୍ଥିତି ସମ୍ପର୍କରେ ରାଜ୍ୟପାଳଙ୍କୁ ଅବଗତ କରାଇଛନ୍ତି।

ନଦୀ ଅବବାହିକାର ସ୍ଥିତି, ବନ୍ୟା ଏବଂ ପ୍ରବଳ ବର୍ଷାର ମୁକାବିଲା ପାଇଁ ପ୍ରସ୍ତୁତି, ଆଶ୍ରୟସ୍ଥଳର ବ୍ୟବସ୍ଥା ଏବଂ ରିଲିଫ୍ ସହାୟତା ସଂପର୍କରେ ରାଜ୍ୟପାଳ ସମୀକ୍ଷା କରିଥିଲେ। ବ୍ୟାରେଜ୍ ନିର୍ମାଣ କରି ଉଦ୍‌ବୃତ୍ତ ଜଳର ସୁପରିଚାଳନା ନିମନ୍ତେ ରାଜ୍ୟପାଳ ପରାମର୍ଶ ଦେଇଥିଲେ। ଏହା ହେଲେ ଉଦ୍‌ବୃତ୍ତ ଜଳ ନିକଟବର୍ତ୍ତୀ ଗାଁ ପୋଖରୀକୁ ନିଆଯାଇପାରିବ ଏବଂ ଏହାଦ୍ୱାରା ବନ୍ୟା ନିୟନ୍ତ୍ରଣ ମଧ୍ୟ ହୋଇପାରିବ ବୋଲି ରାଜ୍ୟପାଳ କହିଥିଲେ। ଏ ଦିଗରେ ଦୀର୍ଘକାଳୀନ କାର୍ଯ୍ୟନୀତି ପ୍ରସ୍ତୁତି ଉପରେ ଗୁରୁତ୍ୱାରୋପ କରି ସାରା ରାଜ୍ୟରେ ଜଳ ଅବବାହିକାର ଆନ୍ତଃ-ସଂଯୋଗୀକରଣ ସଂକ୍ରାନ୍ତରେ ପରାମର୍ଶ ଦେଇଥିଲେ। ନଦୀ ପ୍ରଣାଳୀଗୁଡ଼ିକର ଇଣ୍ଟର-ଲିଙ୍କିଙ୍ଗ୍ ଏବଂ ଇଣ୍ଟ୍ରାଲିଙ୍କିଙ୍ଗ୍ ଉପରେ ବିଚାରବିମର୍ଶ/ଅଧ୍ୟୟନ କରି କାର୍ଯ୍ୟନୀତି ପ୍ରସ୍ତୁତ କରିବାକୁ ରାଜ୍ୟପାଳ ପରାମର୍ଶ ଦେଇଥିଲେ।

## ସୃଷ୍ଟି ହେଲା ଲଘୁଚାପ, ବଢ଼ିବ ବର୍ଷା

# ବନ୍ୟା ପାଣିରେ ଉତ୍ତର ଓଡ଼ିଶା

ଭୁବନେଶ୍ୱର,୨୬।୮ (ସମିସ): ଉତ୍ତର ପଶ୍ଚିମ ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହୋଇଛି। ଏହି ଲଘୁଚାପ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଏହା ଅଧିକ ଘନୀଭୂତ ହେବାର ସମ୍ଭାବନା ରହିଛି। ଏହା ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି। ଏହି ଲଘୁଚାପ ଧୀରେଧୀରେ ଶକ୍ତିଶାଳୀ ହେଉଥିବାରୁ ରାଜ୍ୟର ଅଧିକାଂଶ ସ୍ଥାନରେ ବର୍ଷା ହେବାକୁ ଥିବା ବେଳେ ଗଣେଶ ପୂଜାରେ ମଧ ବର୍ଷା ସ୍ଥିତି ନେଇ ଆଶଙ୍କା କରାଯାଇଛି। ଏହି ଲଘୁଚାପ ଯୋଗୁଁ ରାଜ୍ୟରେ ପ୍ରାୟ ୩୦ତାରିଖ ପର୍ଯ୍ୟନ୍ତ ବର୍ଷା ହେବା ନେଇ ପୂର୍ବାନୁମାନ କରାଯାଇଛି।

ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ଓଡ଼ିଶା ସଂଲଗ୍ନ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ବିଶେଷ ଶକ୍ତି ଗୋଟାଇ ପାରୁନାହିଁ। ବୁଧବାର ଏହା ସେହି ସ୍ଥାନରେ ରହି ୨୯ରେ ସମ୍ଭବତଃ ଛତିଶଗଡ଼ରେ ପହଞ୍ଚିପାରେ। ତେବେ ଏହି ଲଘୁଚାପ ଯୋଗୁଁ ବୁଧବାର ରାଜ୍ୟର ଅଧିକାଂଶ ଅଞ୍ଚଳରେ ସକାଳ ଓଳା ପାଗ ଶୁଖିଲା ଓ ଖରାଟିଆ ରହିବ। ସକାଳ ୯-୧୦ଟା ପରେ ଭୁବନେଶ୍ୱରରେ ସମେତ କଟକ, ପୁରୀ, ଖୋର୍ଦ୍ଧା, ଗଞ୍ଜାମ ଓ ନୟାଗଡ଼ରେ ପାଗ ପରିବର୍ତ୍ତନ ଆସିବ ଓ ବର୍ଷା ହୋଇପାରେ। ରାଜ୍ୟର ଅନ୍ୟାନ୍ୟ ସ୍ଥାନରେ ଉପରବେଳା ୨ଟା ପରେ ପାଗ ମେଘୁଆ ସହିତ ସ୍ୱଳ୍ପ ବର୍ଷା ହୋଇପାରେ। ୨୮ ତାରିଖ ଗୁରୁବାରରେ ପାଗ ମଙ୍ଗଳବାର ପରି ହେବାର ସମ୍ଭାବନା ରହିଥିବା ବେଳେ ୨୯ରେ କେନ୍ଦ୍ରୀୟ ଓ ଉତ୍ତର ଓଡ଼ିଶା, ୩୦ରେ ଉତ୍ତର ଓ ପଶ୍ଚିମ ଓଡ଼ିଶା ଏବଂ ୩୧ରେ ପ୍ରାୟତଃ ଅଧିକାଂଶ ସ୍ଥାନରେ ସ୍ୱଳ୍ପ ଏବଂ ଅଳ୍ପ କେତେକ ସ୍ଥାନରେ ମଧ୍ୟମ ବର୍ଷା ହୋଇପାରେ। ଅନ୍ୟପଟେ ୩ ବେଳକୁ ଆଉ ଏକ ଲଘୁଚାପ ସମ୍ଭାବନା ଥିବା ବେଳେ ତାହା ମଧ ବିଶେଷ ଶକ୍ତିଶାଳୀ ହୋଇପାରିବ ନାହିଁ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି।

ରାଜ୍ୟର ବର୍ତ୍ତମାନ ବିଭିନ୍ନ ସ୍ଥାନରେ ସୃଷ୍ଟି ହୋଇଥିବା ବନ୍ୟା ସ୍ଥିତି ଯୋଗୁଁ ବହୁ ଅଞ୍ଚଳ ଜଳମଗ୍ନ ହୋଇଛି। ସୁବର୍ଣ୍ଣରେଖା ଏବେ ବି ଜାମଶୋଳା ଗେଟ୍ ଓ ରାଜଘାଟଠାରେ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ଜଳସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଚନ୍ଦ୍ରଶେଖର ପାଢ଼ୀ କହିଛନ୍ତି ଯେ ଗତକାଲି ସୁବର୍ଣ୍ଣରେଖା ବେସିନ କି ଜାମଶୋଳା ଗେଟ୍‌ରେ ବେଶି ବର୍ଷା ହୋଇନି। ଆଖୁଆପଦାରେ ବୈତରଣୀ ବିପଦ ସଂକେତ ତଳେ ଅଛି। ସେହିପରି ଦକ୍ଷିଣ ଓଡ଼ିଶାର ବଂଶଧରା, ନାଗାବଳୀ ଓ କୋଲାବରେ ସାମାନ୍ୟ ଅଧିକ ବର୍ଷା ହୋଇଛି, ହେଲେ ଅନ୍ୟ କେଉଁ ବେସିନରେ ବର୍ଷା ହୋଇନି। ହୀରାକୁଦରେ ଚାରୋଟି ଗେଟ ବନ୍ଦ ହେବାରୁ ୮ଟି ଗେଟ୍ ଦେଇ ଏବେ ଜଳ ନିଷ୍କାସନ ହେଉଛି। ମୁଣ୍ଡଳୀରେ ୩ଲକ୍ଷ କ୍ୟୁସେକ୍ ଜଳ ପ୍ରବାହିତ ହେଉଛି, ଯାହା ସ୍ୱାଭାବିକ। ବାଲେଶ୍ୱରରେ ବନ୍ୟା ଯୋଗୁଁ ବସ୍ତା, ଭୋଗରାଇ, ବାଲିଆପାଳ ଓ ଜଳେଶ୍ୱର ପ୍ରଭାବିତ ହୋଇଛି। ଯାଜପୁର ଜିଲ୍ଲାର ଦଶରଥପୁର ବ୍ଲକ ଓ ଭଦ୍ରକ ଜିଲ୍ଲା ଭଣ୍ଡାରିପୋଖରୀ, ତିହିଡି, ଧାମନଗର ବ୍ଲକ ବି ପ୍ରଭାବିତ ହୋଇଛି। ଯାଜପୁରରେ କାଣୀ ନଦୀ ଘାଇ ଯୋଗୁଁ ସର୍ବାଧିକ ପ୍ରଭାବିତ ହୋଇଛି।

# ଅକ୍ଟୋବର ୧୨ରେ ଓସିଏସ୍ ପ୍ରିଲିମିନାରୀ ପରୀକ୍ଷା

ଭୁବନେଶ୍ୱର, ୨୬।୮ (ସମିସ): ଓଡ଼ିଶା ସିଭିଲ୍ ସର୍ଭିସ୍ (ଓସିଏସ୍) ପରୀକ୍ଷା ୨୦୨୪ ପ୍ରିଲିମିନାରୀ ପରୀକ୍ଷା ତାରିଖ ପ୍ରକାଶ ପାଇଛି। ଅକ୍ଟୋବର ୧୨ ତାରିଖରେ ପରୀକ୍ଷା କରିବା ପାଇଁ ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଚଳିତଥର ମୋଟ୍ ୨୦୦ ପଦ ପାଇଁ ଆଶାୟୀମାନେ ପରୀକ୍ଷା ଦେବେ। ଏହାସହ ଓସିଏସ୍-୨୦୨୩ ର ପ୍ରମାଣପତ୍ର ଯାଞ୍ଚ ପାଇଁ ମଧ ବିଜ୍ଞପ୍ତି ପ୍ରକାଶ ପାଇଛି। ସେପ୍ଟେମ୍ବର ୬ରୁ ୧୮ ତାରିଖ ମଧ୍ୟରେ ପ୍ରମାଣପତ୍ର ଯାଞ୍ଚ ହେବ। ଏହା ମଧ୍ୟରେ କେବଳ ୧୩ ତାରିଖ ଦିନ ବନ୍ଦ ରହିବ। କଟକସ୍ଥିତ ଓପିଏସ୍‌ସି କାର୍ଯ୍ୟାଳୟରେ ୨୯୩ ଜଣ ମହିଳାଙ୍କ ସମେତ ମୋଟ୍ ୮୦୬ ଜଣ ଉତ୍ତୀର୍ଣ୍ଣ ପରୀକ୍ଷାର୍ଥୀଙ୍କ ପ୍ରମାଣପତ୍ର ଯାଞ୍ଚ କରାଯିବ ବୋଲି କୁହାଯାଇଛି।

# ନିହାର ମହାନ୍ତିଙ୍କ ଜାମିନ ଖାରଜ

କଟକ, ୨୬।୮ (ସମିସ): ଓଟିଇଟି ପ୍ରଶ୍ନପତ୍ର ଲିକ୍ ଘଟଣାରେ କ୍ରାଇମବ୍ରାଞ୍ଚ ଦ୍ୱାରା ଗିରଫ ହୋଇଥିବା ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ)ର ପ୍ରାକ୍ତନ ଉପ ସଭାପତି ଡ. ନିହାର ରଂଜନ ମହାନ୍ତି ଓ ଅନ୍ୟ ଜଣେ ଅଭିଯୁକ୍ତ ଅଜୟ ସାହୁଙ୍କ ଜାମିନ ଆବେଦନ ଆଜି ଖାରଜ ହୋଇଯାଇଛି। କଟକ ତୃତୀୟ ଅତିରିକ୍ତ ଦୌରା ଅଦାଲତ ଦୁଇ ଅଭିଯୁକ୍ତଙ୍କ ନିୟମିତ ଜାମିନ ଆବେଦନର ଶୁଣାଣି କରିବା ସହ ଏହାକୁ ଖାରଜ କରିଛନ୍ତି।


**AFFIDAVIT**

By virtue of an affidavit sworn Before Notary Public, Angul, dated 04/08/2025, I, Sujan Bhutia, Address At-Pandarabharania, Po-Budhapank, Ps- Banarpal, Dist-Angul, Odisha, Pin Code-759128 declare that I have changed the name of my son Chiranjivee Bhutia to Priyansu Bhutia Henceforth he shall be knows as **Priyansu Bhutia** for all propose.

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar vide Serial No. 116 dt. 26.08.2025, I, Subhashree Priyadarshnee Sahoo resident of Pratima Nivas, Paltanpadia, near Hengulai Temple, P.S./Dist. Khordha, Odisha, declare that I have changed my name from Subhashree Priyadarshnee Sethi to Subhashree Priyadarshnee Sahoo. Henceforth I shall be known as Subhashree Priyadarshnee Sahoo for all purposes.

**Subhashree Priyadarshnee Sahoo**

**AFFIDAVIT**

By virtue of an affidavit sworn before Executive Magistrate Bhograi Tahasil on dated-11/03/2025, I, **Mr. Braja Kishore Das,** Address AT/PO-Sankhari, PS- Bhograi, DIST-Balasore, PIN-756037 Odisha, declare that I have changed the name of my Son from **RIYANSH DAS** (old name) to **RAYANSH DAS** (new name). Henceforth, he shall be known as **RAYANSH DAS** (new name) for all purposes.

**Applicant Name: Braja Kishore Das**

**AFFIDAVIT**

I, Nakamani Hembram D/o Jadunath Hembrom, Resident of At-Jagda, PO/PS-Jhirpani, Rourkela Dist-Sundargarh PIN-769042, Odisha declare by this affidavit No.A/15 dtd 31.08.2024 that now onwards I shall be known as **NAKMANI NILIMA HEMBROM** for all future purposes.

**AFFIDAVIT**

By virtue of an affidavit sworn before Notary Public, Puri, dated 16/08/2025 I Subhashree Samantaray, Address: At- Balarampur, Po.-Rameswar, Via-J ankia, Dist. -Khorda, Pin-752020, Odisha declare that I have changed my name from **Suvashree Samantaray** to **Subhashree Samantaray**. Henceforth, I shall be known as **Subhashree Samantaray** for all purposes.


## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଆଜିଠୁ ୫୦%...

ଭାରତୀୟ ସାମଗ୍ରୀ ଉପରେ ୫୦% ଶୁଳ୍କ ଲାଗୁ ହେବା ପରେ ଏହାର ଚାହିଦା ହ୍ରାସ ପାଇବା ଆଶଙ୍କା ରହିଛି ଏବଂ ଏହାଦ୍ୱାରା ଭାରତୀୟ ଅର୍ଥନୀତି ଓ ମୋଟ ଘରୋଇ ଉତ୍ପାଦ ହ୍ରାସ ପାଇବ ବୋଲି ଅର୍ଥନୀତିଜ୍ଞମାନେ ଆକଳନ କରିଛନ୍ତି। ଏହାଛଡା ଶୁଳ୍କ ପ୍ରଭାବରେ ଦେଶରେ ଶିଳ୍ପପତିମାନେ ଉତ୍ପାଦନ ହ୍ରାସ କରିବାକୁ ବାଧ ହେବେ ଓ ପରିଣତିସ୍ୱରୂପ ଦେଶରେ ଲୋକଙ୍କ ଆୟ କମିବା ସହ ଚାକିରି ଉଭେଇଯିବ ବୋଲି ବଜାର ବିଶେଷଜ୍ଞମାନେ ଆକଳନ କରୁଛନ୍ତି। ଟାରିଫ୍ ପୂର୍ବରୁ ଏହାର ସିଧାସଳଖ ପ୍ରଭାବ ଭାରତୀୟ ସେୟାର ବଜାରରେ ଅନୁଭୂତ ହୋଇଛି। ମଙ୍ଗଳବାର ଷ୍ଟକ୍ ଏକ୍ସଚେଞ୍ଜରେ ସେନସେକ୍ସ ୮୦୦ ପଏଣ୍ଟ ତଳକୁ ଖସିଛି।

ଟ୍ରମ୍ପ ପ୍ରଶାସନର ୫୦% ଶୁଳ୍କ ଯୋଗୁଁ ଭାରତର ୮୭ ବିଲିୟନ ଡଲାରର ରପ୍ତାନି ପ୍ରଭାବିତ ହେବାର ଆଶଙ୍କା ରହିଛି। ଭାରତ ପ୍ରତିବର୍ଷ ଆମେରିକାକୁ ପ୍ରାୟ ୮୦ ବିଲିୟନ ଡଲାର ସାମଗ୍ରୀ ରପ୍ତାନି କରିଥାଏ, ଯାହା ମୋଟ ରପ୍ତାନିର ୧୮ ପ୍ରତିଶତ ଏବଂ ଜିଡିପିର ପ୍ରାୟ ୨.୫ ପ୍ରତିଶତ। ୫୦% ଶୁଳ୍କ ରପ୍ତାନିକୁ ୫୦ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ କରିବାର ସମ୍ଭାବନା ଥିବାରୁ ଜିଡିପି ମଧ ୦.୪% ପ୍ରତିଶତ ହ୍ରାସ ପାଇବାର ଆଶଙ୍କା ରହିଛି। ସେହିପରି ଏବେ ଫାର୍ମା କ୍ଷେତ୍ରରେ ଆମେରିକା ୨୫୦% ଶୁଳ୍କ ଲାଗୁ ଧମକ ଦେଇଥିବାରୁ ଏହାକୁ ନେଇ ଭାରତୀୟ ଫାର୍ମା କମ୍ପାନୀଗୁଡ଼ିକ ବେଶ୍ ଚିନ୍ତିତ। ଯଦି ଆମେରିକା ସହିତ କୌଣସି ବାଣିଜ୍ୟ ଚୁକ୍ତି ନ ହୁଏ ବା ଶୁଳ୍କ ହ୍ରାସ କରା ନ ଯାଏ, ତେବେ ଏହା ଦେଶର ୪୮.୨ ବିଲିୟନ ଡଲାର ମୂଲ୍ୟର ରପ୍ତାନି ଉପରେ ସିଧାସଳଖ ପ୍ରଭାବ ପଡ଼ିବ।

ଭାରତରୁ ଆମେରିକାକୁ ଅଧିକାଂଶ ଅଳଙ୍କାର, ପୋଷାକ, ଯନ୍ତ୍ରପାତି ଏବଂ ରାସାୟନିକ ପଦାର୍ଥ ରପ୍ତାନି କରାଯାଏ। ୫୦% ଶୁଳ୍କ ଆମେରିକାରେ ଏହି ଜିନିଷଗୁଡ଼ିକୁ ମହଙ୍ଗା କରିବ। ଯାହା ଫଳରେ ସେଠାରୁ ଅର୍ଡର ହ୍ରାସ ପାଇବ। କମ୍ ଅର୍ଡର ଯୋଗୁଁ କମ୍ପାନୀଗୁଡ଼ିକୁ ସେମାନଙ୍କର ଉତ୍ପାଦନ ହ୍ରାସ କରିବାକୁ ପଡିବ, ଯାହା ଦ୍ୱାରା କର୍ମଚାରୀ ଛଟେଇ ହୋଇପାରନ୍ତି। ତେଣୁ ଏହି କ୍ଷେତ୍ରଗୁଡ଼ିକରେ ଲେଶକେ ଚାକିରି ହରାଇବାର ଆଶଙ୍କା ରହିଛି। ଏହାବାଦ୍ ୫୦% ଶୁଳ୍କ ଆମେରିକାକୁ ରପ୍ତାନି ହ୍ରାସ କରିବ। ଏହାଦ୍ୱାରା ଭାରତର ଜିଡିପି ଅଭିବୃଦ୍ଧି ୦.୨% ରୁ ୦.୬% ହ୍ରାସ ପାଇବ ଏବଂ ସରକାରଙ୍କୁ ନିଜର ବାଣିଜ୍ୟ ନୀତିରେ ପରିବର୍ତ୍ତନ କରିବାକୁ ପଡ଼ିବ। ଆମେରିକା ଉପରେ ନିର୍ଭରଶୀଳତା ହ୍ରାସ କରିବା ପାଇଁ ସରକାରଙ୍କୁ ୟୁରୋପ, ରୁଷ କିମ୍ବା ଅନ୍ୟ ଦେଶରେ ବାଣିଜ୍ୟ ବୃଦ୍ଧି କରିବାକୁ ପଡିବ।

### ରାଜ୍ୟରେ ଆରମ୍ଭ...

ସରକାର ଆରମ୍ଭ କରିଛନ୍ତି 'ଆମ ଶାସନ' କାର୍ଯ୍ୟକ୍ରମ। ମଙ୍ଗଳବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସରକାରୀ ଯୋଜନା ଓ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ଆରମ୍ଭ କରିଛନ୍ତି 'ଆମ ଶାସନ'। ଏହି ବ୍ୟବସ୍ଥାରେ ଲୋକମାନେ ଉଭୟ ଅନ୍‌ଲାଇନ ଓ ଅଫଲାଇନ୍ ମାଧ୍ୟମରେ ସେମାନଙ୍କର ମତାମତ ବା ପରାମର୍ଶ ସରକାରଙ୍କୁ ଦେଇପାରିବେ। ରାଜ୍ୟ ସରକାରଙ୍କ ୱେବସାଇଟ୍ ଚାଟ୍‌ବଟ୍, ହ୍ୱାଟ୍ସଆପ୍ ଚାଟ୍‌ବଟ୍ +୯୧-୭୪୦୦୨୨୧୯୦୩, ଟୋଲ୍ ଫ୍ରି ନମ୍ବର ୧୪୪୭୧ ଜରିଆରେ ନିଜ ଅଭିଯୋଗ ଓ ପରାମର୍ଶ ଦିଆଯାଇ ପାରିବ। ଏହା ସହିତ ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ ଏବଂ ଉଚ୍ଚ ପ୍ରଶାସନିକ ଅଧିକାରୀମାନେ ମଧ ଟେଲିଫୋନ୍ ଜରିଆରେ ମତାମତ ଗ୍ରହଣ କରିବେ।

କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସୁଶାସନର କେନ୍ଦ୍ରବିନ୍ଦୁ ହେଉଛନ୍ତି ନାଗରିକ। ତେଣୁ ସମସ୍ତ ସରକାରୀ କାର୍ଯ୍ୟକ୍ରମ, ଯୋଜନା, ସର୍ବୋପରି ସରକାରୀ ସେବା ବ୍ୟବସ୍ଥାକୁ ନାଗରିକ କୈନ୍ଦ୍ରିକ କରାଯାଇଛି। ଜନସାଧାରଣଙ୍କ ମତାମତ ବିନା କୌଣସି ଯୋଜନା ସଫଳ ହୋଇ ପାରିବ ନାହିଁ। 'ଆମ ଶାସନ' ସରକାର ଓ ପ୍ରଶାସନରେ ସ୍ୱଚ୍ଛତା, ପାରଦର୍ଶିତା, ଦାୟିତ୍ୱବୋଧତା ଓ ଉତ୍ତରଦାୟିତ୍ୱତା ଆଣିବ। ସେହିପରି ସରକାର ଓ ଲୋକଙ୍କ ମଧ୍ୟରେ ଥିବା ଦୂରତା ହ୍ରାସ ପାଇବ। ଲୋକଙ୍କ ମତାମତକୁ ସମ୍ମାନ ଜଣାଇ ବିଧିବ୍ୟବସ୍ଥାରେ ଆବଶ୍ୟକୀୟ ପରିବର୍ତ୍ତନ କରାଯିବ। ସୂଚନା ଯୋଗ୍ୟ ଯେ ବର୍ତ୍ତମାନ ଅନଲାଇନ ଜରିଆରେ ସରକାର ୩୨ଟି ବିଭାଗର ୪୨୮ଟି ସେବା ଯୋଗାଇ ଦେଉଛନ୍ତି। ଆମ ଶାସନ କାର୍ଯ୍ୟକ୍ରମରେ ପ୍ରଥମ ପର୍ଯ୍ୟାୟରେ ୮ଟି ବିଭାଗର ୧୩ଟି ସେବା ପାଇଁ ଫିଡ୍‌ବ୍ୟାକ୍ ବ୍ୟବସ୍ଥା ଆରମ୍ଭ କରାଯାଇଛି। ଏଗୁଡିକ ହେଲା ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ଅନ୍ତ୍ୟୋଦୟ ଗୃହ ଯୋଜନା, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ମଧୁବାବୁ ପେନ୍‌ସନ ଯୋଜନା, ମହିଳା ଓ ଶିଶୁ ବିକାଶ ବିଭାଗର ସୁଭଦ୍ରା ଯୋଜନା, ଅନୁସୂଚିତ ଜନଜାତି ଓ ଜାତି ବିଭାଗର ସହିଦ ମାଧୋ ସିଂ ହାତଖର୍ଚ୍ଚ ଯୋଜନା, କୃଷି ଓ କୃଷକ ସଶକ୍ତିକରଣ ବିଭାଗର ଶ୍ରୀଅନ୍ନ ଓ ସିଏମ୍ କିଷାନ ଯୋଜନା, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ଧାନ ସଂଗ୍ରହ କାର୍ଯ୍ୟକ୍ରମ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଇନ୍ ପେସେଣ୍ଟ ଓ ଆଉଟ୍ ପେସେଣ୍ଟ ସେବା ଓ ଆୟୁଷ୍ମାନ ବୟୋବନ୍ଦନା ଯୋଜନା ଏବଂ ଗୃହ ବିଭାଗର ରଓଜ, ଅଗ୍ନି ନିରାପତ୍ତା ସାର୍ଟିଫିକେଟ୍ ପ୍ରଦାନ ଓ ପିଟିସନ।

ଆଜି କାର୍ଯ୍ୟକ୍ରମ ଆରମ୍ଭ ପରେ ବିଭିନ୍ନ ଜିଲ୍ଲାର କିଛି ହିତାଧିକାରୀଙ୍କ ସହ ମୁଖ୍ୟମନ୍ତ୍ରୀ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଉପ ମୁଖ୍ୟମନ୍ତ୍ରୀ କେ.ଭି ସିଂହଦେଓ, ଇଲୋକ୍ଟ୍ରୋନିକ୍ସ ଓ ଆଇ.ଟି ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ବିଭାଗ ପ୍ରମୁଖ ଶାସନ ସଚିବ ବିଶାଳ ଦେବ, ସ୍ୱାସ୍ଥ୍ୟ ବିଭାଗ ସଚିବ ଅଶ୍ୱତୀ ଏସ୍. ପ୍ରମୁଖ ଉପସ୍ଥିତ ଥିଲେ।

# ସାପ କାମୁଡ଼ାରେ ଭାଇ-ଭଉଣୀ ମୃତ

ବଣାଇଁ, ୨୬।୮ (ସମିସ): ସୋମବାର ରାତିରେ ସାପ କାମୁଡ଼ାରେ ଭାଇ-ଭଉଣୀଙ୍କ ମୃତ୍ୟୁ ଘଟିଛି। ଏଭଳି ହୃଦୟ ବିଦାରକ ଘଟଣା ଘଟିଛି ଚାନ୍ଦିପୋଷ ଥାନା ଅଞ୍ଚଳରେ। ସୂଚନା ଅନୁଯାୟୀ ତାମଡ଼ା ପଞ୍ଚାୟତ ଝିରପାଣି ଗ୍ରାମର ଇସାକ ଏକ୍କାର ପରିବାର ସଦସ୍ୟ ଖାଇ ପିଇ ଶୋଇଥିଲେ। ଇସାକ ଓ ତାଙ୍କ ପତ୍ନୀଙ୍କ ସହ ପୁଅ ଏମ୍ରୋଲନ ଏକ୍କା (୬)ଏବଂ ଝିଅ ଆବଲିନା ଏକ୍କା(୮) ଶୋଇଥିବା ବେଳେ ରାତି ପ୍ରାୟ ୧୧ଟାରେ ଦୁଇ ଭାଇଭଉଣୀ ଏମ୍ରୋଲନ ଓ ଆବଲିନାଙ୍କୁ ଏକ ସାପ କାମୁଡ଼ି ଦେଇଥିଲା। ଏହି ଘଟଣା ଜଣାପଡ଼ିବା ପରେ ପରିବାରଲୋକେ ତାଙ୍କୁ ଚିକିତ୍ସା ପାଇଁ ରାଉରକେଲା ସରକାରୀ ଡାକ୍ତରଖାନାକୁ ନେଇଥିଲେ। ତେବେ ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଚାନ୍ଦିପୋଷ ପୁଲିସ ଡାକ୍ତରଖାନାରେ ପହଞ୍ଚି ଶବ ଦୁଇଟିକୁ ଜବତ କରିବା ସହିତ ବ୍ୟବଚ୍ଛେଦ କରାଇ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି। ଏଥିସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିବା ଜଣାପଡ଼ିଛି। ଘଟଣା ଜଣାପଡ଼ିବା ପରେ ଝିରପାଣି ଗ୍ରାମ ସମେତ ଆଖପାଖ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।


**BRAHMAPUR MUNICIPAL CORPORATION**

No. 12468, Date: 23/08/25 C-962

**REQUEST FOR PROPOSAL**

Sealed RFP are invited to be reached from reputed Event Management Companies for organising the **"Event for LSG Day Celebration 2025" at Brahmapur.** The detailed terms & conditions are available at our office website www.berhampur.gov.in.The last date of receipt of tenders in this office by **28/08/2025, 05:00 PM** and will be opened on **29/08/2025 at 11:00** AM in the office of undersigned.

The Authority reserves the right to accept or reject any RFP without assigning any reason thereof.

Sd/- Commissioner
Brahmapur Municipal Corporation

OIPR-13035/11/0059/2526

**AFFIDAVIT**

I, Sachit Agrawal S/o Ram Kumar Agarwal, Resident of At-W 5, Civil Township, Raghunathpali, Rourkela-4, Dist-Sundargarh PIN-769004, Odisha declare by this affidavit No.1625 dtd 26.08.2025 that now onwards I shall be known as **SACHIT AGARWAL** for all future purposes.

**AFFIDAVIT**

I, Usharani Nayak D/o Banabihari Das, Resident of Village-Alana, PO-Alanahat, Nuagaon, Dist-Jagatsinghapur, Odisha declare by this affidavit No.9373 dtd 18.10.2021 that now onwards I shall be known as **USHARANI DAS** for all future purposes.

**BLOCK EDUCATION OFFICE, NUAGAON, DIST.- NAYAGARH**

ଏତଦ୍ ଦ୍ୱାରା ଶ୍ରୀ ଉମେଶ ଚନ୍ଦ୍ର କର, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ, ନୂଆଗାଁ, ସା/ପୋଷ୍ଟ/ଥାନା-ନୂଆଗାଁ, ଜିଲ୍ଲା-ନୟାଗଡ଼ଙ୍କୁ ସୂଚିତ କରାଯାଉଅଛି କି, ଆପଣ ଦୀର୍ଘ ଦିନ ଧରି ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ, କାର୍ଯ୍ୟାଳୟରେ ଅନୁପସ୍ଥିତ ଅଛନ୍ତି । ଆପଣଙ୍କୁ ବାରମ୍ବାର ସୂଚନା ଦେଲେ ମଧ୍ୟ ଆପଣ କାର୍ଯ୍ୟରେ ଯୋଗ ଦେଉନାହାନ୍ତି । ଆପଣ ଦେଇଥିବା ଠିକଣାରେ ଯୋଗାଯୋଗ କରିଥିଲେ ମଧ୍ୟ ଯୋଗାଯୋଗ ସମ୍ଭବ ହୋଇପାରୁନାହିଁ । ଆପଣଙ୍କୁ ସୂଚିତ କରାଯାଉଅଛି କି ଆପଣ ୦୭ (ସାତ ) ଦିନ ମଧ୍ୟରେ କାର୍ଯ୍ୟରେ ଯୋଗ ନ ଦେଲେ ରାଜ୍ୟ ସରକାରଙ୍କ ନିୟମ ଅନୁଯାୟୀ ଆପଣଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

SD/- BLOCK EDUCATION OFFICE,
NUAGAON

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର
ODISHA STATE OPEN UNIVERSITY,SAMBALPUR
Established by an Act of Government of Odisha.

No. 1999/OSOU/2025 Dt. 26.08.2025

**EXPRESSION OF INTEREST**

OSOU intends to implement the **"e-Evaluation (Web based online Digital Evaluation)"** of Answer scripts through OSM Book scanning of Answer scripts without cutting/de-threading of Answer books. EOI is invited from the agencies having experience in the said services.

The interested agency may visit our website www.osou.ac.in for more details. Last date of submission of EOI with technical and financial bid in separate sealed envelopes are **26.09.2025.**

For more details visit our website:
**www.osou.ac.in**

Sd-
Registrar

## ଉପରମୁଣ୍ଡରେ ଖସୁଛି; ତଳମୁଣ୍ଡରେ ବଢୁଛି

# ୩ ଦିନ ହେଲା କଳବଳ କରୁଛି ବୈତରଣୀ













ଭଦ୍ରକ/ଆରଡି,୨୬।୮ (ସମିସ):

ଗତ ୩ ଦିନ ହେବ ବୈତରଣୀ ନଦୀର ଉପର ମୁଣ୍ଡରେ ବନ୍ୟାପାଣି ବୃଦ୍ଧି ପାଇବା ଫଳରେ ସୋମବାରଠାରୁ ପାଣି କ୍ରମଶଃ କମିବାରେ ଲାଗିଛି; ହେଲେ ବୈତରଣୀ ତଳମୁଣ୍ଡରେ ବିପନ୍ନଙ୍କ ପାଇଁ ଦୁର୍ଦ୍ଦଶା ବଢିଯାଇଛି। ତେବେ ମଙ୍ଗଳବାର ମଧ୍ୟ ବନ୍ୟା ପରିସ୍ଥିତି ପରିବର୍ତ୍ତିତ ରହିଛି। ଫଳରେ ୩ ଦିନ ହେବ ଚାନ୍ଦବାଲି ବ୍ଲକର ଉପୁଜିଥିବା ବନ୍ୟାରେ ବିପନ୍ନଙ୍କ ଅବସ୍ଥା ଦୁର୍ବିସହ ହୋଇ ପଡିଛି। ଗାଁ ଦାଣ୍ଡ ଓ ଘରେ ବନ୍ୟାପାଣି ପଶିଥିବାରୁ ବିପନ୍ନମାନେ କୋଠାଘର ଛାତ ଓ ବୈତରଣୀ ସେତୁ ଓ ନଦୀବନ୍ଧ ଉପରେ ଆଶ୍ରୟ ନେଇଛନ୍ତି। ଚାନ୍ଦବାଲି ବ୍ଲକର ତଳିଆ ଅଞ୍ଚଳ ଆରଡି, ଓଳଗ, ନାନ୍ଦପୁର, ସୁନ୍ଦରପୁରରେ ବନ୍ୟା ସ୍ଥିତି ଅପରିବର୍ତ୍ତିତ ରହିବା ଫଳରେ ବୋଡକ ନିକଟରେ ୩ଦିନ ହେବ ବୈତରଣୀ ନଦୀ କୂଳ ଲଘିବାରୁ ଆଖଣ୍ଡଳମଣି-କୁଆଖିଆ ୨୦ନମ୍ବର ଜାତୀୟ ରାଜପଥର ଦେଢକିମି ଯାଏଁ ୨/୩ଫୁଟ ଉଚ୍ଚରେ ବନ୍ୟାପାଣି ପ୍ରବାହିତ ହେଉଛି। ଫଳରେ ଆଖଣ୍ଡଳମଣି ଓ ଯାଜପୁରର ବିରଜା କ୍ଷେତ୍ରକୁ ଯୋଗାଯୋଗ ବିଚ୍ଛିନ୍ନ ହେବା ସହ ୧୪ଟି ଗାଁ ବନ୍ୟାଘେରରେ ରହିଛି। ସେହିପରି ଦୋହରା ପାଟଣା ଓ ବୋଡକ ତଳିଆ ଅଞ୍ଚଳରେ ବନ୍ୟାପାଣି ପ୍ରବେଶ କରିବାରୁ ଗାଁ ଦାଣ୍ଡରେ ଲହଡ଼ି ମାରୁଛି। ଫଳରେ ୪ଟି ପଞ୍ଚାୟତର ଶହଶହ ଏକର ଚାଷଜମି ଜଳମଗ୍ନ ହୋଇଥିବା ବେଳେ ଗୃହପାଳିତ ପଶୁ ଓ ବାତ୍ୟା ଆଶ୍ରୟସ୍ଥଳୀ ଓ ନଦୀବନ୍ଧରେ ଆଶ୍ରୟ ନେଇଛନ୍ତି। ଏପରିକି ଅନେକ ସ୍ଥାନରେ ନଦୀବନ୍ଧ ଦୁର୍ବଳ ରହିଥିବାରୁ ସ୍ଥାନୀୟ

- **ଆରଡି ଅଞ୍ଚଳର ୧୪ ଗାଁ ବାହ୍ୟଜଗତରୁ ବିଚ୍ଛିନ୍ନ**
- **ଆଖଣ୍ଡଳମଣି ଶିବଗଙ୍ଗା ପୁଷ୍କରିଣୀରେ ବନ୍ୟାଜଳ ପଶିବାରୁ ବୁଡିଲେ ନନ୍ଦୀ ଦେବ**
- **ବୋଡକ, ମୁଆଘୋଷରା, ସତସଙ୍ଗ କେନ୍ଦ୍ର ଆଦି ୩ଟି ସ୍ଥାନରେ ୩ ଫୁଟ ଉଚ୍ଚରେ ବନ୍ୟାପାଣି**

ନଦୀକୂଳିଆ ଲୋକ ପାଳିକରି ଜଗି ରହୁଛନ୍ତି। ତାହା ସହ ମୁଆ, ସନ୍ତରା, ସିଙ୍ଗିପୁର, ବାତୋଳ, ସାନଫଙ୍କି, ପାଳଟପୁର, ବାଙ୍କମୁଆ ଆଦି ୧୫ଟି ଗାଁ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇରହିଛି। ସେହିପରି ବନ୍ୟାପାଣି ବାବା ଆଖଣ୍ଡଳମଣିଙ୍କ ମନ୍ଦିର ସମ୍ମୁଖରେ ଥିବା ଶିବଗଙ୍ଗା ପୁଷ୍କରିଣୀରେ ପ୍ରବେଶ କରିବାରୁ ମୁଖ୍ୟ ଜଳଘାଟ ବୁଡି ଯିବାରୁ ଘାଟ ସମ୍ମୁଖରେ ଥିବା ବୃଷଭ ଅଧିକାଂଶ ଭାଗ ବୁଡିଯାଇଛି। ଅନ୍ୟପଟେ ଆରଡି ପୀଠରୁ ତିହିଡି ଓ ଚାନ୍ଦବାଲି ରାସ୍ତାରେ ମୁଆଘୋଷରା ସତସଙ୍ଗ ଘୋଷରାରେ ୩ଫୁଟ ଉଚ୍ଚରେ ବନ୍ୟାପାଣି ପ୍ରବାହିତ ହେଉଥିବାରୁ ଯାତାୟତ ବାଧାପ୍ରାପ୍ତ ହେବା ଫଳରେ ବିଚ୍ଛିନ୍ନାଞ୍ଚଳର ଲୋକମାନେ ଅତ୍ୟାବଶ୍ୟକ ସାମଗ୍ରୀ ପାଇଁ ଦେଶୀଡଙ୍ଗା ଓ ଟ୍ରାକ୍ଟର ସାହାଯ୍ୟରେ ବିପଦପୂର୍ଣ୍ଣ ଭାବେ ଆସୁଥିବା ଦେଖିବାକୁ ମିଳିଛି। ଆଜି ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ ଜଳବନ୍ଦୀ ହୋଇ ରହିଥିବା ମୁଆଁ, ସନ୍ତରା, ପାଳଟପୁର, ବାତୋଳ, ସିଙ୍ଗିପୁର, ସାନଫଙ୍କି, ବୋଡକ, ସାଠିଆବଙ୍କୁଡା ଆଦି ସ୍ଥାନର ବନ୍ୟା ସ୍ଥିତି ବୁଲି ଦେଖିବା ସହ ବିପନ୍ନଙ୍କ ସମସ୍ୟା ସଂପର୍କରେ ପଚାରି ବୁଝିଥିଲେ।



## ଶିଶୁ ଅଧିକାର ସୁରକ୍ଷା ଆୟୋଗ ସଦସ୍ୟାଙ୍କ ଗାନ୍ଧୀ ବାଳାଶ୍ରମ ପରିଦର୍ଶନ

ଭଦ୍ରକ,୨୬।୮ (ସମିସ): ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ସଦସ୍ୟା ମନସ୍ୱିତା ୨ ଦିନିଆ ଭଦ୍ରକ ଗସ୍ତରେ ଆସି ବିଭିନ୍ନ ଶିଶୁ ଯତ୍ନ ଅନୁଷ୍ଠାନ ପରିଦର୍ଶନ କରିଛନ୍ତି। ସୋମବାର ଗରଦପୁରସ୍ଥିତ ଐତିହାସିକ ଗାନ୍ଧୀ ବାଳାଶ୍ରମରେ ପହଞ୍ଚିବାପରେ ବାଳାଶ୍ରମ ତରଫରୁ ସ୍ୱାଗତ କରାଯାଇଥିଲା। ବାଳାଶ୍ରମ ପରିସର ମଧ୍ୟରେ ଥିବା ଗାନ୍ଧୀ ସ୍ମୃତି ମନ୍ଦିର ପରିଦର୍ଶନ କରିବା ସହ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ପରେ ବାଳାଶ୍ରମ ପକ୍ଷରୁ ଅନ୍ତେବାସୀଙ୍କୁ ଯୋଗାଇ ଦିଆଯାଉଥିବା ସମସ୍ତ ବ୍ୟବସ୍ଥାକୁ ତଦାରଖ କରିବା ସହ ପିଲାଙ୍କ ଭଲ ମନ୍ଦ ପଚାରି ବୁଝିଥିଲେ। ତାପରେ ଅନୁଷ୍ଠାନର ସମ୍ପାଦକ ଅଶୋକ ଦାସଙ୍କ ସଭାପତିତ୍ୱରେ ଅନ୍ତେବାସୀମାନଙ୍କ ସହ ଭାବବିନିମୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବାଳାଶ୍ରମର ସମ୍ପାଦକ ଅଶୋକ କୁମାର ଦାସ ପ୍ରାରମ୍ଭିକ ସୂଚନା ଦେବା ପରେ ବାଳାଶ୍ରମ ପିଲାମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ପିତୃମାତୃହୀନ ଅସହାୟ ପିଲାମାନଙ୍କୁ ବାଳାଶ୍ରମରେ ରଖି ସେମାନଙ୍କୁ ଯେଉଁ ଭଳି ଭାବରେ ସାମାଜିକ ସ୍ରୋତରେ ସାମିଲ କରାଯାଉଅଛି ତାହା ଅଭିନନ୍ଦନୀୟ ବୋଲି ଶ୍ରୀମତୀ ମତବ୍ୟକ୍ତ କରିଥିଲେ। ଏଭଳି ଏକ ପବିତ୍ର ସ୍ଥାନରେ ପାଦ ରଖି ନିଜକୁ ଧନ୍ୟ ମଣୁଥିବା କଥା ସେ କହିଥିଲେ। ମହାତ୍ମାଗାନ୍ଧୀଙ୍କ ସତ୍ୟ, ଅହିଂସା ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ଦେଶ, ଜାତି ଗଠନରେ ଅନ୍ତେବାସୀମାନେ ସାମିଲ ହେବାକୁ ସେ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷ ଡା. ଦେବରାଜ ପାଣିଗ୍ରାହୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି, ଆନୁଷ୍ଠାନିକ ଅଧିକାରୀ ବିଶ୍ୱନାରାୟଣ ପଣ୍ଡା, ସାମାଜିକ କର୍ମୀ ସୁବ୍ରତ ଦାସ, ବାଳାଶ୍ରମ ପରଚାଳନା କମିଟିର ସଦସ୍ୟା ଝରଣା ପଟ୍ଟନାୟକ, ଡ଼ାକ୍ତର ରହେମୁନ ନିଶା ଇତ୍ୟାଦି ଯୋଗ ଦେଇଥିଲେ। ଶେଷରେ ପ୍ରୋବେଶନ ଅଫିସର ତଥାଗତ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ୫ ଡକାୟତ ଗିରଫ; ବନ୍ଧୁକ ଓ ମାରଣାସ୍ତ୍ର ଜବତ

ଭଦ୍ରକ/ବାସୁଦେବପୁର,୨୬।୮ (ସମିସ): ବାସୁଦେବପୁର ପୁଲିସକୁ ଏକ ବଡ ସଫଳତା ମିଳିଛି। ବାସୁଦେବପୁର ବ୍ଲକ ପଦୁଆଁ ପଞ୍ଚାୟତର ପୂର୍ଣ୍ଣଚନ୍ଦ୍ର ମିଶ୍ରଙ୍କ ଘରେ ଡକାୟତି ହୋଇଥିବା ଘଟଣାରେ ୫ ଡକାୟତ ଗିରଫ ହୋଇଛନ୍ତି। ଏହି ଡକାୟତଙ୍କଠାରୁ ଗୋଟିଏ ବନ୍ଧୁକ, ଗୋଟିଏ ଖେଳନା ବନ୍ଧୁକ, ଧାରୁଆ ମାରଣାସ୍ତ୍ର, ପ୍ରାୟ ଦୁଇ କେଜି ରୂପା ଅଳଙ୍କାର, ସୁନା, ୫ଟି ମୋବାଇଲ, ଗୋଟିଏ ବାଇକ୍ ଓ ନଗଦ ଏକ ଲକ୍ଷ ୧୦ ହଜାର ଟଙ୍କା ପୁଲିସ ଜବତ କରିଛି। ଏ ନେଇ ଆଜି ବାସୁଦେବପୁର ଥାନାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସଦର ଏସଡିପିଓ ବିଚିତ୍ରାନନ୍ଦ ସେଠୀ ସୂଚନା ଦେଇଛନ୍ତି। ପଦୁଆଁ ଗ୍ରାମର ପୂର୍ଣ୍ଣଚନ୍ଦ୍ର ମିଶ୍ରଙ୍କ ଘରେ ଗତ ୮ ତାରିଖରେ ୪ ଜଣ ଡକାୟତ ପସି ବନ୍ଧୁକ ମୁନରେ ସୁନା ରୂପା ଅଳଙ୍କାର ଲୁଟ କରିଥିଲେ। ପରେ ଭଦ୍ରକ ଏସ୍‌ପି ମନୋଜ କୁମାର ରାଉତଙ୍କ ନିର୍ଦ୍ଦେଶରେ ଏକ ଟିମ ଗଠନ କରି ତଦନ୍ତ ଆରମ୍ଭ କରିଥିଲେ। ଏହି ଟିମରେ ଇନ୍ସପେକ୍ଟର ଲୋପାମୁଦ୍ରା ନାୟକ, ସବଇନ୍ସପେକ୍ଟର ପୁନମ୍ ବେହେରା, ସବଇନ୍ସପେକ୍ଟର ଅଧିକାରୀ ମହାପାତ୍ର ବିଭିନ୍ନ ସ୍ଥାନରେ ଚଢାଉ କରି ୫ ଜଣ ଡକାୟତଙ୍କୁ ଗିରଫ କରିଥିଲେ । ଗିରଫ ଡକାୟତ ମଧ୍ୟରେ ତିହିଡି ଥାନା ସାନଖିଡ଼ା ଗ୍ରାମର ପ୍ରସନ୍ନ ଜେନା (ଚଗଲା), କୋହ୍ଲ ଗ୍ରାମର ଜୟପ୍ରକାଶ ପତି (ଲିଟୁ), ଭଣ୍ଡାରୀପୋଖରୀ ଥାନାର ଚନ୍ଦ୍ରଭାନୁପୁର ଗ୍ରାମର ଅନନ୍ତ ଚରଣ ନାୟକ (ଅଭି),ବାସୁଦେବପୁର ଥାନାର ତେନ୍ତୁଳିଆର ବଳରାମ ମଲ୍ଲିକ (ସିପୁ), ଓ ବାଂଶଡା ଥାନାର ବାଲିପଦା ଗ୍ରାମର ପିଣ୍ଟୁ ପୁଥାଳ ଓ ପ୍ରସନ୍ନ ଜେନା ନାମରେ ବିଭିନ୍ନ ଥାନାର ୩୯ ଟି ଚୋରୀ ଡକାୟତି ପରି ଅପରାଧିକ ମାମଲା ରହିଥିବା ବେଳେ ଜୟପ୍ରକାଶ ପତିଙ୍କ ନାମରେ ବିଭିନ୍ନ ଥାନାର ୭ଟି ଅପରାଧିକ କାର୍ଯ୍ୟକଳାପ ମାମଲା ରହିଛି। ସେହିପରି ଅନନ୍ତ ଚରଣ ନାୟକଙ୍କ ନାମରେ ଭଣ୍ଡାରୀପୋଖରୀର ଥାନାର ଦୁଇଟି ଏବଂ ବଳରାମ ମଲ୍ଲିକଙ୍କ ନାମରେ ବାସୁଦେବପୁର ଥାନାର ୨ଟି ଅପରାଧୀକ କାର୍ଯ୍ୟକଳାପରେ ସମ୍ପୃକ୍ତ ଥିବାର ଅଭିଯୋଗରେ ମାମଲା ରହିଛି ବୋଲି ସଦର ଏସଡିପିଓ ବିଚିତ୍ରାନନ୍ଦ ସେଠୀ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।



## କଣ୍ଟି ଏସକେପ ବୁଡେଇଲା କୂଳ ବେଉସା

# ୩ ଦିନ ହେଲା ବନ୍ୟାରେ ବୁଡ଼ି ରହିଛି ଧାନ ଫସଲ



ବାରିକପୁର,୨୬।୮ (ସମିସ): ଭଣ୍ଡାରିପୋଖରୀ ବ୍ଲକ ଦେଇ ଯାଇଥିବା ବୈତରଣୀ ନଦୀରେ ଚଳିତ ବର୍ଷ ଦୁଇଟି ମଧ୍ୟମଧରଣର ବନ୍ୟା ଆସିବା ଯୋଗୁଁ ଚାଷୀ ହତାଶ ହୋଇପଡିଛନ୍ତି। ଗତ ୧୫/୨୦ ଦିନ ପୂର୍ବରୁ ନଦୀରେ ଦ୍ୱିତୀୟ ବନ୍ୟା ଆସି ଧାନ ତଳି ଓ ପନିପରିବା ଚାଷକୁ ଘୋର କ୍ଷତି ପହଞ୍ଚାଇଥିଲା। ଏଥିପାଇଁ କୌଣସି ସହାୟତା ମଧ୍ୟ ମିଳିନାହିଁ। ଏବେ ପୁଣି ତୃତୀୟ ବନ୍ୟା ଆସିବା କାରଣରୁ ଚାଷୀ ହତୋତ୍ସାହିତ ହୋଇପଡିଛନ୍ତି। ବିଶେଷ କରି କଣ୍ଟି ଏସକେପ ଦେଇ ପ୍ରବାହିତ ହୋଇଥିବା ବନ୍ୟାଜଳ ସଦ୍ୟ ରୁଆ ହୋଇଥିବା ଧାନଜମିକୁ ବୁଡାଇ ଦେଇଛି। ଫଳରେ ବ୍ଲକର ଚତୁର୍ଭୁଜପୁର, ସାରଣା, ଜଳହରି, ବିରୋଳି, ବାହାଣିଆ, ଟିଖିଲିଆ, ଖପୁରିଆପଦା, ବରାହ ନୂଆପଡ଼ା, ଷଠଗାଁ, ନୌରଙ୍ଗପୁର ପ୍ରମୁଖ ସ୍ଥାନରେ ଚାଷ ହୋଇଥିବା ଧାନଫସଲ ୩ ଦିନ ହେଲା ବୁଡି ରହିଛି। ଯେଉଁ ଜମିରୁ ବନ୍ୟା ପାଣି ଅପସରି ଯାଇଛି ସେଠି ମଧ୍ୟ ଧାନ ଗଛରେ ପଟୁ ଲାଗି ଯାଇଛି। ତେଣୁ ଅନେକ ଚାଷ ଜମିରେ ଧାନ ଗଛ ନଷ୍ଟ ହେବା ଆଶଙ୍କା ଦେଖାଦେଇଛି। ଚାଷୀମାନେ ଏବେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ଅନେକ ପାଳବାଡ଼ିରେ ମଧ୍ୟ ବନ୍ୟା ଜଳ ଜମିଥିବା ବେଳେ ବର୍ଷା ଦିନିଆ ପନିପରିବା ସହିତ ଶୀତ ଦିନିଆ ଚାଷ ପାଇଁ ପଡ଼ିଥିବା ପନିପରିବା ଚାରା ପ୍ରଭାବିତ ହୋଇଛି। ବିଶେଷ କରି ଦ୍ୱିତୀୟ ବନ୍ୟା ପରେ ବହୁକଷ୍ଟରେ ତଳି ଯୋଗାଡ କରି ଯେଉଁ ଚାଷୀ ଧାନ ରୁଆ ସାରିଥିଲେ ତୃତୀୟ ବନ୍ୟା ଯୋଗୁଁ ସବୁ ନଷ୍ଟ ହୋଇଯାଇଛି। କେତେକ ଜମିରେ ଚାଷୀମାନେ ବୁଡି ରହିଥିବା ଗଛକୁ ସଳଖ କରୁଛନ୍ତି। ତେଣୁ ଏପରି ସ୍ଥିତିରେ ପ୍ରଶାସନ ପକ୍ଷରୁ କ୍ଷେତ୍ର ଅନୁଧ୍ୟାନ କରାଯାଇ କ୍ଷୟକ୍ଷତି ଆକଳନ କରିବା ଜରୁରୀ ହୋଇଛି। ଏପରିକି କ୍ଷୟକ୍ଷତି ସହାୟତା ପାଇଁ ମଧ୍ୟ ଅନେକ ଚାଷୀ ଦାବି କରିଛନ୍ତି।

### ସେମାନେ ଯାହା କୁହନ୍ତି.....



ମୁଁ ଦେଢ ଏକର ଜମିରେ ଭାଗଚାଷ କରିଥିଲି। ତିନି ଦିନ ହେବ ରୁଆ ଜମିରେ ବନ୍ୟା ଜଳ ବୁଡି ରହିଛି। ଚାଷ ସବୁ ନଷ୍ଟ ହୋଇଯିବ। ଏ ସମୟରେ ଆଉଥରେ ଜମି ରୁଆ ପାଇଁ ତଳି ମିଳିବା କଷ୍ଟ। ତେଣୁ ବନ୍ୟା ଯୋଗୁଁ ଆହାର ନଷ୍ଟ ହେଉଥିବା ବେଳେ ଅନେକ କ୍ଷତି ମଧ୍ୟ ସହିବାକୁ ପଡୁଛି।

**ରମାକାନ୍ତ ଜେନା, ଭାଗଚାଷୀ, ଜଳହରି**



କଣ୍ଟି ଏସକେପ ପାଣି ଯୋଗୁଁ ଆମ ଅଞ୍ଚଳରେ ପ୍ରତିବର୍ଷ ଚାଷ ଜମି କ୍ଷତିଗ୍ରସ୍ତ ହେଉଛି। ଏମିତିକି କେଉଁ ବର୍ଷ ଚାଷ ମଧ୍ୟ ସମ୍ପୂର୍ଣ୍ଣ ଉଜୁଡି ଯାଉଛି। ତେଣୁ ଏସକେପର ସ୍ଥାୟୀ ପ୍ରତିକାର ପାଇଁ ସରକାର ଦୃଷ୍ଟି ଦେବା ଜରୁରୀ ହୋଇଛି।

**ନବକିଶୋର ପରିଡା, ବିଶିଷ୍ଟ ଶିକ୍ଷାବିତ**



ମୁଁ ଜଣେ କ୍ଷୁଦ୍ର ଚାଷୀ। ନିଜ ପୈତୃକ ଜମି ସହିତ କିଛି ଜମି ଭାଗକୁ ଆଣି ଧାନ ଚାଷ କରିଥିଲି। ସବୁ ଜମିରେ ପାଣି ଜମିଛି। ଏବେ ଚାଷ ଜମିରୁ ବନ୍ୟା ଜଳରେ ଭାସି ଆସିଥିବା ବରୁଅ ଓ ଲତା ପତ୍ର ସଫା କରୁଛି। ଚାଷ ତ ନଷ୍ଟ ହେବ। ଏବେ କ୍ଷୟକ୍ଷତି ଆକଳନ ସହିତ ଯାହା ସରକାରୀ ସହାୟତାକୁ ଆଶା ରଖିଛୁ।

**ଶଙ୍କର୍ଷଣ ବାରିକ, ଚାଷୀ, ସାରଣା**



ଆମର ପ୍ରାୟ ୨ ଏକର ଚାଷ ଜମିରେ ବନ୍ୟା ପାଣି ମାଡି ଯାଇଛି। କଅଁଳିଆ ଧାନ ପତ୍ର ପଟୁ ମାଟିରେ ଆଚ୍ଛାଦିତ ହୋଇଛି। ଖରା ହେଲେ ଜମିରେ ଅନେକ ଧାନ ଗଛ ପଚିଯିବ। ପନିପରିବା ଚାଷ ମଧ୍ୟ ପ୍ରଭାବିତ ହୋଇଛି। ସରକାର ଏହା ଉପରେ ଦୃଷ୍ଟି ଦେବା ଜରୁରୀ ହୋଇଛି।

**ଗୋକୁଳାନନ୍ଦ ସାମଲ, ଚାଷୀ, ଷୋଳମପୁର**

# ବନ୍ୟା ପରେ ଦୁର୍ଦ୍ଦଶା; ଲୋକେ ହନ୍ତସନ୍ତ

ଦୋବଲ/ଅସୁରାଳି, ୨୬।୮ (ସମିସ)





- ବିଧାୟକଙ୍କୁ ମିଳିଲାନି ପାୱାର ବୋଟ୍
- ନଦୀବନ୍ଧରେ ପାଲତଳେ ବହୁ ପରିବାର

ଆଖୁଆପଦାରେ ବୈତରଣୀରେ ଜଳସ୍ତର କମିଥିଲେ ବି ତଳିଆ ଅଞ୍ଚଳରେ ଦୁର୍ଦ୍ଦଶା ଲାଗି ରହିଛି। ଭଟସାହି, ବୟାଙ୍ଗଡିହ, କୋଠାର, ପାଲସାହି, ରଇପୁର ପଞ୍ଚାୟତକୁ ଧୀରେ ଧୀରେ ବନ୍ୟା ପାଣି ମାଡ଼ିବାରେ ଲାଗିଛି। ଆରପଟେ ହସନାବାଦ, ଅର୍ଜୁନପୁର, ପଧାନି ଓ ନଦୀଗାଁ ପଞ୍ଚାୟତରେ ବନ୍ୟା ହ୍ରାସ ପାଇଛି। ହସନାବାଦ ପଞ୍ଚାୟତର ଅନଳଡିହ ଓ ଗୋପବନ୍ଧୁନଗର, ଅର୍ଜୁନପୁର ପଞ୍ଚାୟତର ବାଲିପାଟଣା ଗାଁରେ ଏବେ ବି ଘର ଭିତରେ ପାଣି ରହଡ଼ି ଭାଙ୍ଗୁଛି। ଯେଉଁମାନଙ୍କ ଘର ଉଚ୍ଚାରେ ରହିଛି, ସେମାନଙ୍କ ଘରୁ ପାଣି ଛାଡ଼ିଯାଇଛି। ଭଦ୍ରକ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଧାମନଗର ବ୍ଲକ ପକ୍ଷରୁ ୫ଟି ପଞ୍ଚାୟତର ୨୫ଟି ସ୍ଥାନରେ ରନ୍ଧା ଖାଦ୍ୟ ପ୍ରସ୍ତୁତ କରାଯାଇ ଦି ଓଳି ଖାଇବାକୁ ଦିଆଯାଉଛି। ବିଡିଓ ବନବିହାରୀ ଦିନ୍ଦା, ତହସିଲଦାର ସାଇଶ୍ରୀ ଲୋକନାଥ ପ୍ରସାଦ ସେଠୀଙ୍କ ତତ୍ତ୍ୱାବଧାନରେ ରନ୍ଧା ଖାଦ୍ୟ ପ୍ରସ୍ତୁତ କରାଯାଉଛି। ବାତ୍ୟା ଆଶ୍ରୟସ୍ଥଳୀ ଓ ବିଦ୍ୟାଳୟରେ ଆଶ୍ରୟ ନେଇଥିବା କିଛି ଲୋକ ଘରକୁ ଫେରିଥିଲେ ବି ରୋଷେଇ କରିପାରିନାହାନ୍ତି। ପ୍ରଶାସନ ପକ୍ଷରୁ ବନ୍ୟା ପ୍ରଭାବିତ ଲୋକଙ୍କୁ ବିସ୍କୁଟ, ଚୁଡ଼ା, ଚିନି ଓ ଦିଆସିଲି ଯୋଗାଇ ଦିଆଯାଇଛି। ସୋହଡ଼ା ପଞ୍ଚାୟତର ଗୌରାଙ୍ଗପୁର, ଉତେଇପୁରର ମଲ୍ଲିମାହାରା, ଖଡ଼ିପଦାର ଗାଇଛନ୍ଦା, ମଠମାହାରା ଓ କନକେଇ ଏସକେପରୁ ପାଣି ଖସିଛି। ହେଲେ ଗତକାଲି ମାଡ଼ିଥିବା ପାଣି ଏବେ ବି ଚାଷ ଜମିରେ ମାଡୁଛି। ବନ୍ୟା ଯୋଗୁଁ ଆନନ୍ଦପୁର, ଖଡ଼ିପଦା, ସୋହଡ଼ା, ପଧାନି, କରଦା, ଅର୍ଜୁନପୁର, ଦଳାଙ୍ଗ ଓ ବୟାଙ୍ଗଡିହ ପଂଚାୟତର ହଜାର ହଜାର ହେକ୍ଟର ଜମି ବୁଡ଼ି ରହିଥିବାରୁ ଧାନ ଚାଷ ନଷ୍ଟ ହେବା ଆଶଙ୍କା ରହିଛି। ଏଇ କିଛି ଦିନ ତଳେ ଏହିସବୁ ଅଞ୍ଚଳରେ ରୁଆପୋତା ହୋଇଥିଲା। ହେଲେ ବନ୍ୟା ଜଳ ମାଡ଼ିବାରୁ କେଉଁଠି ବିଲରୁ ଧାନ ଗଛ ଧୋଇ ଯାଇଛି। ସେହିପରି ବନ୍ୟା ଅଞ୍ଚଳରେ ଗୃହପାଳିତ ପଶୁଙ୍କୁ ଏଯାଏ ଖାଦ୍ୟ ମିଳି ନଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଅନ୍ୟପକ୍ଷରେ, ଶାସକ ବିଜେପିର ସମସ୍ତ କର୍ମକର୍ତ୍ତା ରିଲିଫ ଓ ଉଦ୍ଧାର କାର୍ଯ୍ୟରେ ଲାଗିଥିବାବେଳେ ବିଜେଡି ସମର୍ଥିତ ସରପଞ୍ଚ ଓ ସମିତିସଭ୍ୟ ନିଜ ଆଡୁ ରନ୍ଧା ଖାଦ୍ୟ ପ୍ରସ୍ତୁତ କରି ଲୋକଙ୍କୁ ବାଣ୍ଟୁଛନ୍ତି।



ଅସୁରାଳି: ବୈତରଣୀ ନଦୀର ବନ୍ୟା ପରିସ୍ଥିତି ଦ୍ୱାରା ଗଭୀର ଭାବେ ପ୍ରଭାବିତ ହସନାବାଦ ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ୍ ମଙ୍ଗଳବାର ଜିଲ୍ଲା ପ୍ରଶାସନ ଅଧିକାରୀଙ୍କ ସହ ବନ୍ୟାସ୍ଥିତିର ସମୀକ୍ଷା କରିଛନ୍ତି।

ହସନାବାଦ ପଞ୍ଚାୟତର ବନବାଗଠାରେ ୪୦ ପରିବାର ରୁହନ୍ତି ମାତ୍ର ସେଠାରେ ୨୫ ପରିବାର କଚ୍ଚା ଘରେ ରୁହନ୍ତି। କଚ୍ଚା ଘର କାନ୍ଥଗୁଡ଼ିକ ଧସିଯିବା ସହ ଘରଗୁଡ଼ିକ ଧ୍ୱଂସବିଧ୍ୱସ୍ତ ହୋଇଯାଇଛି। ଘରେ ପାଣି, ବାହାରେ ପାଣି ମୁଣ୍ଡ ଗୁଞ୍ଜିବାକୁ ଜାଗା ନାହିଁ ବାଧ୍ୟ ହେଇ ଲୋକମାନେ ବନ୍ଧରେ ପାଲ ଟାଣି ଆଶ୍ରୟ ନେଇଛନ୍ତି। ଗାଈଗୋରୁ ଆଦି ଗୃହପାଳିତ ପଶୁ ମଧ୍ୟ ନଦୀବନ୍ଧରେ ଆଶ୍ରୟ ନେଇଛନ୍ତି। ସମାନ ଭାବେ ହସନାବାଦର ସେଠୀସାହିର ୨୦ ପରିବାର, ମହାଲିକସାହିର ୧୫ ପରିବାର, ଉପର ଅସ୍ତକର ଜେନାସାହି, ବେହେରାସାହି, ରାଉତସାହିର ୬୦ ପରିବାର, ତଳ ଅସ୍ତକର ସମୁଦାୟ ୧୭୦ ପରିବାର ଥିବା ବେଳେ ନିର୍ଦ୍ଦିଷ୍ଟ ଭାବେ ମହାଲିକ, ପୁହାଣ, ବେହେରା, ମାଝୀ, ମଳିକସାହିର ୭୦ ପରିବାର ପ୍ରଭାବିତ ହେଇଛନ୍ତି। ଗୃହପାଳିତ ପଶୁ ମଧ୍ୟ ଅସହାୟ, ଅନାହାରରେ ବହୁ ଦିନ ଧରି କଲବଲ ହେଉଛନ୍ତି, ତାଙ୍କ ପ୍ରତି କାହାର ଦୃଷ୍ଟି ନାହିଁ। ଘରେ ପାଣି ମଧ୍ୟରେ ପୁଣି ସାପ, ବେଙ୍ଗ ଘର କରି ଗଲେଣି ତ କୋଉଠି କାନ୍ଥ ନାହିଁ ତ ଆଉ କୋଉଠି ଦୁଆର ନାହିଁ। ହସନାବାଦ ସରପଞ୍ଚ ଅଜୟ ମଲ୍ଲିକ ବନ୍ୟା ବିପନ୍ନଙ୍କ ପାଖରେ ପହଞ୍ଚି ଶୁଖିଲା ଖାଦ୍ୟ, ଔଷଧ ସାମଗ୍ରୀ ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସାମଗ୍ରୀ ଯୋଗାଇ ଦେଇଥିଲେ। ସରପଞ୍ଚ ଶ୍ରୀ ମଲ୍ଲିକଙ୍କ କହିବାନୁଯାୟୀ, ଅଳ୍ପ କିଛି ଦିନ ଭିତରେ ତିନି ତିନି ଥର ବନ୍ୟା ଆସି ସାଧାରଣ ଜନତାଙ୍କ ଆର୍ôଥକ ମେରୁଦଣ୍ଡକୁ ଦୋହଲାଇ ଦେଇଛି। ଏହି ପରିପ୍ରେକ୍ଷୀରେ ନଷ୍ଟ ହୋଇଥିବା ଆସବାପତ୍ର ଓ କ୍ଷୟକ୍ଷତିର ଆକଳନ କରି ଖୁବଶୀଘ୍ର କ୍ଷତିପୂରଣ ଯୋଗାଇ ଦିଆଯାଉ।

ଅନ୍ୟପକ୍ଷରେ, ବନ୍ୟା ପ୍ରଭାବିତ ଅଞ୍ଚଳକୁ ଯିବାକୁ ନେଇ ବ୍ଲକ ଓ ଜିଲ୍ଲା ପ୍ରଶାସନ ଉପରେ ବର୍ଷିଛନ୍ତି ଭଣ୍ଡାରିପୋଖରୀ ବିଧାୟକ ତଥା ବିଜେଡି ନେତା ସଞ୍ଜୀବ ମଲ୍ଲିକ। ଧାମନଗରର ବିଜେଡି ନେତା ସଞ୍ଜୟ ଦାସ ପାୱାର ବୋଟ୍ ମାଗିଥିଲେ; ହେଲେ ବୋଟ୍ ନଥିବା କହି ସଞ୍ଜୀବଙ୍କୁ ଫେରାଇ ଦେଇଥିଲେ ବ୍ଲକ କର୍ମଚାରୀ।

## ରାଜ୍ୟ ସରକାରଙ୍କ ଉପରେ ଗର୍ଜିଲା କଂଗ୍ରେସ



ଭଦ୍ରକ, ୨୬।୮ (ସମିସ): ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ ଧାମରାକୁ ଏନଏସି ଘୋଷଣାରୁ ବାଦ୍ ଦେବା ପ୍ରତିବାଦରେ ଏକ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛି କଂଗ୍ରେସ। ଧାମରାରେ ଏସିଆର ଦ୍ୱିତୀୟ ବୃହତ୍ତମ ବନ୍ଦର ସାଙ୍ଗକୁ ଛୋଟ ବଡ଼ ଶିଳ୍ପସଂସ୍ଥା ଗଢି ଉଠିଲାଣି। ନିକଟରେ ଅବଦୁଲ କାଲାମ ଦ୍ୱୀପ, ପ୍ରସିଦ୍ଧ ଧାମରାଇ ମନ୍ଦିର ଅବସ୍ଥିତ। ସେହି ଅନୁପାତରେ ଦିନକୁ ଦିନ ଧାମରା ଅଞ୍ଚଳର ଲୋକ ସଂଖ୍ୟା ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। ସବୁ ଭିତିଭୂମିରେ ପୂର୍ଣ୍ଣ ଥିବା ଧାମରା ଅଞ୍ଚଳକୁ ଲକ୍ଷ୍ୟ କରି ପୂର୍ବ ସରକାର ଏନଏସି ଘୋଷଣା କରିଥିଲେ। ମାତ୍ର ଏବେର ସରକାର କେଉଁ ରାଜନୈତିକ ସ୍ୱାର୍ଥ ସାଧନ ପାଇଁ ଧାମରା ଭଳି ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନକୁ ଏନଏସି ଘୋଷଣାରୁ ବାଦ ଦେଇଛନ୍ତି। ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି ବୋଲି କହିଛନ୍ତି କଂଗ୍ରେସର ବରିଷ୍ଠ ନେତା ଅମୀୟ ମହାପାତ୍ର। ସରକାର ଏହାକୁ ପୁନଃବିଚାର କରି ଏନଏସି ଘୋଷଣା କରନ୍ତୁ ଅନ୍ୟଥା କଂଗ୍ରେସ ଦଳ ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଧାମରା ଅଞ୍ଚଳର ବହୁ ନେତାଙ୍କ ସହ ବରିଷ୍ଠ କଂଗ୍ରେସନେତା ଅମୀୟ ମହାପାତ୍ର ଓ ଦିଗମ୍ବର ଦାସ ଉପସ୍ଥିତ ଥିଲେ।

## ଆତ୍ମହତ୍ୟା ନିରୋଧୀ ସଚେତନତା

ବାରିକପୁର/ଭଣ୍ଡାରୀପୋଖରୀ, ୨୬।୮ (ସମିସ): ଭଣ୍ଡାରିପୋଖରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ଭଦ୍ରକ ଜିଲ୍ଲା ପୁଲିସ ପ୍ରଶାସନ ପକ୍ଷରୁ ସାଇବର ଅପରାଧ ଓ ଆତ୍ମହତ୍ୟା ସମ୍ବନ୍ଧୀୟ ଏକ ସଚେତନତା ଶିବିର କଲେଜ ଅଧ୍ୟକ୍ଷ ଭରତଚନ୍ଦ୍ର କରଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପୁଲିସ ଉପଖଣ୍ଡ ଅଧିକାରୀ ତ୍ରିଲୋଚନ ସେଠୀ, ସମ୍ମାନିତ ଅତିଥି ଭାବେ ଥାନାଧିକାରୀ କମଳାକାନ୍ତ ଦାଶ, ଭଦ୍ରକ ପରିବାର କାଉନସିଲର କେନ୍ଦ୍ର ପରାମର୍ଶଦାତା ପ୍ରିୟଙ୍କା ଜେନା, ସ୍ନେହଲତା ପଣ୍ଡା ପ୍ରମୁଖ ସାଇବର ଅପରାଧ ଓ ଆତ୍ମହତ୍ୟା ନିରୋଧ ଆଇନ ସମ୍ପର୍କରେ ବିଭିନ୍ନ ବକ୍ତବ୍ୟ ପ୍ରଦାନ କରିଥିଲେ। ଅଧ୍ୟାପକ ଆନନ୍ଦଚନ୍ଦ୍ର ନାୟକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅନନ୍ତ କିଶୋର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଥାନା କର୍ମଚାରୀଙ୍କ ସମେତ ଅଧ୍ୟାପକ ହରିହର ସାହୁ, ମଦନମୋହନ ପଣ୍ଡା, ମମିତାରାଣୀ ନାୟକ, ଶ୍ରାବଣୀ ଦାସ, ଗୀତାଞ୍ଜଳି ଦାସ ପ୍ରମୁଖ ପରିଚାଳନା କରିଥିଲେ।

## ୩୯ଟି ଗାଡ଼ିକୁ ୧. ୬୯ ଲକ୍ଷ ଟଙ୍କା ଜରିମାନା



ଭଦ୍ରକ,୨୬।୮ (ସମିସ): ଦୁର୍ଘଟଣା ରୋକିବାକୁ ଜିଲ୍ଲା ପ୍ରଶାସନ ଓ ପରିବହନ ବିଭାଗ ତରଫରୁ ଯେତେ ସଚେତନତା କରା ଗଲେବି ସେସବୁକୁ ଅମାନିଆ ଗାଡି ଚାଳକମାନେ ଫୁ କରିଦେଉଛନ୍ତି। ଫଳରେ ଭଦ୍ରକ-ଚାନ୍ଦବାଲି ରାଜ୍ୟ ରାଜପଥରେ ଦିନକୁ ଦିନ ଦୁର୍ଘଟଣା ଘଟିବାରେ ଲାଗୁଛି। ଏହାକୁ ରୋକିବାକୁ ଭଦ୍ରକ ଜିଲ୍ଲାପାଳ ଦିଲୀପ ରାଉତରାଏଙ୍କ ନିର୍ଦ୍ଦେଶକ୍ରମେ ମଙ୍ଗଳବାର ରାଜ୍ୟ ରାଜପଥର ଇଚ୍ଛାପୁର ବାଲିବିଲିଠାରେ ଗାଡ଼ି ଯାଞ୍ଚ କରାଯାଇଛି। ଏହି ଯାଞ୍ଚବେଳେ ୩୯ଟି ଗାଡ଼ିରୁ ଏକ ଲକ୍ଷ ୬୯ ହଜାର ଟଙ୍କାର ଚାଲାଣ କଟାଯାଇଛି। ଜିଲ୍ଲା ସଡ଼କ ସୁରକ୍ଷା ଅଧିକାରୀ ଅବଦୁଲ ରହିମ, ଟ୍ରାଫିକ ସବଇନ୍ସପେକ୍ଟର ଶର୍ମିଷ୍ଠା ମିଶ୍ର, ଜୁନିଅର ଏମଭିଆଇ ପ୍ରିୟଙ୍କା ପ୍ରଧାନ, ଅତିରିକ୍ତ ଟ୍ରାଫିକ ଇନ୍ସପେକ୍ଟର ଶ୍ୟାମସୁନ୍ଦର ନାୟକଙ୍କ ସମେତ ପରିବହନ ବିଭାଗର ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ଆଗାମୀ ଦିନରେ ଏହି ଯାଞ୍ଚ ପ୍ରକ୍ରିୟା ଜୋରଦାର ହେବ ବୋଲି ବିଭାଗ ସୂତ୍ରରୁ ପ୍ରକାଶ।

## ମାଳଦା ପାକ୍ସ ସଭାପତିଙ୍କ ବିରୋଧରେ ଅଭିଯୋଗ

ଭଣ୍ଡାରିପୋଖରୀ,୨୬।୮ (ସମିସ): ଭଣ୍ଡାରିପୋଖରୀ ବ୍ଲକ ମାଳଦା ପ୍ରାଥମିକ କୃଷି ସମବାୟ ସମିତି ଲିଃ ସଭାପତିଙ୍କ ମନମୁଖୀ କାର୍ଯ୍ୟକଳାପକୁ ବିରୋଧ କରି ସମିତିର କେତେକ ପରିଚାଳନା ନିର୍ଦ୍ଦେଶକ ଭଦ୍ରକ ସହକାରୀ ସମବାୟ ନିବନ୍ଧକଙ୍କ ନିକଟରେ ଅଭିଯୋଗ କରିଥିବା ଜଣାଯାଇଛି। ପରିଚାଳନା ନିର୍ଦ୍ଦେଶକ ସ୍ନେହଲତା ସାମଲ, ବନ୍ଦିତା ମଲ୍ଲିକ, ନାରାୟଣ ପରିଡା, କମଳାକାନ୍ତ ସାମଲ, ସୁରେନ୍ଦ୍ର ଜେନା, ମନୋଜ ବାରିକ, ନରେନ୍ଦ୍ର ମହାନ୍ତି ଗତ ସୋମବାର ସମବାୟ ନିବନ୍ଧକଙ୍କୁ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ପୂର୍ବ ନୋଟିସ ବିନା ବୈଠକ ଅନୁଷ୍ଠିତ ହେବା, ବୈଠକ ପୂର୍ବରୁ ସଭାବହିରେ ଦସ୍ତଖତ ନିଆଯିବା ଓ ଆଲୋଚିତ ବିଷୟ ସଭାବହିରେ ଉଲ୍ଲେଖ କରାନଯାଇ ମନଇଚ୍ଛା ବିବରଣୀ ଲିପିବଦ୍ଧ କରାଯିବା, ବୈଠକ ଆରମ୍ଭରେ ପୂର୍ବ ବୈଠକର ବିବରଣୀ ପାଠ କରା ନଯିବା ଅଭିଯୋଗ କରାଯାଇଛି। ଏହି ସମସ୍ତ ଅଭିଯୋଗ ସମ୍ପର୍କରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସମବାୟ ନିବନ୍ଧକଙ୍କୁ ଅନୁରୋଧ କରାଯାଇଛି। ଅନ୍ୟପକ୍ଷେ, ଏଭଳି ଅଭିଯୋଗ ଅମୂଳକ ଅଟେ। ସ୍ୱଚ୍ଛତା ସହ ସମିତି ପରିଚାଳନାକୁ ସହ୍ୟ କରିପାରୁ ନଥିବା କେତେକ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଏଭଳି ହୀନ ଅଭଯୋଗ କରିଛନ୍ତି ବୋଲି ସଭାପତି ମତ ଦେଇଛନ୍ତି। ଅଭିଯୋଗର ଅତ୍ୟତମ ସ୍ୱାକ୍ଷରକାରୀ ମନୋଜ ବାରିକ ଓ ସୁରେନ୍ଦ୍ର ଜେନା ଅଭଯୋଗ ଫର୍ଦ୍ଦରେ ଥିବା ତାଙ୍କ ଦସ୍ତଖତ ଜାଲ୍ ବୋଲି ଏଆରସିଏସଙ୍କ ନିକଟରେ ପାଲଟା ଅଭିଯୋଗ କରିଥିବା ଜଣାଯାଇଛି।

## ରାଜ୍ୟ ଶିଶୁ ସୁରକ୍ଷା ଆୟୋଗ ସଦସ୍ୟାଙ୍କ ସମୀକ୍ଷା ବୈଠକ

ଭଦ୍ରକ, ୨୬।୮ (ସମିସ): ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ଆୟୋଗ ସଦସ୍ୟା ମନସ୍ମିତା ଖୁଣ୍ଟିଆ ଭଦ୍ରକ ଜିଲ୍ଲାକୁ ୨ ଦିନିଆ ଗସ୍ତରେ ଆସି ବିଭିନ୍ନ ଶିଶୁ ଅନୁଷ୍ଠାନ, ଅଙ୍ଗନବାଡ଼ି କେନ୍ଦ୍ର, ମୁକ୍ତାଶ୍ରୟ କେନ୍ଦ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଶିଶୁମାତୃ କକ୍ଷ ପରିଦର୍ଶନ କରିବା ସହ ଜିଲ୍ଲା ସଦଭାବନା ସଭାଗୃହରେ ଜିଲ୍ଲାପାଳ ଦିଲୀପ ରାଉତରାଏଙ୍କ



ପୌରୋହିତ୍ୟରେ ଏକ ସମୀକ୍ଷା ବୈଠକ କରିଛନ୍ତି। ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ, ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ଡା.ଦେବରାଜ ପାଣିଗ୍ରାହୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି, ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟାଧିକାରିଣୀ, ଡିଏସପି ବିଶ୍ୱପତି ପଣ୍ଡା ସମେତ ଜିଲ୍ଲା ସ୍ତରର ଶିଶୁ ସୁରକ୍ଷା ସମ୍ପର୍କିତ ସମସ୍ତ ବିଭାଗୀୟ ଅଧିକାରୀ, ଶିଶୁ ମଙ୍ଗଳ ସମିତିର ସଦସ୍ୟ ସଦସ୍ୟା, କିଶୋର ନ୍ୟାୟ ପରିଷଦର ସଭ୍ୟ, ଶ୍ରମ ବିଭାଗ, ଶିକ୍ଷା ବିଭାଗ, ଶିଶୁ ଯତ୍ନ ଅନୁଷ୍ଠାନ କର୍ମକର୍ତ୍ତା, ଚାଇଲ୍ଡଲାଇନ, ଶକ୍ତି ସଦନ କର୍ମକର୍ତ୍ତା, ସମସ୍ତ ସିଡିପିଓ, ସୁପରଭାଇଜର, ମମତା, ପୋଷଣର କର୍ମକର୍ତ୍ତା ଯୋଗଦାନ କରିଥିଲେ।

ଆୟୋଗର ସଦସ୍ୟା ଶ୍ରୀମତୀ ଖୁଣ୍ଟିଆ ଜିଲ୍ଲା ସ୍ତରରେ ଥିବା ସମସ୍ତ ଶିଶୁ ଅନୁଷ୍ଠାନର ଶିଶୁଙ୍କ ମଧ୍ୟରେ ଶିକ୍ଷାର ପ୍ରସାର ହୋଇପାରିଲେ ସାଧାରଣ ଶିଶୁ ଭଳି ମୁଖ୍ୟସ୍ରୋତରେ ସମସ୍କନ୍ଧ ହୋଇପାରିବ ବୋଲି କହିବା ସହ ମାନସିକ ସ୍ଥିତିକୁ ପରଖି ପରାମର୍ଶ ସେବା ଯୋଗାଇ ଦେବା ଉପରେ ଗୁରୁତ୍ୱାରୋପ କରିଥିଲେ। ସେହିପରି ଶିଶୁ ଶ୍ରମିକ ମୁକ୍ତ, ରାସ୍ତାକଡ଼ରେ ବୁଲୁଥିବା ଶିଶୁ ଯେପରି ଅନାହାରରେ ନ ରହିବେ ସେଥିପାଇଁ ଦୃଷ୍ଟିଦେବା ପାଇଁ କହିଥିଲେ। ଶିକ୍ଷା ଭିବାଗରେ ଡ୍ରପଆଉଟ୍ ପିଲା, ପରିବହନ ବିଭାଗ ଶିଶୁଙ୍କୁ ବିଦ୍ୟାଳୟଯିବାଆସିବାରେ ବ୍ୟବହାରଯୋଗ୍ୟ ଯାନକୁ ନିରୀକ୍ଷଣ କରିବା, ବାଲ୍ୟବିବାହ, ପୋକସୋ ପୀଡ଼ିତା ନାବାଳିକାକୁ ତ୍ୱରିତ ସହାୟତା, ସମସ୍ତ ଶିଶୁଙ୍କୁ ଆଧାର ସଂଯୋଗ କରଣ ବ୍ୟବସ୍ଥା ଉପରେ ପଦକ୍ଷେପ, ଶିଶୁ ମଙ୍ଗଳ ପୁଲିସ ଅଧିକାରୀ ଶିଶୁଙ୍କୁ ମିତ୍ର ବ୍ୟବହାର, ଶିଶୁମିତ୍ର ଥାନା ପ୍ରତିଷ୍ଠା ପାଇଁ ଉଦ୍ୟମ ଜାରି ରହିବା ସକାଶେ ବୈଠକରେ ଆଲୋକପାତ କରିଥିଲେ। ଶିଶୁ ସୁରକ୍ଷା ୟୁନିଟ ଅଧିକାରୀ ବିଶ୍ୱନାରାୟଣ ପଣ୍ଡା, ସାମାଜିକ କର୍ମୀ ସୁବ୍ରତ ଦାସ, ହିସାବ ରକ୍ଷକ ଧୀରଜ୍ ବାରିକ୍, ବାହ୍ୟ କର୍ମୀ ମହେଶଚନ୍ଦ୍ର ଦାଶ, ଅଣଆନୁଷ୍ଠାନିକ ଅଧିକାରିଣୀ ସ୍ୱାଗତିକା ବାରିକ୍, ସାମାଜିକ କର୍ମୀ ଲକ୍ଷ୍ମୀପ୍ରିୟା ମଲିକ, ବାହ୍ୟକର୍ମୀ ଦମୟନ୍ତୀ ଦାଶ, ପରାମର୍ଶଦାତା କୁଳଦୀପ ଯେନା ଓ ଚାଇଲ୍ଡ ଲାଇନର ପ୍ରକଳ୍ପ ସଂଯୋଜିକା ଶୁଭଶ୍ରୀ ପଡ଼ିଆରି ଓ ଟିମ ସହଯୋଗ କରିଥିଲେ।

## ଅନ୍ତିମ ସବ୍‌ଜୋନାଲ କ୍ରୀଡ଼ା



ଭଣ୍ଡାରିପୋଖରୀ,୨୬।୮ (ସମିସ): ହାରାମଣି ବାଳିକା ଉଚ୍ଚବିଦ୍ୟାଳୟ ଆନୁକୂଲ୍ୟରେ ଅନ୍ତିମ ସବଜୋନାଲ କ୍ରୀଡ଼ା ପ୍ରତିଯୋଗୀତା ପ୍ରଧାନଶିକ୍ଷକ ଶରତଚନ୍ଦ୍ର ପହିଙ୍କ ପୌରହିତ୍ୟରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଜୋନାଲ କ୍ରୀଡା ସମ୍ପାଦକ ଜିତେନ୍ଦ୍ର କୁମାର ସାହୁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ବରିଷ୍ଠ ବର୍ଗରେ ଫୁଟବଲ, ଭଲିବଲ, କବାଡି, ଯୋଗ ଓ କନିଷ୍ଠ ବର୍ଗରେ ଖୋ ଖୋ ଓ ବ୍ୟାଡମିଣ୍ଟନ ବିଭାଗରେ ଅନୁଷ୍ଠିତ ଏକଦିବସୀୟ ପ୍ରତିଯୋଗିତାରେ ୧୨ଟି ବିଦ୍ୟାଳୟର ୧୪୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ବରିଷ୍ଠ କ୍ରୀଡ଼ା ଶିକ୍ଷୟିତ୍ରୀ ବିକଶି ସାହୁ, ମାନସ ସାହୁ, ସୁଧାକର ମହାପାତ୍ର, ପ୍ରଶାନ୍ତ ଜେନା, ପୂର୍ଣ୍ଣିମା ମହନ୍ତ କ୍ରୀଡା ପରିଚାଳନା କରିଥିଲେ। କ୍ରୀଡା ଶିକ୍ଷକ ଦେବାଶିଷ ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ। ଜୋନସ୍ତରୀୟ କ୍ରୀଡା ପ୍ରତିଯୋଗୀତାର ଶେଷ୍ଠ ପ୍ରତିଯୋଗୀଙ୍କୁ ନେଇ ବ୍ଲକସ୍ତରୀୟ କ୍ରୀଡା ପ୍ରତିଯୋଗୀତା ଅନୁଷ୍ଠିତ ହେବ।

## ଏନ୍‌ଏସି ଦାବିରେ ଗଣଧାରଣା



ବନ୍ତ/ଆଗରପଡ଼ା,୨୬।୮ (ସମିସ): ପ୍ରାକ୍ତନ ମୁଖ୍ୟମନ୍ତ୍ରୀ ଉତ୍କଳକେଶରୀ ଡ.ହରେକୃଷ୍ଣ ମହତାବଙ୍କ ଜନ୍ମସ୍ଥାନ ଭଦ୍ରକ ଜିଲ୍ଲା ଆଗରପଡ଼ାକୁ ବିଜ୍ଞାପିତ ପରିଷଦ ଅଞ୍ଚଳ ବା ଏନଏସି ଦାବିରେ ସ୍ଥାନୀୟ ଜନସାଧାରଣଙ୍କ ପକ୍ଷରୁ ଡ.ମହତାବଙ୍କ ପ୍ରତିମୂର୍ତ୍ତି ନିକଟରେ ମଙ୍ଗଳବାର ୬ ଘଣ୍ଟା ଧାରଣା ଦିଆଯିବା ସହ ଜନଜାଗରଣ ଶୋଭାଯାତ୍ରା ଓ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା। ବିଜେଡି ଯୁବନେତା ସତ୍ୟସାଧନ ବେଜ, ହାଇକୋର୍ଟ ଆଡଭୋକେଟ ମନୋଜ ରାୟ, ସମାଜସେବୀ ବିଜ୍ଞାନଭୂଷଣ ମହାନ୍ତି, ଧଳ, ଗଂଜନ ଦାସ, ସୁବାସ ଦାସ, ଗଗନ ଦାସ, ଚିତ୍ତରଂଜନ ସାମନ୍ତରାୟ, ଗୋଲକ ପୃଷ୍ଟି, ସୁବୋଧ ସାହୁ ପ୍ରମୁଖ ସାମିଲ ଥିଲେ।

## ଗୋବିନ୍ଦଚନ୍ଦ୍ର ରଣାଙ୍କ ସ୍ମୃତିସଭା

ବନ୍ତ/ଆଗରପଡ଼ା,୨୬।୮ (ସମିସ): ବନ୍ତ ବ୍ଲକ ଗଣିଜାଙ୍ଗ ପଞ୍ଚାୟତ ନାରାୟଣପୁର ଗ୍ରାମର ସ୍ୱର୍ଗତ ଗୋବିନ୍ଦଚନ୍ଦ୍ର ରଣା ଥିଲେ ସଂଗୀତର ଜଣେ ଯାଦୁଗରୀ ପ୍ରତିଭା। ତାଙ୍କ ଉଦ୍ଦେଶ୍ୟରେ ଅନୁଷ୍ଠିତ ସ୍ମୃତିସଭାରେ ପ୍ରାକ୍ତନ ସେବା ସମବାୟ ସଭାପତି ଜଗନ୍ନାଥ ପାଣିଗ୍ରାହୀ ସଭାପତିତ୍ୱ କରିଥିବା ବେଳେ ସେବା ସମବାୟ ସଭାପତି ରଞ୍ଜନ ସାହୁ, ସମିତିସଭ୍ୟ ମନୋରଞ୍ଜନ ସେଠି, ଆଇନଜୀବୀ ଅଣାକର ମଲ୍ଲିକ, ନାରାୟଣଚନ୍ଦ୍ର ବାରିକ, ଆନନ୍ଦଚନ୍ଦ୍ର ନାୟକ, ଜଗନ୍ନାଥ ନାୟକ, ନିରାକାର ଗାହାଣ, ଶଙ୍କର୍ଷଣ ନାୟକ, ଅନିଲ ସେଠୀ ପ୍ରମୁଖ ଯୋଗ ଦେଇଥିଲେ। ସ୍ୱର୍ଗତ ରଣା ସଙ୍ଗୀତ ସହିତ ହାରମିନିୟମ ଓ ଅର୍ଗାନ ବାଦକ ମଧ୍ୟ ଥିଲେ। ନିରଞ୍ଜନ ରଣା, ରାଜେନ୍ଦ୍ର ରଣା, ରବୀନ୍ଦ୍ର ରଣା, ସନ୍ତୋଷ ରଣା, ଦେବେନ୍ଦ୍ର ରଣା, ଶ୍ରୀକାନ୍ତ ରଣା, ଦିଲ୍ଲୀପ ରଣା, ମନୋରଞ୍ଜନ ରଣା ପ୍ରମୁଖ ସଭାରେ ତାଙ୍କ ସ୍ମୃତିଚାରଣ କରିଥିଲେ।

## ଅଙ୍ଗନବାଡ଼ି କର୍ମୀଙ୍କ ବ୍ଲକ୍‌ସ୍ତରୀୟ ସମ୍ମିଳନୀ



ବାସୁଦେବପୁର,୨୬।୮ (ସମିସ): ବାସୁଦେବପୁର ପୌରପାଳିକାର ନୀଳମଣି ଟାଉନହଲରେ ଅଲ ଓଡ଼ିଶା ଅଙ୍ଗନୱାଡି ଲେଡିଜ ୱାର୍କର୍ସ ଆସୋସିଏସନର ବାସୁଦେବପୁର ବ୍ଲକସ୍ତରୀୟ ଅଙ୍ଗନବାଡି କର୍ମୀଙ୍କ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସଭାରେ ମୁଖ୍ୟଅତିଥି ଭାବେ ବିଧାୟକ ଅଶୋକ କୁମାର ଦାସ, ସମ୍ମାନିତ ଅତିଥି ରାଜ୍ୟ ସଭାପତି ସୁମିତା ମହାପାତ୍ର, ଜିଲ୍ଲା ସମ୍ପାଦିକା ଅନ୍ନପୂର୍ଣ୍ଣା ବିଶ୍ୱାଳ, ଜିଲ୍ଲା କୋଷାଧ୍ୟକ୍ଷ ସୁଜାତା ଜେନା, ଜିଲ୍ଲା ଉପସଭାପତି ପୁଷ୍ପାରାଣୀ ଲେଙ୍କା, ବ୍ଲକ ସଭାପତି ସବିତାବାଳା ମହାନ୍ତି, ସମ୍ପାଦିକା କମଳିନୀ ମଳିକ, କୋଷାଧ୍ୟକ୍ଷ ଚନ୍ଦ୍ରିକା ମହାପାତ୍ର ଯୋଗ ଦେଇଥିଲେ।

# ମୁସଲିମ୍ ଜମାତ୍‌ରେ ହଜରତ୍ ମହମ୍ମଦ୍‌ଙ୍କ ଜନ୍ମଉତ୍ସବ ପ୍ରସ୍ତୁତି

ଭଦ୍ରକ, ୨୬।୮ (ସମିସ)



ଡିଜେ ସାଉଣ୍ଡ ନିଷେଧ

ଭଦ୍ରକ ପୁରୁଣାବଜାର ମଦିନା ମଇଦାନରେ ସନ୍ଧ୍ୟା ୭ଟା ସମୟରେ ପ୍ରଫେଟ ହଜରତ ମହମ୍ମଦଙ୍କ ଜନ୍ମଦିନ ତଥା ଜସ୍ନ-ଏ-ଇଦ ମିଲାଦୁନ ନବୀ ପାଳନ ଲାଗି ଭଦ୍ରକ ମୁସଲିମ ଜମାତର ଏକ ପ୍ରସ୍ତୁତି ବୈଠକ ଭଦ୍ରକ ମୁସଲିମ ଜମାତର ଉପସଭାପତି ମହମ୍ମଦ ଜକାଉଲ୍ଲାଙ୍କ ସଭାପତିତ୍ୱରେ ଓ ସାଧାରଣ ସଂପାଦକ ହାଜୀ ଶେଖ ଏନାମ ମହମ୍ମଦଙ୍କ ସହଯୋଗରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ଏକ ଅସ୍ଥାୟୀ କମିଟି ତଥା ସିରତ କମିଟି ଗଠନ କରାଗଲା। ଏହି ସିରତ କମିଟିରେ ସଭାପତି ଭାବେ ହାଜୀ ଅବଦୁଲ ମୁକିତ ଖାନ, ସଂପାଦକ ଭାବେ ଇଂ ହବିବୁଲ୍ଲା ଖାନ, କୋଷାଧ୍ୟକ୍ଷ ଭାବେ ମିର୍ଜା ଏକ୍ରାମ ବେଗ ଓ ଶେଖ ଅବୁକଲାମ ପ୍ରମୁଖ ୩୩ ଜଣ ସିରତ କମିଟିରେ କର୍ମକର୍ତ୍ତା ରହିଛନ୍ତି। ପ୍ରତ୍ୟେକ ବସ୍ତିର ଜୁଲୁସ/କାଫେଲାର ସରଦାରମାନେ ଉକ୍ତ କମିଟିରେ ସଭ୍ୟଭାବେ ରହିଛନ୍ତି। ଚଳିତ ବର୍ଷ ପ୍ରଫେଟ ମହମ୍ମଦଙ୍କ ୧୫୦୦ତମ ବର୍ଷ ଜୟନ୍ତୀ ମହାଆଡ଼ମ୍ବରରେ ପାଳନ କରାଯିବ। ସେପ୍ଟେମ୍ବର ୫ ତାରିଖ ଶୁକ୍ରବାରରେ ପ୍ରଫେଟ ହଜରତ ମହମ୍ମଦଙ୍କ ଜନ୍ମ ଉତ୍ସବ ତଥା ଜସ୍ନ-ଏ-ଇଦ ମିଲାଦୁନ ନବୀ ପର୍ବ ଇସଲାମ ଧର୍ମର ସରିୟତ ରୀତିନୀତି ଅନୁଯାୟୀ ପାଳନ କରାଯିବ। ଏହି ପର୍ବରେ ଅପରାହ୍ନ ୪ଟା ସମୟରେ ଭଦ୍ରକର ସମସ୍ତ ବସ୍ତିରୁ ଜୁଲୁସ (ମେଢ଼) ଓ କାଫେଲା ପୁରୁଣାବଜାରସ୍ଥିତ ଚୌଖଣ୍ଡିରୁ ଆରମ୍ଭ ହୋଇ ବାଙ୍କା ଛକ, ପୁରୁଣାବଜାର ଛକ, ଲାହାପଟ୍ଟି, ନଙ୍ଗାମହଲ୍ଲା, କଚେରୀ ବଜାର ଛକ, ନୂଆ ବଜାର, ଗୋଶାଳା ଛକ, ମୁଲ୍ଲାସାହି, ଶଙ୍କରପୁର, ହେଲାସାହି ଛକ ହୋଇ ମଦିନା ମଇଦାନରେ ପହଂଚିବାର କାର୍ଯ୍ୟକ୍ରମ ରହିଛି। ଏହି ଜୁଲୁସ/କାଫେଲା ମେଢ଼ରେ ଡିଜେ ସାଉଣ୍ଡ ବାଜିବ ନାହିଁ। ହଜରତ ମହମ୍ମଦଙ୍କ ନୀତିବାଣୀ ଉପରେ ନାତ୍ ସରିଫ ପଢ଼ି ପଢ଼ି ଭଦ୍ରକ ସହର ପରିକ୍ରମା କରିବେ। ରାତ୍ରି ୯ଟା ସମୟରେ ମଦିନା ମୈଦାନଠାରେ ଆମ ରାଜ୍ୟ ଓ ରାଜ୍ୟ ବାହାରୁ ପଣ୍ଡିତ (ମୌଲାନା) ଓ କବି (ସାଏର) ମାନେ ଏକ ଧର୍ମସଭାର ଆୟୋଜନ ହେବ ବୋଲି ଭଦ୍ରକ ମୁସଲିମ ଜମାତର ମିଡିଆ ସେଲ ଶେଖ ଅନୱର (ବାବୁ) ଜଣାଇଛନ୍ତି।

**ଗଣେଶ ପୂଜା ଓ ମହମ୍ମଦ ଜୟନ୍ତୀ ପାଳନ ପ୍ରସ୍ତୁତି**

# ଜୁଲୁସ୍ ଓ ମେଢ଼ ଶୋଭାଯାତ୍ରାରେ ଡିଜେ ବନ୍ଦ

## ପ୍ରଶାସନ ପକ୍ଷରୁ ଶାନ୍ତି କମିଟି ବୈଠକ

ଧାମନଗର, ୨୬।୮ (ସମିସ): ଧାମନଗର ବ୍ଲକ ଓ ଏନଏସି ଅଞ୍ଚଳରେ ଚଳିତ ମାସ ୨୭ ତାରିଖରେ ଗଣେଶ ପୂଜା ଏବଂ ଆସନ୍ତା ମାସ ପ୍ରଥମ ସପ୍ତାହରେ ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ କିପରି ଶାନ୍ତିଶୃଙ୍ଖଳାରେ ପାଳନ ହେବ ସେନେଇ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଏବଂ ଶାନ୍ତି କମିଟି ବୈଠକ ମଙ୍ଗଳବାର ଅପରାହ୍ନ ୪ଟାରେ ଧାମନଗର ବ୍ଲକ ସେଣ୍ଟ୍ରାଲ ସଭାଗୃହରେ ଶାନ୍ତି କମିଟିର ଆବାହକ ତଥା ତହସିଲଦାର ସାଇଶ୍ରୀ ଲୋକନାଥ ପ୍ରସାଦ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏନଏସି ଅଧ୍ୟକ୍ଷା ନିବେଦିତା ଜେନା, ସାଂସଦ ପ୍ରତିନିଧି ସରୋଜ ମହାପାତ୍ର, ଏସଡିପିଓ ତ୍ରିଲୋଚନ ସେଠୀ, ଆଇଆଇସି ଗୋପାଳକୃଷ୍ଣ ଜେନା ପ୍ରମୁଖ ମଞ୍ଚାସୀନ ହୋଇଥିବା ବେଳେ ବରିଷ୍ଠ ସଦସ୍ୟ ବାସୁଦେବ ତ୍ରିପାଠୀ, ଆଲହାଜ୍ ସୟଦ ମୁସ୍ତାଫା ରଜା, ମହମ୍ମଦ ଇସ୍ରାଇଲ ହବିବି, ଏମଡି ଫଜଲେ ବାରି, ବିରେନ୍ଦ୍ର ଜେନା, ସେକ ଜାଫର ଅଲ୍ଲୀ, ଗୋଲାମ ଜିଲାନି ହବିବି, ସେକ ଗୋଲାମ ଅଲ୍ଲୀ, ମହମ୍ମଦ ମଞ୍ଜୁରୁଲ ହକ୍, ରାମଚନ୍ଦ୍ର ଜେନା, ପ୍ରତାପ ସାମଲ, ସୁଶାନ୍ତ ରାଉତ, ଏସଆଇ ପ୍ରଦୀପ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ବିଶେଷ କରି ଚଳିତ ଗଣେଶ ମେଢ଼, କୁଲୁସ ଓ କାଫଲା ଶୋଭାଯାତ୍ରାରେ ଡି.ଜେ ଏବଂ ଡିଜେ ଗାଡ଼ି ସମ୍ପୂର୍ଣ୍ଣ ବନ୍ଦ ପାଇଁ ଏହି ବୈଠକରେ ନିଷ୍ପତ୍ତି ନିଆଯାଇଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଏବଂ ଧାମନଗର ଶାନ୍ତି କମିଟିର ନିଷ୍ପତ୍ତିକୁ ଯେଉଁମାନେ ଅମାନ୍ୟ କରିବେ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ତହସିଲଦାର ଏବଂ ଏସଡିପିଓ ସୂଚନା ଦେଇଛନ୍ତି। ଧାମନଗର ସହରାଞ୍ଚଳରେ ମହମ୍ମଦଙ୍କ ଜନ୍ମଦିନ ତଥା ଜସ୍ନେ ଇଦ୍ ମିଲାଦୁନ୍ ନବୀ ଅବସରରେ ବିଭିନ୍ନ ସାହିବସ୍ତି ସମେତ ମୋଟ ୩୫ଟି ଜୁଲୁସ ଓ କାଫଲା ଶୋଭାଯାତ୍ରା ନିଜ ନିଜର କମିଟି ମୁଖ୍ୟ ଓ ଗାଁର ସର୍ଦ୍ଦାରମାନେ ସାଙ୍ଗରେ ଧରି ଖାନକା ସରିଫରେ ପହଞ୍ଚି ସେଠାରୁ ରାତି ପ୍ରାୟ ୯ଟା ୩୦ରେ ସମସ୍ତ ଜୁଲୁସ ଓ କାଫଲା ଏକ ହୋଇ ଇଦ୍ ଗାଁ ମଇଦାନ ପରିକ୍ରମା କରି ଟ୍ରେକର ଷ୍ଟାଣ୍ଡରେ ବାହାରି ବଡ଼ ବଜାର, ସାନ ବଜାର, ବଙ୍ଗାଳି ଛକ ବାଟେ ପବିତ୍ର ପୀଠ ଜଗତି କଦମରସୁଲଠାରେ ପହଞ୍ଚିବାର କାର୍ଯ୍ୟକ୍ରମ ରହିଛି ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି। ପ୍ରକାଶ ଥାଉକି, ଗୁରୁତ୍ୱପୂର୍ଣ୍ଣ ଏହି ଶାନ୍ତିକମିଟି ବୈଠକରେ କୌଣସି ବିଭାଗୀୟ ଅଧିକାରୀ ଯୋଗ ଦେଇ ନଥିବାରୁ ଅସନ୍ତୋଷ ପ୍ରକାଶ କରିବା ସହ ଜିଲ୍ଲାପାଳଙ୍କୁ ଲିଖିତ ଅବଗତ କରାଯାଉ ବୋଲି ସଦସ୍ୟ ପ୍ରସ୍ତାବ ଦେଇଥିଲେ। ତହସିଲଦାର ଶ୍ରୀ ସେଠୀ ୨ଟି ପର୍ବ ଶାନ୍ତିଶୃଙ୍ଖଳା ସହ ପାଳନ ନିମନ୍ତେ ସମସ୍ତେ ସହଯୋଗ କାମନା କରଥିଲେ।



## ଭବିଷ୍ୟତର ଯୁଦ୍ଧ ଅଧିକ ବିପଜ୍ଜନକ ହେବ: ସିଡିଏସ୍ ଅନିଲ ଚୌହାନ

ମହୁ, ୨୬।୮ (ଏଜେନ୍ସି): ଭାରତ ଶାନ୍ତିପ୍ରିୟ ଦେଶ ହୋଇଥିଲେ ବି ଶାନ୍ତିବାଦୀ ନୁହେଁ। ଶତ୍ରୁ ଏହି ଭୁଲ୍ ବୁଝାମଣାର ଶିକାର ନ ହେଉ। ଦେଶର ସେନା ଯୁଦ୍ଧ ପାଇଁ ସର୍ବଦା ପ୍ରସ୍ତୁତ ହୋଇ ରହିଛି। କାରଣ ଶାନ୍ତି ପାଇଁ ଯୁଦ୍ଧ ଦରକାର ବୋଲି ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ (ସିଡିଏସ) ଜେନେରାଲ ଅନିଲ ଚୌହାନ କହିଛନ୍ତି। ମଧ୍ୟପ୍ରଦେଶ ମହୁ ସ୍ଥିତ 'ଆର୍ମି ୱାର କଲେଜ'ରେ ଆୟୋଜିତ ରଣ ସମ୍ବାଦ କାର୍ଯ୍ୟକ୍ରମ-୨୦୨୫ରେ ସାମିଲ ହୋଇ ସିଡିଏସ ଏହି ଟିପ୍ପଣୀ ଦେଇଛନ୍ତି। ସିଡିଏସ୍ କହିଥିଲେ ଯେ ଶକ୍ତି ବିନା ଶାନ୍ତି ଏକ 'ୟୁଟୋପିଆନ୍' ଧାରଣା ମାତ୍ର। ସେ ଏକ ଲାଟିନ୍ ଉକ୍ତିର ଉଦାହରଣ ଦେଇ କହିଥିଲେ ଯେ ଯଦି ତୁମେ ଶାନ୍ତି ଚାହୁଁଛ, ତେବେ ଯୁଦ୍ଧ ପାଇଁ ପ୍ରସ୍ତୁତ ରୁହ। କାରଣ ଶାନ୍ତି କେବଳ ଶକ୍ତିରୁ ଆସିପାରିବ। 'ଅପରେସନ୍ ସିନ୍ଦୂର' ଏକ ନୂତନ ଯୁଗର ଯୁଦ୍ଧ ଥିଲା। ଏଥିରୁ ଅନେକ ଶିକ୍ଷା ପାଇଲୁ। ଏହା ମଧ୍ୟରୁ ଅଧିକାଂଶକୁ କାର୍ଯ୍ୟକାରୀ କରିବାକୁ ପ୍ରୟାସ ଚାଲିଛି।

## ଆପ୍ ନେତା ସୌରଭ ଭରଦ୍ୱାଜଙ୍କ ଘରେ ଇଡି ଚଢ଼ଉ

ନୂଆଦିଲ୍ଲୀ, ୨୬।୮ (ଏଜେନ୍ସି): ଆଉ ଜଣ ଆମ୍ ଆଦମୀ ପାର୍ଟି (ଆପ୍) ନେତା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ରାଡ଼ାରରେ ଆସିଛନ୍ତି। ପୂର୍ବତନ ମନ୍ତ୍ରୀ ତଥା ଆପ୍ ନେତା ସୌରଭ ଭରଦ୍ୱାଜଙ୍କ ଘର ସମେତ ୧୩ ସ୍ଥାନ ଏଜେନ୍ସି ଚଢ଼ଉ କରିଛି। ହସ୍ପିଟାଲ ନିର୍ମାଣ ଦୁର୍ନୀତି ମାମଲାରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଦିଲ୍ଲୀର ଦୁର୍ନୀତି ନିବାରଣ ଶାଖା (ଏସିବି) ବର୍ଷେ ତଳେ ଆପ୍ ସରକାର ସମୟରେ ସ୍ୱାସ୍ଥ୍ୟ ଭିତ୍ତିଭୂମି ସହିତ ଜଡିତ ପ୍ରକଳ୍ପରେ ବଡ଼ ଧରଣର ଦୁର୍ନୀତି ଅଭିଯୋଗର ତଦନ୍ତ ଆରମ୍ଭ କରିଥିଲା। ଜୁନ୍ ମାସରେ ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ସୌରଭ ଭରଦ୍ୱାଜ ଏବଂ ସତ୍ୟେନ୍ଦ୍ର ଜୈନଙ୍କ ବିରୋଧରେ ମାମଲା ରୁଜୁ କରିଥିଲା। ପରେ ଏସିବି ମାମଲାକୁ ଇଡିକୁ ହସ୍ତାନ୍ତର କରିଥିଲା। କେନ୍ଦ୍ରୀୟ ଏଜେନ୍ସି ଜୁଲାଇରେ ମାମଲା ରୁଜୁ କରିଥିଲା। ଏହାକୁ ନେଇ କେଜ୍ରିୱାଲ କେନ୍ଦ୍ର ସରକାରଙ୍କୁ ନିଶାଣ କରିଛନ୍ତି। ସେ କହିଛନ୍ତି ଯେ କେନ୍ଦ୍ର ସରକାର ଆପ୍ ପଛରେ ପଡ଼ିଛନ୍ତି ବୋଲି ଏହି ଚଢ଼ଉ ଦର୍ଶାଉଛି। ସରକାର ଆମର ସ୍ୱରକୁ ଦମନ କରିବାକୁ ଚାହୁଁଛନ୍ତି। ଆମେ ବିଜେପିକୁ ଭୟ କରୁନୁ।

## ବିଜେପି ନେତାଙ୍କଠାରୁ ମେଡାଲ ନେଲେନି ଡିଏମ୍‌କେ ନେତାଙ୍କ ପୁଅ

ଚେନ୍ନଇ, ୨୬।୮ (ଏଜେନ୍ସି): ତାମିଲନାଡୁରେ ରାଜନୈତିକ ବିବାଦ ପର ପିଢି ପର୍ଯ୍ୟନ୍ତ ପହଞ୍ଚି ଗଲାଣି। ବିଭିନ୍ନ କାର୍ଯ୍ୟକ୍ରମରୁ ଏଭଳି ଦୃଶ୍ୟ ସାମ୍ନାକୁ ଆସୁଛି। ତାମିଲନାଡୁ ଡିଏମକେ ନେତା ତଥା ମନ୍ତ୍ରୀ ଟିଆରବି ରାଜାଙ୍କ ପୁଅ ସୂର୍ଯ୍ୟ ରାଜା ବାଲୁ ବିଜେପି ନେତା ଆନାମଲାଇଙ୍କଠାରୁ ମେଡାଲ ନେବାକୁ ମନା କରିଦେଇଛନ୍ତି। ଆନାମଲାଇ ମେଡାଲ ପିନ୍ଧାଇବାକୁ ଆଗକୁ ବଢ଼ିବା ସମୟରେ ବାଲୁ ପଛକୁ ହଟି ଯାଇଥିଲେ। ଅନେକ ପ୍ରୟାସ ସତ୍ତ୍ୱେ ବି ସେ ମେଡାଲ ନେଇ ନ ଥିଲେ। ଶେଷରେ ବିଜେପି ନେତା ତାଙ୍କ ହାତକୁ ମେଡାଲ ଧରାଇ ଦେଇଥିଲେ। ସୋମବାର ଅନୁଷ୍ଠିତ ତାମିଲନାଡୁର ୫୧ତମ ରାଜ୍ୟ ସୁଟିଂ ଖେଳ ସମ୍ମାନ ସମାରୋହରେ ଏହି ଦୃଶ୍ୟ ଦେଖିବାକୁ ମିଳିଥିଲା। ଆନାମଲାଇଙ୍କୁ ମୁଖ୍ୟ ଅତିଥି ଭାବେ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଗତ ୧୩ ଦିନରେ ଦ୍ୱିତୀୟ ଥର ପାଇଁ ଏଭଳି ଘଟଣା ଘଟିଛି।

## ଆରଏସଏସ ଗୀତ ଗାଇଥିବାରୁ କ୍ଷମା ମାଗିଲେ ଶିବକୁମାର

ବେଙ୍ଗାଲୁରୁ, ୨୬।୮ (ଏଜେନ୍ସି): ବିଧାନସଭାରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ (ଆରଏସଏସ)ର ଗୀତ ଗାଇବାକୁ ନେଇ କର୍ଣ୍ଣାଟକ ଉପମୁଖ୍ୟମନ୍ତ୍ରୀ ଡିକେ ଶିବକୁମାରଙ୍କୁ ନିଜ ଦଳରେ ସମାଲୋଚନା କରାଯାଉଛି। ଶେଷରେ ସେ ଏଥିପାଇଁ ବିଧାନସଭାରେ ହିଁ କ୍ଷମା ମାଗିଛନ୍ତି। ଏହି ଗୀତ ଗାଇଥିବାରୁ ଯଦି କାହାର ଭାବନାକୁ ଆଘାତ ଲାଗିଛି ତେବେ କ୍ଷମା ମାଗୁଛି ବୋଲି କହିଛନ୍ତି। ଆରଏସଏସ ପ୍ରଶଂସା କରିବା ତାଙ୍କ ଉଦ୍ଦେଶ୍ୟ ନ ଥିଲା ବୋଲି ସେ ସ୍ପଷ୍ଟ କରିଛନ୍ତି। ଶିବକୁମାର କହିଛନ୍ତି ଯେ ସେ ଜଣେ କଂଗ୍ରେସ ସଦସ୍ୟ। ମୃତ୍ୟୁ ପର୍ଯ୍ୟନ୍ତ କଂଗ୍ରେସ ସଦସ୍ୟ ହୋଇ ରହିବେ। ସାରା ଦେଶକୁ ଏହି ବାର୍ତ୍ତା ଦେବାକୁ ଚାହୁଁଛି ଯେ ନିଜକୁ କଂଗ୍ରେସ ପାଇଁ ମୁଁ ସମର୍ପି ଦେଇଛି। ଗାନ୍ଧୀ ପରିବାର ମୋ ପାଇଁ ଭଗବାନ ଏବଂ ମୁଁ ତାଙ୍କ ଭକ୍ତ। ସୂଚନା ଅନୁଯାୟୀ କର୍ଣ୍ଣାଟକ କଂଗ୍ରେସ ସଭାପତି ପଦରେ ଥାଇ ସେ କିଛି ଦିନ ତଳେ ବିଧାନସଭାରେ ଆରଏସଏସ ଗୀତ ଗାଇ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରି ଦେଇଥିଲେ। ଗତ ୨୧ ତାରିଖରେ ଶିବକୁମାର ଆରଏସଏସ ପ୍ରାର୍ଥନା 'ନମସ୍ତେ ସଦା ବତ୍ସଲେ ମାତୃଭୂମେ'ର କିଛି ଧାଡ଼ି ପଢ଼ିଥିଲେ। ଏହା ଭାଇରାଲ ହେବାରୁ ଶିବକୁମାର ଏହି ଗୀତ ଗାଇ କାହାକୁ ପ୍ରଭାବିତ କରିବାକୁ ଚେଷ୍ଟା କରୁଛନ୍ତି ବୋଲି ବରିଷ୍ଠ କଂଗ୍ରେସ ନେତା ବି.କେ. ହରିପ୍ରସାଦ ପ୍ରଶ୍ନ କରିଥିଲେ।

## ଇରାନ ରାଷ୍ଟ୍ରଦୂତଙ୍କୁ ହଟାଇଲା ଅଷ୍ଟ୍ରେଲିଆ

କାନବେରା,୨୬।୮ (ଏଜେନ୍ସି) : ଅଷ୍ଟ୍ରେଲିଆ ମଙ୍ଗଳବାର ଇରାନ ରାଷ୍ଟ୍ରଦୂତଙ୍କୁ ଦେଶରୁ ବାହାର କରିଦେଇଛି। ସିଡନୀ ଏବଂ ମେଲବୋର୍ଣ୍ଣରେ ଇହୁଦୀ ସମ୍ପ୍ରଦାୟ ଉପରେ ଆକ୍ରମଣ ପାଇଁ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି ବୋଲି ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆନ୍ଥୋନି ଆଲବାନିସ କହିଛନ୍ତି। ସେ ସୂଚନା ଦେଇଛନ୍ତି ଯେ ୨୦୨୪ ଅକ୍ଟୋବରରେ ସିଡନୀର ଲୁଇସ୍ କଣ୍ଟିନେଣ୍ଟଲ କିଚେନ ଏବଂ ୨୦୨୪ ଡିସେମ୍ବର ୬ରେ ମେଲବୋର୍ଣ୍ଣର ଅଦାସ ସଭାଗୃହରେ ଆକ୍ରମଣ କରାଯାଇଥିଲା। ଇରାନ ଏଥିପାଇଁ ଯୋଜନା ପ୍ରସ୍ତୁତ କରିଥିଲା ଏବଂ ପରେ ଆକ୍ରମଣ କରିଥିବା ନେଇ ପ୍ରମାଣ ମିଳିଛି। ଏହା ଅଷ୍ଟ୍ରେଲିଆ ପାଇଁ ବିପଜ୍ଜନକ। ସମାଜର ଏକତାକୁ ଭାଙ୍ଗି ଅଶାନ୍ତି ସୃଷ୍ଟି ଇରାନର ଉଦ୍ଦେଶ୍ୟ । ଇସ୍ରାଏଲ-ହମାସ ଯୁଦ୍ଧ ଆରମ୍ଭ ହେବା ପରେ ଅଷ୍ଟ୍ରେଲିଆରେ ଇହୁଦୀ ସ୍କୁଲ୍, ଘର, ମନ୍ଦିର ଉପରେ ଆକ୍ରମଣ ବୃଦ୍ଧି ପାଇଛି। ଆଲ୍‌ବାନିଜ କହିଛନ୍ତି ଯେ ଅଷ୍ଟ୍ରେଲିଆ ମଧ୍ୟ ତେହରାନ ସ୍ଥିତ ନିଜ ଦୂତାବାସକୁ ବନ୍ଦ କରିଦେଇଛି। ଏହା ସହିତ ଇରାନର ଇସଲାମିକ ରିଭୋଲ୍ୟୁସନାରୀ ଗାର୍ଡ କ୍ରସ୍ପକୁ ସେ ଆତଙ୍କବାଦୀ ସଂଗଠନ ଘୋଷଣା କରିଛନ୍ତି।

# ୪୮ ଘଣ୍ଟା ଧରି ଜମ୍ମୁ-କଶ୍ମୀର, ହିମାଚଳରେ ପ୍ରକୃତିର ତାଣ୍ଡବ



## ବାଦଲଫଟା ବର୍ଷା, ଭୂସ୍ଖଳନ ନେଲା ୧୦ ଜୀବନ ଖସୁଛି ଅତଡ଼ା, ବୈଷ୍ଣୋ ଦେବୀ ଯାତ୍ରା ସ୍ଥଗିତ

ନୂଆଦିଲ୍ଲୀ, ୨୬।୮ (ଏଜେନ୍ସି): ଜମ୍ମୁ-କଶ୍ମୀର ଏବଂ ହିମାଚଳ ପ୍ରଦେଶରେ ଗତ ୪୮ ଘଣ୍ଟା ଧରି ଚାଲିଛି ପ୍ରକୃତିର ତାଣ୍ଡବ। ବାଦଲଫଟା ବର୍ଷା ଏବଂ ବନ୍ୟା ଯୋଗୁଁ ଘର ସହିତ ଦୋକାନ ବଜାର ସବୁ ଭାସି ଯାଇଛି। ବଡ଼ ବଡ଼ କୋଠା ଭୁଶୁଡ଼ି ପଡ଼ିଛି, ରାସ୍ତା ବିଚ୍ଛିନ୍ନ ଏବଂ ଶତାଧିକ ଘର ବନ୍ୟା ପାଣି ଘେରରେ। ପ୍ରକୃତିର ଏହି ତାଣ୍ଡବରେ ୧୦ ଜଣ ବ୍ୟକ୍ତି ପ୍ରାଣ ହରାଇଥିବା ବେଳେ ଅନେକ ଲୋକ ଆହତ ହୋଇଛନ୍ତି। ପ୍ରବଳ ବର୍ଷା ଯୋଗୁଁ ଅତଡ଼ା ଖସୁଥିବାରୁ ବୈଷ୍ଣୋବଯାତ୍ରାକୁ ବର୍ତ୍ତମାନ ପାଇଁ ସ୍ଥଗିତ ରଖାଯାଇଛି।

ବର୍ଷା ଓ ବନ୍ୟା ଯୋଗୁଁ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି ଜମ୍ମୁ ଅଞ୍ଚଳ। ଆଜି ବାଦଲଫଟା ବର୍ଷା ଯୋଗୁଁ ୪ ଜଣ ବ୍ୟକ୍ତି ପ୍ରାଣ ହରାଇଥିବା ବେଳେ ୧୦ଟି ଘର ଭାସିଯାଇଛି। ଜମ୍ମୁ, କଠୁଆ, ସାମ୍ବା ଏବଂ କିସ୍ତୱାର ଅଞ୍ଚଳରେ ଏବେ ବି ଭୀଷଣ ବର୍ଷା ଜାରି ରହିଛି। ଏହାପୂର୍ବରୁ ମଧ କିସ୍ତୱାରରେ ବାଦଲଫଟା ବର୍ଷା ହୋଇଥିଲା। ଇତିମଧ୍ୟରେ ଜମ୍ମୁ-କଶ୍ମୀରର ରିଆସି ଜିଲ୍ଲା ତ୍ରିକୁଟ ପର୍ବତରେ ଅବସ୍ଥିତ ମାତା ବୈଷ୍ଣବ ଦେବୀ ମନ୍ଦିରକୁ ଯାଇଥିବା ରାସ୍ତାରେ ଅତଡ଼ା ଖସିବାରୁ ୬ ଜଣ ପ୍ରାଣ ହରାଇଛନ୍ତି ଏବଂ ୧୪ ଜଣ ଆହତ ହୋଇଛନ୍ତି। ବିଭିନ୍ନ ସ୍ଥାନରେ ରାସ୍ତା ଦବି ଯାଇଥିବାରୁ ବୈଷ୍ଣବ ଯାତ୍ରାକୁ ବର୍ତ୍ତମାନ ପାଇଁ ସ୍ଥଗିତ ରଖାଯାଇଛି। ପ୍ରବଳ ବର୍ଷା ଓ ବନ୍ୟା ଯୋଗୁଁ ଜମ୍ମୁ ଅଞ୍ଚଳରେ ସମସ୍ତ ସରକାରୀ ଅଫିସ ଓ ଶିକ୍ଷାନୁଷ୍ଠାନକୁ ବନ୍ଦ କରିଦିଆଯାଇଛି। ଜମ୍ମୁ-ଶ୍ରୀନଗର ଜାତୀୟ ରାଜପଥକୁ ଗାଡ଼ି ଚଳାଚଳ ପାଇଁ ବନ୍ଦ କରି ଦିଆଯାଇଛି। ତାୱି ନଦୀରେ ବନ୍ୟାଜଳ ସ୍ତର ବୃଦ୍ଧି ପାଉଥିବାରୁ ସମଗ୍ର ଜମ୍ମୁ ଅଞ୍ଚଳ ପାଇଁ ଆଲର୍ଟ ଜାରି କରାଯାଇଛି। ଲୋକମାନଙ୍କୁ ନିରାପଦ ସ୍ଥାନକୁ ନିଆଯାଉଛି।


ସେହିଭଳି ହିମାଚଳ ପ୍ରଦେଶରେ ମଧ ପରିସ୍ଥିତି ଗମ୍ଭୀର ରହିଛି। ପ୍ରବଳ ବର୍ଷା ଯୋଗୁଁ ବେଆସ ନଦୀରେ ବନ୍ୟା ଆସି ମନାଲି ଓ ଆଖପାଖ ଅଞ୍ଚଳରେ ବ୍ୟାପକ କ୍ଷତି ପହଞ୍ଚାଇଛି। ବନ୍ୟା ଓ ଅତଡ଼ା ଖସିବା ଯୋଗୁଁ ଅନେକ ଘର, ବ୍ୟାବସାୟିକ ପ୍ରତିଷ୍ଠାନ ଓ ହୋଟେଲ ଭାସିଯାଇଛି। ବ୍ୟାପକ ଅଞ୍ଚଳ ଜଳମଗ୍ନ ହୋଇଯାଇଥିବାରୁ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଇଛି। ନଦୀ ପାଣି ଉଚ୍ଛୁଳିବାରୁ ମନାଲିରେ ଏକ ବହୁତଲା ବିଶିଷ୍ଟ ହୋଟେଲ ଏବଂ ୪ଟି ଦୋକାନ ଘର ଭାସିଯାଇଛି। ବନ୍ୟା ଯୋଗୁଁ ମନାଲି-ଲେହ ରାଜପଥର ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଖାଲ ସୃଷ୍ଟି ହୋଇଛି। କୁଲ୍ଲୁ-ମନାଲି ଜାତୀୟ ରାଜପଥ ମଧ ଅନେକ ସ୍ଥାନରେ ଦବି ଯାଇଛି କିମ୍ବା ଭାସିଯାଇଛି। ମନାଲି ନିକଟବର୍ତ୍ତୀ ଅଞ୍ଚଳରେ ଶତାଧିକ ଲୋକ ପାଣି ଘେରରେ ରହିଛନ୍ତି। ସେମାନଙ୍କ ପାଖରେ ରିଲିଫ ପହଞ୍ଚିପାରି ନାହିଁ। ବିଦ୍ୟୁତ ଯୋଗାଣ ବି ବିଚ୍ଛିନ୍ନ ହୋଇଯାଇଛି। ବହାଙ୍ଗରେ ଏକ ଦୁଇ ମହଲା ହୋଟେଲ ଭାସିଯାଇଥିବା ବେଳେ ଦୁଇଟି ରେସ୍ତୋରାଁ ଏବଂ ଦୁଇଟି ଦୋକାନଘର ଭୁଶୁଡ଼ି ପଡ଼ିଛି। ଏହି ଅଞ୍ଚଳରେ ବ୍ୟାପକ କ୍ଷତି ହୋଇଥିଲେ ମଧ କୌଣସି ଜୀବନହାନିର ଖବର ମିଳିନାହିଁ। ଏହି ଅଞ୍ଚଳରେ ସମସ୍ତ ଶିକ୍ଷାନୁଷ୍ଠାନକୁ ବନ୍ଦ କରି ଦିଆଯାଇଛି। ଗତ ଜୁନ ମାସ ୨୦ ତାରିଖରୁ ହିମାଚଳ ପ୍ରଦେଶରେ ବର୍ଷା ଓ ବନ୍ୟା ଲାଗି ରହିଛି। ବର୍ଷା ଓ ବନ୍ୟା ଯୋଗୁଁ ବ୍ୟାପକ କ୍ଷତି ହୋଇଛି। ଜୁନ୍ ୨୦ରୁ ଆଜି ପର୍ଯ୍ୟନ୍ତ ବର୍ଷା ଓ ବନ୍ୟା ଯୋଗୁଁ ରାଜ୍ୟରେ ୧୫୬ ଜଣ ଲୋକ ପ୍ରାଣ ହରାଇଥିବା ବେଳେ ୩୮ ଜଣ ଏବେ ବି ନିଖୋଜ ରହିଛନ୍ତି। ଅନେକ ସ୍ଥାନ ଏବେ ବି ବିଚ୍ଛିନ୍ନ ରହିଥିବା ବେଳେ ବିଦ୍ୟୁତ ଯୋଗାଣ ସ୍ୱାଭାବିକ ହୋଇପାରୁ ନାହିଁ।

# ଅମ୍ବାନୀଙ୍କ ବନତାରାର ଯାଞ୍ଚ ହେବ

ନୂଆଦିଲ୍ଲୀ, ୨୬।୮ (ଏଜେନ୍ସି): କୋହ୍ଲାପୁରର ମାଧୁରୀ ହାତୀକୁ ନେଇ ଶିଳ୍ପପତି ମୁକେଶ ଅମ୍ବାନୀଙ୍କୁ ତୀବ୍ର ସମାଲୋଚନା କରାଯାଉଛି। ଏପରି ସମୟରେ ଗୁଜୁରାଟ ଜାମନଗର ସ୍ଥିତ ଅମ୍ବାନୀଙ୍କ ବନ୍ୟଜନ୍ତୁ ଉଦ୍ଧାର ଏବଂ ପୁନର୍ବାସ କେନ୍ଦ୍ର 'ବନତାରା'ର ଯାଞ୍ଚ ପାଇଁ ସୁପ୍ରିମକୋର୍ଟ ସୋମବାର ନିର୍ଦ୍ଦେଶ

**କମିଟି ଗଠନ କଲେ ସୁପ୍ରିମକୋର୍ଟ**

ଦେଇଛନ୍ତି।ଏଥିପାଇଁ ୪ ସଦସ୍ୟ ବିଶିଷ୍ଟ ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସଆଇଟି) ଗଠନ କରିଛନ୍ତି। ରିଲାଏନ୍ସ ଫାଉଣ୍ଡେସନ ଏହି ବନାତାରାକୁ ଚଳାଉଛି। ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜେ. ଚେଲେମେଶ୍ୱର ଏହି ଏସଆଇଟିର ନେତୃତ୍ୱ ନେବେ। ଏହି ଟିମ୍‌ରେ ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ରାଘବେନ୍ଦ୍ର ଚୌହାନ, ମୁମ୍ବଇ ପୁଲିସର ପୂର୍ବତନ କମିଶନର ହେମନ୍ତ ନାଗରାଲେ ଏବଂ ସୀମା ଶୁଳ୍କ ଅଧିକାରୀ ଅନିଶ ଗୁପ୍ତା ସାମିଲ ଅଛନ୍ତି। ଆସନ୍ତା ୧୨ ତାରିଖ ସୁଦ୍ଧା ଏହି କମିଟି ରିପୋର୍ଟ ପ୍ରଦାନ କରିବ। ୧୫ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ରିପୋର୍ଟ ଆଧାରରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ଜଷ୍ଟିସ ପଙ୍କଜ ମିତ୍ତଲ ଏବଂ ପି ଭି ବରାଲେଙ୍କ ଖଣ୍ଡପୀଠ କହିଛନ୍ତି। ଓକିଲ ସିଆର ଜୟା ସୁକିନ ଏବଂ ଦେବ ଶର୍ମା ପକ୍ଷରୁ ଦାଏର ଦୁଇଟି ଜନସ୍ୱାର୍ଥ ମାମଲା (ପିଆଇଏଲ)ର ଶୁଣାଣି କରି କୋର୍ଟ ଏହି ନିର୍ଦ୍ଦେଶ ଦେଇଛନ୍ତି। ଯାଞ୍ଚ କେବଳ ସତ୍ୟ ଏବଂ ତଥ୍ୟ ଆଧାରିତ ହେବ। ଏସ୍ଆଇଟି ଗଠନ କରି କୌଣସି ସଂସ୍ଥାର କାର୍ଯ୍ୟ ପ୍ରଣାଳୀ ଉପରେ ପ୍ରଶ୍ନ ଉଠା ଯାଉନାହିଁ ବୋଲି ଖଣ୍ଡପୀଠ କହିଛନ୍ତି। କୋହ୍ଲାପୁରର ଜୈନ ମଠରେ ଥିବା ହାତୀ ମାଧୁରୀକୁ ଚିକିତ୍ସା ନାମରେ ବନତାରା ନେବା ପରେ ଏହି ଆବେଦନ ଦାଏର କରାଯାଇଥିଲା। ଏସ୍ଆଇଟି ୫ଟି ପଏଣ୍ଟକୁ ନେ ଯାଞ୍ଚ କରିବ। ଭାରତ ଏବଂ ବିଦେଶରୁ ହାତୀ ଆଣିବା ବେଳେ ବନ୍ୟଜନ୍ତୁ ସଂରକ୍ଷଣ ନିୟମ, ଚିଡ଼ିଆଖାନା ନିୟମ, ଅନ୍ତର୍ଜାତୀୟ ପ୍ରଜାତି ବାଣିଜ୍ୟ ଚୁକ୍ତି, ଆମଦାନୀରପ୍ତାନୀ ଆଇନ ଏବଂ ଅନ୍ୟ ଆଇନଗତ ନିୟମ ପାଳନ କରାଯାଉଛି କି ନାହିଁ ଯାଞ୍ଚ କରାଯିବ।



# ଶାହାରୁଖ, ଦୀପିକାଙ୍କ ବିରୋଧରେ ଏତଲା

ଭରତପୁର, ୨୬।୮ (ଏଜେନ୍ସି): ଅନ୍‌ଲାଇନ ଗେମିଂ ପାଇଁ ବିଜ୍ଞାପନ କରି ସେଲିବ୍ରିଟି ଫସିବା ପରେ ଏବେ ଆଉ ଏକ ମାମଲା ସାମ୍ନାକୁ ଆସିଛି। ଖରାପ ଗାଡ଼ି ପାଇଁ ମାର୍କେଟିଂ କରୁଥିବା ଅଭିଯୋଗରେ ବଲିଉଡ ଅଭିନେତା ଶାହାରୁଖ ଖାନ୍ ଏବଂ ଅଭିନେତ୍ରୀ ଦୀପିକା ପାଦୁକୋନଙ୍କ ବିରୋଧରେ ରାଜସ୍ଥାନ ଭରତପୁରରେ ଏତଲା ରୁଜୁ କରାଯାଇଛି। ଏହି ଏତଲାରେ ଉଭୟ ବ୍ରାଣ୍ଡ ଆମାସାଡରଙ୍କ ସହିତ ହୁଣ୍ଡାଇ କମ୍ପାନୀର ଏମ୍‌ଡି ଅନସୋକିମ, ହୋଲ୍ ଟାଇମ ଡାଇରେକ୍ଟର ଆଣ୍ଡ ଚିଫ୍ ଅପରେଟିଂ ଅଫିସର ତରୁଣ ଗର୍ଗ ଏବଂ ଶୋ'ରୁମ ମାଲିକଙ୍କ ନାମ ରହିଛି। ଭରତପୁରର ଓକିଲ କୀର୍ତ୍ତି ସିଂହଙ୍କ ଆବେଦନ ଉପରେ ଶୁଣାଣି କରି କୋର୍ଟ ଏତଲା ନିର୍ଦ୍ଦେଶ ରୁଜୁ ପାଇଁ ନିର୍ଦ୍ଦେଶ ଦେଇଥିଲେ। ସହରର ମଥୁରା ଗେଟ୍ ଥାନା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଦେଇଛି। ଏତଲାରେ କୀର୍ତ୍ତି ସିଂହ କହିଛନ୍ତି ଯେ ସେ ୨୦୨୨ ଜୁନ୍‌ରେ ୨୩ ଲକ୍ଷ ୯୭ହଜାର ୩୫୩ ଟଙ୍କା ଦେଇ ହରିୟାଣା ସୋନିପତ ସ୍ଥିତ ମାଲୱା ଅଟୋ ସେଲ୍ସ ପ୍ରାଇଭେଟ୍ ଲିମିଟେଡ୍ କୁଣ୍ଡଲି କିଣିଥିଲେ। ତେବେ ରାସ୍ତାରେ ଅନ୍ୟ ଗାଡ଼ିକୁ ଅତିକ୍ରମ କରିବା ସମୟରେ କାର୍ ପିକ୍-ଅପ ନେଉନାହିଁ। କେବଳ ଆରପିଏମ ବଢୁଛି। କାରର ଓଡୋମିଟରରେ ମାଲ୍ ଫଙ୍କସନ ଲେଖାଯାଇଥିବା ଚିହ୍ନ ଦେଖାଯାଉଛି। ୬-୭ ମାସ ଚଳାଇବା ପରେ କାର୍‌ରେ ଯାନ୍ତ୍ରିକ ତ୍ରୁଟି ଦେଖା ଯାଇଥିଲା। ଅଧିକ ବେଗରେ ଗଲେ ଶବ୍ଦ ହୋଇ ଗାଡ଼ି ଥରୁ ଥିଲା। ଇଞ୍ଜିନ ଖରାପ ହେବା ସଙ୍କେତ ଦେଉଥିଲା। ଏଥିଯୋଗୁଁ ଅନେକ ଦୁର୍ଘଟଣାରୁ ସେ ଅଳ୍ପକେ ବର୍ତ୍ତି ଯାଇଥିଲେ। କମ୍ପାନୀକୁ ଜଣାଇବାରୁ ଏହା ଉତ୍ପାଦନ ଜନିତ ତ୍ରୁଟି, ତେଣୁ ଠିକ୍ କରିହେବନି ବୋଲି କୁହାଯାଇଥିଲା। ଏଭଳି ହେଲେ ଘଣ୍ଟାଏ ପର୍ଯ୍ୟନ୍ତ କମ୍ ବେଗରେ ଗାଡ଼ି ଚଲାଇବାକୁ ପରାମର୍ଶ ଦିଆଯାଇଥିଲା। କଳାକାର ଏଭଳି ଗାଡ଼ିର ବିଜ୍ଞାପନ କରିବା ଅନୁଚିତ। କାରଣ ସେମାନଙ୍କୁ ଦେଖି ହିଁ ଲୋକେ ଗାଡ଼ି କିଣୁଛନ୍ତି।

**ଯୌତୁକ ପାଇଁ ଜିଅନ୍ତା ପୋଡ଼ି ହତ୍ୟା ମାମଲା**

# ସିସିଟିଭି ଫୁଟେଜ୍ କହୁଛି ଭିନ୍ନ କାହାଣୀ

ନୋଏଡ଼ା, ୨୬।୮ (ଏଜେନ୍ସି): ଗ୍ରେଟର ନୋଏଡ଼ାର ନିକି ଭାଟି ହତ୍ୟା ମାମଲା ସାରା ଦେଶକୁ ସ୍ତବ୍ଧ କରିଦେଇଛି। ଯୌତୁକ ପାଇଁ ସ୍ୱାମୀ ଏବଂ ଶଶୁର ଘର ଲୋକେ ତାଙ୍କୁ ହତ୍ୟା କଲେ ବୋଲି ଅଭିଯୋଗ ହୋଇଛି। ଏପରି ସମୟରେ ନିକିର ମୃତ୍ୟୁକୁ ନେଇ ଭିନ୍ନ ଭିନ୍ନ ଦାବି ସଂଶୟ ବଢ଼ାଇ ଦେଇଛି। ଗତ ୨୧ ତାରିଖରେ ନିକିଙ୍କୁ ତାଙ୍କ ସ୍ୱାମୀ ଏବଂ ଶଶୁର ଘର ଲୋକେ କିରୋସିନ ଢାଳି ନିଆଁ ଲଗାଇ ଦେଇଥିଲେ। କିନ୍ତୁ ତାଙ୍କ ପଡ଼ିଶା ଘର ଲୋକଙ୍କ ଅନୁଯାୟୀ ନିକି ଏବଂ ତାଙ୍କ ଭଉଣୀ କାଞ୍ଚନ ସବୁବେଳେ ଇନ୍‌ଷ୍ଟାଗ୍ରାମରେ ବ୍ୟସ୍ତ ରହୁଥିଲେ। ଦୁଇ ଭଉଣୀ ମିଶି ରିଲ୍ସ କରୁଥିଲେ। ଏହାକୁ ନେଇ ପରିବାରରେ ଅସନ୍ତୋଷ ସୃଷ୍ଟି ହୋଇଥିଲା। ନିକିଙ୍କ ସ୍ୱାମୀ ବିପିନ ତାଙ୍କୁ ଏପରି ନ କରିବାକୁ କହିଥିଲେ। କିନ୍ତୁ ସେ ନ ମାନିବାରୁ ଉଭୟଙ୍କ ସମ୍ପର୍କରେ ତିକ୍ତତା ସୃଷ୍ଟି ହୋଇଥିଲା।

ଏହା ମଧ୍ୟରେ ନିକିଙ୍କ ଭଉଣୀ କାଞ୍ଚନଙ୍କ ଦାବିକୁ ନେଇ ମଧ ପ୍ରଶ୍ନ ଉଠୁଛି। ସେ ବିପିନଙ୍କ ସାନ ଭାଇର ରୋହିତକୁ ବିବାହ କରିଥିଲେ। ଭଉଣୀ ମୃତ୍ୟୁ ଖବର ପାଇଁ ସେ ଚେତା ହରାଇ ଥିବା କହିଥିଲେ। ଏହି ସମୟରେ ଶଶୁର ଘର ଲୋକେ ଫେରାର ହୋଇ ଯାଇଥିବା କାଞ୍ଚନ ଦାବି କରିଥିଲେ। କିନ୍ତୁ ଗ୍ରେଟର ନୋଏଡାରେ ନିକିଙ୍କ ଅନ୍ତିମ ସଂସ୍କାର ସମୟରେ ଶଶୁର ଘର ଲୋକେ ଛିଡ଼ା ହୋଇଥିବା ଦେଖାଯାଉଛି। ଏହାର କିଛି ଘଣ୍ଟା ପରେ ନିକିଙ୍କ ପରିବାର ତାଙ୍କ ସ୍ୱାମୀ ବିପିନ, କାଞ୍ଚନଙ୍କ ସ୍ୱାମୀ ରୋହିତ, ତାଙ୍କ ଶ୍ୱଶୁର ଏବଂ ଶାଶୁଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ କରାଯାଇଥିଲା। ସେହିପରି ଗତ ସପ୍ତାହରେ ଏକ ଭିଡିଓ ସାମ୍ନାକୁ ଆସିଥିଲା। ଏଥିରେ ବିପିନ ଏବଂ ଅନ୍ୟ ଜଣେ ମହିଳା ନିକିଙ୍କ ଚୁଟି ଧରି ଟାଣି ନେଉଥିବା ଦେଖାଯାଇଥିଲା। ବିପିନ ସାର୍ଟ ପିନ୍ଧି ନ ଥିବାବେଳେ ତାଙ୍କ ପେଟ ଏବଂ ପିଠିରେ ରକ୍ତ ଲାଗିଥିଲା। ଅନ୍ୟ କ୍ଲିପ୍‌ଗୁଡ଼ିକରେ ନିକି ନିଆଁରେ ଜଳୁଥିବା ସମୟରେ ସିଡ଼ି ଦେଇ ତଳକୁ ଖସୁଥିବା ଏବଂ ପରେ ତଳେ ବସିଥିବାର ଦେଖାଯାଉଥିଲା। ଗତ ସୋମବାର ସାମ୍ନାକୁ ଆସିଥିବା ଆଉ ଏକ ଭିଡିଓରେ ନିକିଙ୍କୁ ଆକ୍ରମଣ ସମୟରେ ମୁଖ୍ୟ ଅଭିଯୁକ୍ତ ବିପିନ ଏକ ତେଜରାତି ଦୋକାନ ବାହାରେ ଛିଡ଼ା ହୋଇଥିବା ଦେଖାଯାଉଛି। ଏହା ତାଙ୍କ ଘରର ବିପରୀତ ଦିଗରେ ରହିଛି। ସନ୍ଧ୍ୟା ୫ଟା ୪୨ରେ ବିପିନ ଛିଡ଼ା ହୋଇଥିବାବେଳେ ଅନ୍ୟ ଜଣେ ବ୍ୟକ୍ତି ତାଙ୍କ ସହ ସାମିଲ ହେଉଛନ୍ତି। ପରେ ୫ଟା ୪୭ରେ ଆଉ କିଛି ବ୍ୟକ୍ତି ଆସି ତାଙ୍କ ସହ ଚର୍ଚ୍ଚା କରୁଛନ୍ତି। ଏହି ସମୟରେ ଚେକ୍ ସାର୍ଟ ପିନ୍ଧି ଥିବା ବ୍ୟକ୍ତି ଘରକୁ ଦୌଡୁଛି। ଭିଡ଼ ବଢ଼ିବା ପରେ ଜଣେ ବ୍ୟକ୍ତି କାର୍‌ରେ ବସି ପଳାଉଛି। ବିପିନଙ୍କ ଜଣେ ସମ୍ପର୍କୀୟ ଦାବି କରିଛନ୍ତି ଯେ ସିଲିଣ୍ଡର ବିସ୍ଫୋରଣରୁ ନିକି ଦେହରେ ନିଆଁ ଲାଗିଥିଲା। ତା ପରେ ବିପିନ ଚିତ୍କାର କରି ନିକିଙ୍କୁ ହସ୍ପିଟାଲକୁ ନେଇଥିଲେ। ଏହି ଭିଡିଓ ପୁଣିଥରେ ମାମଲାର ଯାଞ୍ଚ ପାଇଁ ପୁଲିସକୁ ଖୋରାକ ଯୋଗାଉଛି।

# ଟ୍ରମ୍ପଙ୍କ ଫୋନ୍ ଉଠାଉ ନାହାନ୍ତି ମୋଦୀ!

ନୂଆଦିଲ୍ଲୀ, ୨୬।୮ (ଏଜେନ୍ସି): ଚଢ଼ା ଶୁଳ୍କକୁ ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ମଧ୍ୟରେ ତିକ୍ତତା ବୃଦ୍ଧି ପାଇଛି। ଏହାକୁ ନେଇ ଆଲୋଚନା କରିବାକୁ ଟ୍ରମ୍ପ ମୋଦୀଙ୍କୁ ଚାରି ଥର ଫୋନ୍ କଲେଣି। ତେବେ ମୋଦୀ କୌଣସି ଥର ତାଙ୍କ ତାଙ୍କ ଫୋନ୍‌ର ଉତ୍ତର ଦେଇ ନ ଥିଲେ। ଜର୍ମାନୀ ଖବରକାଗଜ ଏଫଏଜେଡ୍ ଏହି ଦାବି କରିଛି। ତେବେ ଟ୍ରମ୍ପ କେଉଁ ଦିନ ଫୋନ୍ କରିଥିଲେ ତାହାର କୌଣସି ସୂଚନା ଦିଆଯାଇ ନାହିଁ। ରିପୋର୍ଟ ଅନୁଯାୟୀ ଟ୍ରମ୍ପଙ୍କ ଆକ୍ରମକ ବାଣିଜ୍ୟ ନୀତି ଏବଂ ଭାରତକୁ 'ମୃତ ଅର୍ଥନୀତି' କହିବାକୁ ନେଇ ମୋଦୀ କ୍ଷୁବ୍ଧ ହୋଇଛନ୍ତି। ପୂର୍ବରୁ ଦୁଇ ନେତାଙ୍କ ମଧ୍ୟରେ ଭଲ ସମ୍ପର୍କ ଥିଲା। କିନ୍ତୁ ଏବେ ଆମେରିକା ସହ ବାଣିଜ୍ୟ ଚୁକ୍ତି ନେଇ ଆଲୋଚନାକୁ ମଧ ଭାରତ ରଦ୍ଦ କରିଦେଇଛି। ଆମେରିକ ପ୍ରତିନିଧିମଣ୍ଡଳକୁ ନୂଆଦିଲ୍ଲୀ ଆସିବାକୁ ଦିଆଯାଇ ନାହିଁ। ଟ୍ରମ୍ପ ଭାରତ ଉପରେ ମୋଟ ୫୦ ପ୍ରତିଶତ ଶୁଳ୍କ ଲଗାଇଛନ୍ତି। ଏଥିରୁ ୨୫ ପ୍ରତିଶତ ପୂର୍ବରୁ କାର୍ଯ୍ୟକାରୀ ହୋଇଥିବାବେଳେ ଆଉ ୨୫ ପ୍ରତିଶତ ବୁଧବାରଠାରୁ ଲାଗୁ ହେବ। ରୁଷ୍‌ଠାରୁ ତୈଳ କିଣିବାକୁ ନେଇ ଟ୍ରମ୍ପ ଭାରତ ଉପରେ ଅତିରିକ୍ତ ୨୫ ପ୍ରତିଶତ ଶୁଳ୍କ ଲଗାଇଛନ୍ତି। ବିଶେଷଜ୍ଞଙ୍କ ମତାମତ ଆଧାରରେ ଖବରକାଗଜ ପକ୍ଷରୁ କୁହାଯାଇଛି ଯେ ଟ୍ରମ୍ପ ପ୍ରଥମେ ବାଣିଜ୍ୟ କ୍ଷତିକୁ ନେଇ ଏକ ଦେଶକୁ ଆକ୍ରମଣ କରନ୍ତି। ଏହା ପରେ ଉଚ୍ଚ ଶୁଳ୍କ ଧମକ ଦିଅନ୍ତି। ଏହାରି ଭୟରେ ଆଲୋଚନା ଆରମ୍ଭ ହୁଏ ଏବଂ ଶେଷରେ ସେ ଉଚ୍ଚ ଶୁଳ୍କ ଲାଗୁ କରି ଏବଂ କିଛି ରିହାତି ଦେଇ ନିଜକୁ ବିଜେତା ବୋଲି କୁହନ୍ତି। ଅନେକ ଦେଶ ସହିତ ଏଭଳି ଘଟିଛି। ଆମେରିକୀୟ ବଜାର ଉପରେ ନିଜ ସ୍ଥିତି କେତେ ମଜବୁତ ତାହା ଟ୍ରମ୍ପ ଦେଖାଇଦେବକୁ ଚାହୁଁଛନ୍ତି, କିନ୍ତୁ ଏଥର ମୋଦୀ ମୁଣ୍ଡ ନୁଆଁଇବାକୁ ମନା କରିଦେଇଛନ୍ତି।

# ଶତ୍ରୁକୁ ଚକ୍‌ମା ଦେବେ ଉଦୟଗିରି, ହିମଗିରି

ମୁମ୍ବଇ, ୨୬।୮ (ଏଜେନ୍ସି):



## ଖଞ୍ଜାଯାଇଛି ବାରାକ-୮, ବ୍ରହ୍ମୋସ କ୍ଷେପଣାସ୍ତ୍ର

## ଆଇଏନଏସରେ ସାମିଲ ହେଲେ ନୌସେନାର ଦୁଇ ଯୁଦ୍ଧ ଜାହାଜ

ଭାରତୀୟ ନୌସେନା ଇତିହାସ ସୃଷ୍ଟି କରିଛି। ପ୍ରଥମ ଥର ଦୁଇଟି ଭିନ୍ନ ଭିନ୍ନ ସିପୟାର୍ଡରେ ନିର୍ମିତ ଦୁଇଟି ଷ୍ଟିଲ୍‌ଥ ଯୁଦ୍ଧ ଜାହାଜ ଆଇଏନଏସ ଉଦୟଗିରି ଏବଂ ଆଇଏନଏସ ହିମଗିରି ଦିନକେ ନୌସେନାରେ ସାମିଲ ହୋଇଛି। ବିଶାଖାପାଟଣା ନୌସେନା ବେସ୍‌ରେ ମଙ୍ଗଳବାର ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏହାକୁ ନୌସନାକୁ ସମର୍ପିଛନ୍ତି। ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଏହି ଦୁଇଟି ଯୁଦ୍ଧ ଜାହାଜ ନୌସେନାର କ୍ଷମତାକୁ ଅଧିକ ବୃଦ୍ଧି କରିଛି। ଉଭୟ ଯୁଦ୍ଧଜାହାଜ ପ୍ରକଳ୍ପ-୧୭ଏର ଅଂଶବିଶେଷ। ଏହି ଅବସରରେ ରାଜନାଥ ଆମେରିକାର ଏଫ-୩୫ ବିମାନକୁ ଉପହାସ କରିଥିଲେ। ନୌସେନା ମୁଖ୍ୟ ଆଡମିରାଲ ଦିନେଶ କୁମାର ତ୍ରିପାଠୀ ଏହି କାର୍ଯ୍ୟକ୍ରମକୁ ସମ୍ବୋଧନ କରି ପାକିସ୍ତାନକୁ ଚେତାବନୀ ଦେଇଛନ୍ତି। ସେ କହିଛନ୍ତି ଯେ ଯଦି ଆବଶ୍ୟକ ପଡ଼େ ଭାରତୀୟ ନୌସେନା ଆଗ ପାକିସ୍ତାନରେ ଆକ୍ରମଣ କରିବ। ଅପରେସନ ସିନ୍ଦୂର ଆଗକୁ ମଧ ଜାରି ରହିବ। ଅନିଶ୍ଚିତତା ଏବଂ ପ୍ରତିଯୋଗିତାର ଏହି ଯୁଗରେ ସମୁଦ୍ରରେ ଶକ୍ତି ପ୍ରଦର୍ଶନ କରି ଭାରତୀୟ ନୌସେନା ଶତ୍ରୁମାନଙ୍କୁ ଦୃଢ଼ ଜବାବ ଦେବ। ଅପରେସନ ସିନ୍ଦୂର ସମୟରେ ଏହି କ୍ଷମତାକୁ ଭଲ ଭାବରେ ପ୍ରଦର୍ଶନ କରାଯାଇଥିଲା।

ପ୍ରତିରକ୍ଷା ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି ଯେ ଏଗୁଡ଼ିକୁ ସ୍ୱତନ୍ତ୍ର ଭାବେ ଡିଜାଇନ୍ କରାଯାଇଛି। ଶତ୍ରୁର ରାଡାର, ଇନଫ୍ରାରେଡ୍ ଏବଂ ଶବ୍ଦ ସେନ୍‌ସର ଏହି ଯୁଦ୍ଧ ଜାହାଜକୁ ଧରିପାରିବ ନାହିଁ। ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ଏହି ଯୁଦ୍ଧଜାହାଜକୁ ନିୟୋଜିତ କରାଯିବ। ଉକ୍ତ ଅଞ୍ଚଳରେ ବାୟୁସେନାର ପର୍ଯ୍ୟବେକ୍ଷଣ କ୍ଷମତା ବୃଦ୍ଧି ପାଇବ। ଉଭୟ ଯୁଦ୍ଧଜାହାଜରେ ବ୍ରହ୍ମୋସ୍ ସୁପରସୋନିକ୍ କ୍ଷେପଣାସ୍ତ୍ର ଏବଂ ଭାରତ-ଇସ୍ରାଏଲ ଦ୍ୱାରା ନିର୍ମିତ ବାରାକ-୮ ଦୀର୍ଘ ଦୁରଗାମୀ ବାୟୁ କ୍ଷେପଣାସ୍ତ୍ର ପ୍ରଣାଳୀ (ଏଲଆରଏସଏଏମ) ଖଞ୍ଜା ଯାଇଛି। ଏଥିରେ ସମୁଦ୍ର ଯୁଦ୍ଧରେ ୭୬ ଏମଏମର ନୌସେନା ବନ୍ଧୁକ ଏବଂ ପାଣି ତଳେ ଚାଲୁଥିବା ଟର୍ପିଡୋ ବିସ୍ଫୋରକ ଅସ୍ତ୍ର ମଧ ଲାଗିଛି।

କୋଲକାତାର ଗାର୍ଡେନ୍ ରିଚ୍ ସିପିବିଲ୍ଡର୍ସ ଆଣ୍ଡ ଇଞ୍ଜିନିୟର୍ସ (ଜିଆରଏସଇ) ଆଇଏନଏସ ହିମଗିରୀକୁ ନିର୍ମାଣ କରିଛି। ପୁରୁଣା ଆଇଏନଏସ ହିମଗିରିର ନାମରେ ଏହାକୁ ନାମିତ କରାଯାଇଛି। ସେହିପରି ମୁମ୍ବଇର ମଝଗାଁଓ ଡକ୍ ସିପ୍‌ବିଲ୍ଡର୍ସ ଲିମିଟେଡ୍ ଆଇଏନଏସ ଉଦୟଗିରୀକୁ ନିର୍ମାଣ କରିଛି। ଆନ୍ଧ୍ରପ୍ରଦେଶର ଉଦୟଗିରି ପର୍ବତମାଳା ନାମରେ ଏହାର ନାମ ରଖାଯାଇଛି। ମାତ୍ର ୩୭ ମାସରେ ଏହାର ନିର୍ମାଣ କରାଯାଇଛି। ଆଇଏନଏସ ହିମଗିରିର ଓଜନ ୬,୬୭୦ ଟନ୍ ଏବଂ ଲମ୍ବ ୧୪୯ ମିଟର। ଏହା ଦୀର୍ଘ ଦିନ ପର୍ଯ୍ୟନ୍ତ ଅଭିଯାନରେ ଭାଗ ନେଇପାରିବ। ଏଥିରେ କ୍ଲୋଜ-ଇନ ୱିପନ ସିଷ୍ଟମ, ଟର୍‌ପିଡୋ ଟ୍ୟୁବ୍ସ, ଆଣ୍ଟି-ସବମେରାଇନ ରକେଟ୍ ଲଞ୍ଚର, ଆଡଭାନ୍ସ ଇଲେକ୍‌ଟ୍ରୋନକି ୱାରଫେୟାର ସିଷ୍ଟମ ରହିଛି।

## ଆଜିର ରାଶିଫଳ

**ମେଷ:** ଦିନଟି ଭଲରେ କଟିବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଆର୍ଥିକ ସ୍ଥିତି ଭଲ ରହିବ। ବନ୍ଧୁଙ୍କ ସହାୟତା ମିଳିବ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ। ନକାରାତ୍ମକ ଚିନ୍ତା ଦୂର ହେବ।

**ବୃଷ:** ଯାତ୍ରା ଯୋଗ ଅଛି। ଜୀବନସାଥୀଙ୍କ ସହ ସୁଖମୟ ସମୟ ଅତିବାହିତ କରିବେ। ନିବେଶରୁ ଦୂରେଇ ରୁହନ୍ତୁ। କୌଣସି ଶୁଭ ଖବର ମିଳିବ। ଛାତ୍ରଛାତ୍ରୀ ମନପସନ୍ଦ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**ମିଥୁନ:** ଯାନବାହନ କିଣିବେ। ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ପରୋପକାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ। ଘରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ।

**କର୍କଟ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। କୌଣସି କାର୍ଯ୍ୟରେ ସମସ୍ୟା ଦେଖା ଦେବ। ଅଯଥା ଖର୍ଚ୍ଚ ବୃଦ୍ଧି ପାଇବ। ବିବାହରେ ସମସ୍ୟା ଆସିବ। ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ସିଂହ:** ବ୍ୟବସାୟରେ ଆଶାଜନକ ପରିଣାମ ମିଳିବ ନାହିଁ। ଜୀବନସାଥୀଙ୍କ ସହଯୋଗ ମିଳିବ। ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କନ୍ୟା:** ଚାକିରିକୁ ନେଇ କୌଣସି ସମସ୍ୟା ଦେଖା ଦେବ। ପାରିବାରିକ ଜୀବନ ସୁଖମୟ ହେବ। ଘରେ ପୂଜାପାଠ ଆୟୋଜନ କରିବେ। ଅଟକିଥିବା କାର୍ଯ୍ୟ ପୂରା ହେବ। ଆୟର ନୂଆ ଅବସର ପ୍ରାପ୍ତ ହେବ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଆର୍ଥିକ ସ୍ଥିତି ମଜଭୁତ୍ ହେବ। ବିବାହ ପ୍ରସ୍ତାବ ଆସିବ। ରାଜନୀତିରେ ସଫଳତା ମିଳିବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ।

**ବିଛା:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ବୈବାହିକ ଜୀବନ ସୁଖଶାନ୍ତିରେ କଟିବ। ବିଦ୍ୟାର୍ଥୀ ପଢ଼ାରେ ମନୋନିବେଶ କରିବେ।

**ଧନୁ:** ପରିବାର ଲୋକଙ୍କ ସହଯୋଗ ମିଳିବ। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଆୟ ତୁଳନାରେ ବ୍ୟୟ ଅଧିକ ହେବ। କଥାରେ ମଧୁରତା ରକ୍ଷା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ। ବ୍ୟବସାୟରେ ଲାଭ ମିଳିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ହେବ। ପୈତୃକ ସମ୍ପତ୍ତିକୁ ଲାଭ ମିଳିବ। ପ୍ରେମ ସମ୍ବନ୍ଧ ସୁଖମୟ ହେବ।

**କୁମ୍ଭ:** ବ୍ୟବସାୟକୁ ନେଇ ଦୂରସ୍ଥାନକୁ ଯାତ୍ରା କରିବେ। ନିବେଶରୁ ଦୂରେଇ ରୁହନ୍ତୁ। ଘରେ ପୂଜାପାଠ ଆୟୋଜନ ହେବ। ବିବାହ ସମସ୍ୟା ସମାଧାନ ହେବ। ଯାନବାହନ କ୍ରୟର ଯୋଗ ଅଛି।

**ମୀନ:** ଚାକିରିରେ ବନ୍ଧୁଙ୍କ ସହାୟତା ମିଳିବ। ଅଫିସ୍‌ରେ ସହକର୍ମୀଙ୍କ ସହ ମତାନ୍ତର ଦେଖା ଦେବ। ନୂଆ କାର୍ଯ୍ୟ ଆରମ୍ଭ କରିବାର ଉତ୍ତମ ସମୟ। ସ୍ୱାମୀ-ସ୍ତ୍ରୀ ମଧ୍ୟରେ ଉତ୍ତମ ବୁଝାମଣା ରହିବ।

## ଆଜିର ଐତିହ୍ୟ

- ୧୮୭୦ : ଭାରତର ପ୍ରଥମ ଶ୍ରମିକ ସଂଗଠନ ଭାବେ ଶ୍ରମଜୀବୀ ସଂଘର ସ୍ଥାପନା।
- ୧୯୫୦ : ଟେଲିଭିଜନ ଇତିହାସରେ ପ୍ରଥମଥର ପାଇଁ ବିବିସି ସିଧା ପ୍ରସାରଣ କଲା।
- ୧୯୯୦ : ୱାଶିଂଟନସ୍ଥିତ ଇରାକୀ ଦୂତାବାସର ୩୬ କର୍ମଚାରୀଙ୍କୁ ଆମେରିକା ବାହାର କରଥିଲା।
- ୨୦୦୩ : ୬୦ ହଜାର ବର୍ଷ ପରେ ମଙ୍ଗଳ ଗ୍ରହ ପୃଥିବୀର ସବୁଠୁ ନିକଟତର ହୋଇଥିଲା।

## ଗଣଦେବତା ଶ୍ରୀଗଣେଶ



ଭାରତୀୟ ସଂସ୍କୃତିରେ ବିଘ୍ନରାଜ ବିନାୟକ ସର୍ବ ପୂଜ୍ୟ ଗଣ ଦେବତାର ଆସନ ଅଳଙ୍କୃତ କରି ଶ୍ରୀଗଣେଶ ନାମରେ ଖ୍ୟାତ ହୋଇଛନ୍ତି। ଭାରତୀୟ ଧର୍ମ ଧାରାରେ ବୈଦିକ କାଳରୁ ଶ୍ରୀଗଣପତିଙ୍କ ଉପାସନାର ଉନ୍ମେଷ ଘଟିଥିବା ଜଣାଯାଏ। ବୈଦିକ ମନ୍ତ୍ରରେ ଗଣପତିଙ୍କୁ ସର୍ବ ସିଦ୍ଧଦାତା, ସର୍ବ ମଙ୍ଗଳମୟ ରୂପେ ଅଭିହିତ କରାଯାଇଛି। ସେ ବୈଦିକ ଦେବତା ଅଗ୍ରପୂଜ୍ୟ ବିଘ୍ନ ବିନାଶକାରୀ ବିନାୟକ। ସେ ବକ୍ରତୁଣ୍ଡ ଓ ସର୍ବ କାର୍ଯ୍ୟ ସିଦ୍ଧିଦାତା ଗଣେଶ ଭାବରେ ଆରାଧିତ ହୋଇ ଆସୁଛନ୍ତି। ଆଦି ଦେବତା ଭାବେ ପ୍ରତ୍ୟେକ ଶୁଭ କାର୍ଯ୍ୟ, ପୂଜା, ଲେଖାପଢ଼ା ଓ ଧାର୍ମିକ କ୍ରିୟା ଆରମ୍ଭରେ ତାଙ୍କର ଆବାହନ କରାଯାଏ। ଗଜାନନଙ୍କୁ ପଞ୍ଚଦେବତାମାନଙ୍କ ମଧ୍ୟରୁ ଜଣେ ବୋଲି କୁହାଯାଏ। ହିନ୍ଦୁ ଧର୍ମରେ ବିବାହ ହେଉ କି ବ୍ରତ ଘର କି ଘର ପ୍ରତିଷ୍ଠା ସର୍ବପ୍ରଥମେ ଶ୍ରୀଗଣେଶଙ୍କୁ ପୂଜା କରାଯିବା ବିଧି ରହିଛି। ଭାଦ୍ରବ ଶୁକ୍ଳପକ୍ଷ ଚତୁର୍ଥୀ ତିଥିରେ ପାଳନ କରାଯାଏ ବିଦ୍ୟାର ଦେବତା ଆଦିଦେବ, ଅଗ୍ରପୂଜ୍ୟ ପ୍ରଭୁ ଶ୍ରୀଗଣେଶଙ୍କ ପୂଜା। ଗଣେଶ ପୂଜା ସର୍ବଭାରତୀୟ ପୂଜା ଭାବରେ ପ୍ରସିଦ୍ଧି ଲାଭ କରି ଆସିଛି। ଶ୍ରୀଗଣେଶ ବିଦ୍ୟାଦାତା ଓ ସିଦ୍ଧି ଦାତା ଭାବେ ବିଦ୍ୟାର୍ଥୀମାନଙ୍କ ଦ୍ୱାରା ପୂଜିତ ହୋଇଥାନ୍ତି। ଖାସ୍ ସେଥିପାଇଁ ଶିକ୍ଷାନୁଷ୍ଠାନମାନଙ୍କରେ ଶ୍ରୀଗଣେଶଙ୍କ ପୂଜାର୍ଚ୍ଚନା ମହାଆଡ଼ମ୍ବରରେ ପାଳନ କରାଯାଏ। ସମସ୍ତ ପ୍ରକାର ଫଳ, ଚୁଡା ଘଷା, ବେସନ ସେଉ, ବୁନ୍ଦି ଗଣେଶଙ୍କୁ ଭୋଗ ରୂପେ ଅର୍ପଣ କରାଗଲେ ବି ମୋଦକ ଓ ରାଶିଲଡୁ ତାଙ୍କର ପ୍ରିୟ ଭୋଗ। ମହାରାଷ୍ଟ୍ରରେ ଏହା ଏକ ଗଣପର୍ବ ହୋଇଥିବାବେଳେ ଓଡିଶାର ଖୋର୍ଦ୍ଧା ଜିଲ୍ଲା ଜଟଣୀରେ ଗଣେଶ ପୂଜା ପ୍ରସିଦ୍ଧ। ଶିବ ପୁରାଣ ଅନୁଯାୟୀ, ଦେବୀ ପାର୍ବତୀ ନିଜଦେହରୁ ନିର୍ଗତ ମଇଳାରୁ ଏକ ମୂର୍ତ୍ତି ଗଠନ କଲେ ଏବଂ ତାକୁ ଜୀବଦାନ ଦେଲେ। ପାର୍ବତୀ ତାଙ୍କୁ ଦ୍ୱାର ଜଗାଇ ଭିତରକୁ କାହାକୁ ପ୍ରବେଶ ନ କରେଇବା ପାଇଁ ଆଦେଶ ଦେଇ ସ୍ନାନ କରିବାକୁ ଗଲେ। ଠିକ୍ ସେହି ସମୟରେ ମହାଦେବ ସେଠାକୁ ଆସି ଭିତରକୁ ପ୍ରବେଶ କରିବାରୁ ବାଳକ ଗଣେଶ ନିଜ ପିତାଙ୍କୁ ଚିହ୍ନି ନ ପାରି ବାଟ ଛାଡ଼ିଲେ ନାହିଁ। ମହାଦେବ ବୁଝାଇବାକୁ ଚେଷ୍ଟା କରି ବିଫଳ ହେବା ପରେ କ୍ରୋଧ ଜର୍ଜରିତ ହୋଇ ଗଣେଶଙ୍କ ଶିରଚ୍ଛେଦନ କଲେ। ପରେ ପାର୍ବତୀଙ୍କ ନିକଟରୁ ଶ୍ରୀଗଣେଶଙ୍କ ପରିଚୟ ପାଇ ଫେରି ଆସି ଦେଖିଲା ବେଳକୁ ମୁଣ୍ଡହୀନ ଗଣ୍ଡିଟି ପଡ଼ିଛି। ଏହା ଦେଖି ମାତା ପାର୍ବତୀ ଅଧୀର ହୋଇ ପଡ଼ିଥିଲେ। ପାର୍ବତୀ ଉତ୍ତେଜିତ ହୋଇ ଉଗ୍ରରୂପ ଧାରଣ କରିଥିଲେ। ସୃଷ୍ଟିକୁ ଧ୍ୱଂସ କରି ଦେବାକୁ କହିଥିଲେ। ପାର୍ବତୀଙ୍କୁ ସୃଷ୍ଟି କର୍ତ୍ତା ବ୍ରହ୍ମା ବୁଝାଇବାକୁ ଚେଷ୍ଟା କରିଥିଲେ। ତାଙ୍କ ସମ୍ମୁଖରେ ପାର୍ବତୀ ଦୁଇଟି ସର୍ତ୍ତ ରଖିଥିଲେ। ପ୍ରଥମେ ଗଣେଶଙ୍କୁ ଜୀବ ଦାନ ଦିଆଯିବ ଅନ୍ୟଟି ସେ ଅଗ୍ରପୂଜ୍ୟ ହେବେ। ଏଥିରେ ବ୍ରହ୍ମା ରାଜି ହୋଇଥିଲେ। ଅପରପକ୍ଷରେ ଶିବ ଗଣେଶଙ୍କୁ ଜୀବଦାନ ଦେବା ପାଇଁ ତାଙ୍କ ଅନୁଚରଙ୍କୁ ପଠାଇ ଯେଉଁ ପ୍ରାଣୀକୁ ପ୍ରଥମେ ଦେଖିବ ଯିଏକି ଉତ୍ତର ଦିଗକୁ ମୁଣ୍ଡ ଦେଇ ଶୋଇଥିବ ତା'ର ଶିର ଛେଦନ କରି ନେଇ ଆସିବ ବୋଲି କହିଥିଲେ। ଶିବଦୂତ ଏକ ହାତୀ ମୁଣ୍ଡ ଆଣି ଆସିଥିଲେ। ବିଘ୍ନେଶଙ୍କ ମୁଣ୍ଡରେ ହାତୀ ମୁଣ୍ଡଟିକୁ ଲଗାଇ ତାଙ୍କୁ ଜୀବନ୍ୟାସ ପ୍ରଦାନ କରାଯାଇଥିଲା। ଏହାପରେ ସେ ଗଜାନନ ନାମରେ ନାମିତ ହୋଇଥିଲେ ଓ ଅଗ୍ରପୂଜ୍ୟ ଭାବେ ପୂଜା ପାଇଥିଲେ। ପୌରାଣିକ ମତେ, ଗଣେଶ ବ୍ୟାସୋକ୍ତ ମହାଭାରତର ଲେଖକ। ଭାଦ୍ରବ ମାସ ଶୁକ୍ଳ ପକ୍ଷ ଚତୁର୍ଥୀ ଦିନ ପିଲା ଖଡ଼ି ଧରିବା (ଅକ୍ଷର ଲେଖା ଶିଖିବା) ଆରମ୍ଭ କରନ୍ତି। ସମୂହ ଖଡ଼ି ଛୁଆଁ କାର୍ଯ୍ୟକ୍ରମ ବିଭିନ୍ନ ମନ୍ଦିର ଓ ପୂଜାମଣ୍ଡପମାନଙ୍କରେ ଆୟୋଜିତ ହୁଏ। ଭକ୍ତି ସହକାରେ ଶ୍ରୀଗଣେଶଙ୍କ ପୂଜାର୍ଚ୍ଚନା କଲେ ମାନବର ସମସ୍ତ ଆଶା ଆକାଂକ୍ଷା ପ୍ରଭୁଙ୍କ ଦ୍ୱାରା ପୂର୍ଣ୍ଣ ହୋଇଥାଏ ବୋଲି ଭାରତୀୟ ଜନମାନସରେ ବିଶ୍ୱାସ ରହିଛି।

## 'ସନି ସଂସ୍କାରୀ କୀ ତୁଲସୀ କୁମାରୀ'ର ସୁଟିଂ ଶେଷ



ବଲିଉଡ୍ ଅଭିନେତା ବରୁଣ ଧୱନ୍‌ଙ୍କ ଫିଲ୍ମ 'ସନି ସଂସ୍କାରୀ କୀ ତୁଲସୀ କୁମାରୀ'ର ସୁଟିଂ ଇତିମଧ୍ୟରେ ଶେଷ ହୋଇଛି। ବରୁଣ ନିଜେ ଏସମ୍ପର୍କରେ ଇନ୍‌ଷ୍ଟାଗ୍ରାମ୍‌ରେ ଏକ ପୋଷ୍ଟ ସେୟାର୍ କରି ସୂଚନା ଦେଇଛନ୍ତି। ବରୁଣ ଏହି ପୋଷ୍ଟରେ ଲେଖିଛନ୍ତି- 'ସନି ସଂସ୍କାରୀ କୀ ତୁଲସୀ କୁମାରୀ'ର ସୁଟିଂ ସରିଲା। ମୁଁ ପୁଣି ଥରେ ଶଶାଙ୍କ ଖୈତାନଙ୍କ ନିର୍ଦ୍ଦେଶନାରେ ଅକ୍ଟୋବର ୨ରେ ପରଦାକୁ ଫେରୁଛି।' ସେ ଏହା ସହ ଫିଲ୍ମର ଫଟୋ ମଧ୍ୟ ସେୟାର୍ କରିଛନ୍ତି। ତେବେ ଶଶାଙ୍କଙ୍କ ସହ ଏହା ବରୁଣଙ୍କ ତୃତୀୟ ଫିଲ୍ମ। ଏହାପୂର୍ବରୁ ଶଶାଙ୍କଙ୍କ ସହ ବରୁଣ 'ହମ୍‌ଟି ଶର୍ମା କି ଦୁଲହନିୟା' ଓ 'ବଦ୍ରୀନାଥ କି ଦୁଲହନିୟା'ରେ କାମ କରିଥିଲେ। ଏହି ଦୁଇଟି ଫିଲ୍ମରେ ବରୁଣଙ୍କ ବିପକ୍ଷରେ ଆଲିଆ ଭଟ୍ଟ ଦେଖାଯାଇଥିଲେ। 'ସନି ସଂସ୍କାରୀ କୀ ତୁଲସୀ କୁମାରୀ'ରେ କିନ୍ତୁ ବରୁଣଙ୍କ ବିପକ୍ଷରେ ଜାହ୍ନବୀ କପୁର ଦେଖାଯିବେ। ଫିଲ୍ମର ରିଲିଜ୍ ଡେଟ୍ ଏହାପୂର୍ବରୁ ଅନେକ ଥର ପରିବର୍ତ୍ତନ କରାଯାଇଛି। ଏବେ ଏହା ଅକ୍ଟୋବର ୨ରେ ରିଲିଜ୍ ହେବ ବୋଲି ଫାଇନାଲ ହୋଇଛି। ଏଥିରେ ବରୁଣ ଓ ଜାହ୍ନବୀଙ୍କ ସହ ଅକ୍ଷୟ ଓବରୟ, ସାନ୍ୟା ମଲହୋତ୍ରା, ମନୀଷ ପଲ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖାଯିବେ। ଏହାର ପ୍ରଯୋଜନା ଦାୟିତ୍ୱରେ ଧର୍ମା ପ୍ରଡକ୍ସନ୍ ରହିଛି।

## ଅପରାଧ ରୋକିବ ହୋଲୋଗ୍ରାଫିକ୍ ପୁଲିସ୍



ଦକ୍ଷିଣ କୋରିଆ ରାଜଧାନୀ ସିଓଲ ସହରର ସ୍ଥାନେ ସ୍ଥାନେ ଏବେ ହୋଲେଗ୍ରାଫିକ୍ ପୁଲିସ୍ ମୁତୟନ କରାଯାଇଛି। ଲୋକଙ୍କ ସୁରକ୍ଷାକୁ ଆଖି ଆଗରେ ରଖି ଏହି ହାଇଟେକ୍ ପୁଲିସ୍‌କୁ ନିୟୋଜିତ କରାଯାଇଛି। ତେବେ ସ୍ଥାନୀୟ ପୁଲିସ୍ ଏହାକୁ ନେଇ ବେଶ୍ ଆଶାୟୀ ଥିବାବେଳେ ସାଧାରଣ ଲୋକେ କିନ୍ତୁ ଏଥିରେ ଖୁସି ନାହାନ୍ତି। ପ୍ରତିଦିନ ସନ୍ଧ୍ୟା ୭ଟାରୁ ୧୦ଟା ମଧ୍ୟରେ ଜଙ୍ଗ-ଗୁ, ଜୁଡୋଙ୍ଗ ନଂ୩ ପାର୍କରେ ୧୭୦ ସେଣ୍ଟିମିଟର ଉଚ୍ଚତା ବିଶିଷ୍ଟ ହୋଲୋଗ୍ରାଫିକ୍ ପୁଲିସ୍ କର୍ମୀଙ୍କୁ ଦେଖିବାକୁ ମିଳିଥାଏ। ପ୍ରୋଜେକ୍ଟର ମାଧ୍ୟମରେ ଏହି ଛାୟାକୃତି ପୁଲିସ୍ ଅଫିସର୍‌କୁ ଦେଖିବାକୁ ମିଳୁଛି। ସିସିଟିଭି ଅପରାଧୀମାନଙ୍କ ଉପରେ ତୀକ୍ଷ୍ଣ ନଜର ରଖିଛି ଓ ଜରୁରିକାଳୀନ ସ୍ଥିତିରେ ପୁଲିସ୍ ତୁରନ୍ତ ଲୋକଙ୍କୁ ସାହାଯ୍ୟ କରିବ ବୋଲି ଏହି ହୋଲୋଗ୍ରାଫିକ୍ ପୁଲିସ୍ ଲୋକଙ୍କୁ ମନେ ପକାଇ ଦେଉଛି। ହୋଲୋଗ୍ରାମିକା ନାମକ କମ୍ପାନି ଏହାକୁ ତିଆରି କରିଛି। ଗତବର୍ଷ ଅକ୍ଟୋବର ମାସରେ ଏହାକୁ ପରୀକ୍ଷାମୂଳକ ଭାବେ ଲଗାଯାଇଥିଲା। ତେବେ ଜୁଡୋଙ୍ଗ ନଂ ୩ ପାର୍କରେ ଏହା ଲଗାଯିବା ପରେ ସେଠାରେ ଅପରାଧ ଘଟଣା କମ୍ ହୋଇଥିବା ଦେଖାଯାଇଛି। ଯଦିଓ ଏହାକୁ ନେଇ ସ୍ଥାନୀୟ ପୁଲିସ୍ ଖୁସି ଅଛି କିନ୍ତୁ ସାଧାରଣ ଲୋକେ ଏହାକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଲୋକଙ୍କ କହିବା ଅନୁସାରେ, ଏଭଳି ପୁଲିସ୍‌କୁ ଦେଖି ଲୋକେ ଭୂତପ୍ରେତ ମନେକରି ଯାଉ ନାହାନ୍ତି।

# ଖେଳ

### ୟୁଏସ୍ ଓପନ ଗ୍ରାଣ୍ଡସ୍ଲାମ୍ ଟେନିସ

# କାର୍ଲୋସ୍ ଆଲକାରାଜଙ୍କ ବିଜୟ ଅଭିଯାନ

ନ୍ୟୁୟର୍କ,୨୬।୮ (ଏଜେନ୍ସି)


ପୁରୁଷ ଟେନିସ ଜଗତର ନୂଆ ସୁପରଷ୍ଟାର ସ୍ପେନ୍‌ର କାର୍ଲୋସ ଆଲକାରାଜ ନୂଆ ହେୟାରକଟ୍‌ରେ ୟୁଏସ୍ ଓପନର ପ୍ରଥମ ରାଉଣ୍ଡ ମ୍ୟାଚ୍‌ରେ ବିଜୟୀ ହୋଇଛନ୍ତି। ଖେଳ ଅପେକ୍ଷା ଦର୍ଶକ ଓ ସମର୍ଥକ ମାନେ ତାଙ୍କ ହେୟାରକଟ୍‌କୁ ଅଧିକ ପ୍ରଶଂସା କରୁଥିବା ଦେଖାଯାଇଥିଲା। ସୋମବାର ଅନୁଷ୍ଠିତ ପ୍ରଥମ ରାଉଣ୍ଡ ମୁକାବିଲାରେ ସେ ଆମେରିକାର ରିଲି ଓପେଲକାଙ୍କୁ ପରାସ୍ତ କରି ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଏହି ମ୍ୟାଚ୍ ଜିତିବାକୁ ତାଙ୍କୁ କିଛିଟା ସଂଘର୍ଷ କରିବାକୁ ପଡ଼ିଥିଲା। ସେ କିନ୍ତୁ୧୭ଟି ଅନ୍‌ଫୋର୍ସଡ ତ୍ରୁଟି କରି ୬-୪, ୭-୫, ୬-୪ ସିଧାସଳଖ ସେଟ୍‌ରେ ବିଜୟୀ ହୋଇଥିଲେ। ଦ୍ୱିତୀୟ ରାଉଣ୍ଡରେ ତାଙ୍କର ମୁକାବିଲା ହେବ ଇଟାଲୀର ୨୪ ବର୍ଷୀୟ ମାଟିଓ ବେଲୁଚିଙ୍କ ସହ। ବେଲୁଚି ପ୍ରଥମ ରାଉଣ୍ଡରେ ଚୀନ୍‌ର ଜାନଚେନ୍ ସାଙ୍ଗ୍‌ଙ୍କୁ ୭-୬, ୧-୬, ୬-୦, ୬-୩ ସେଟ୍‌ରେ ହରାଇ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଥିଲେ। ଦ୍ୱିତୀୟ ଦିନ ମଧ୍ୟ ସିଡେଡ ଖେଳାଳିଙ୍କ ବିଜୟ ଅଭିଯାନ ଅବ୍ୟାହତ ରହିଛି। ଏମାନଙ୍କ ମଧ୍ୟରେ ୯ମ ସିଡ୍ କାରେନ ଖାଚାନୋଭ୍, ୧୧ଶ ସିଡ୍ ହୋଲଗର ର୍ୟୁନ୍, ୧୨ଶ ସିଡ୍ କାସ୍‌ପର ରୁଡ୍, ୧୫ଶ ସିଡ ଆନ୍ଦ୍ରେ ରୁବ୍‌ଲେଭ୍ ପ୍ରମୁଖ ବିଜୟୀ ହୋଇ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।

### ■ ହାରିଲେ ମାଡିସନ କିଜ୍

ମହିଳା ଏକକରେ ପୂର୍ବତନ ଗ୍ରାଣ୍ଡସ୍ଲାମ୍ ଚାମ୍ପିଅନ ଆମେରିକାର ମାଡିସନ କିଜ୍ ପ୍ରଥମ ରାଉଣ୍ଡରେ ବିଦାୟ ନେଇଛନ୍ତି। ସୋମବାର ଖେଳାଯାଇଥିବା ମୁକାବିଲାରେ ସେ ମେକ୍ସିକୋର ରେନାଟା ଜାରୁଜୁଆଙ୍କଠାରୁ ୧-୨ ସେଟ୍‌ରେ ପରାଜିତ ହୋଇଥିଲେ। ସେହିପରି ଦ୍ୱାଦଶ ସିଡ୍ ଏଲିନା ଭିଟୋଲିନା ମଧ୍ୟ ପ୍ରଥମ ରାଉଣ୍ଡରୁ ବିଦାୟ ନେଇଛନ୍ତି। ଏମାନଙ୍କ ବ୍ୟତୀତ ଅନ୍ୟ ସିଡେଡ ଖେଳାଳି ପ୍ରଥମ ରାଉଣ୍ଡରେ ବିଜୟୀ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୫ମ ସିଡ୍ ମୀରା ଆନ୍ଦ୍ରିଭା, ୯ମ ସିଡ ଏଲେନା ରିବାକିନା, ୧୧ଶ ସିଡ୍ କାରୋଲିନା ମୁଚୋଭା, ୧୫ତମ ସିଡ୍ ଡାରିଆ କାସତକିନା, ୧୯ତମ ସିଡ୍ ଏଲିସେ ମେର୍ଟେନ୍ସ ଓ୨୮ତମ ସିଡ୍ ମାଗଡାଲେନା ଫ୍ରେଚ୍ ପ୍ରମୁଖ ବିଜୟ ହାସଲ କରିଛନ୍ତି।

### ■ ୪୫ ବର୍ଷରେ ଖେଳିଲେ ଭେନସ

୨୦୧୧ରେ ଗୁରୁତର ଅସୁସ୍ଥତା ପରେ ଭେନସ ୱିଲିୟମ୍ସଙ୍କ ପ୍ରତିଯୋଗିତାମୂଳକ ଟେନିସ ଖେଳିବା ଏକ ପ୍ରକାର ସ୍ୱପ୍ନ ହୋଇଯାଇଥିଲା। କିନ୍ତୁ ସେ ଗତ ଜୁଲାଇରେ ପ୍ରତିଯୋଗିତାମୂଳକ ଟେନିସ ଖେଳି ସମସ୍ତଙ୍କ ଅନୁମାନକୁ ଭୁଲ ପ୍ରମାଣିତ କରିଦେଇଥିଲେ। ଏହା ମଧ୍ୟରେ ଅସୁସ୍ଥତାକୁ ପଛରେ ପକାଇ ଭେନସ ପୁଣିଥରେ ଟେନିସ କୋର୍ଟକୁ ଫେରିଥିଲେ। ୭ଥରର ଗ୍ରାଣ୍ଡସ୍ଲାମ୍ ଚାମ୍ପିଅନ ଭେନସ ଫିଟ୍ ହେବା ପରେ ପ୍ରଥମଥର ଏପରି ଏକ ବଡ଼ ଟୁର୍ଣ୍ଣାମେଣ୍ଟରେ ଖେଳିଥିଲେ। ଅନ୍ୟତମ ଶ୍ରେଷ୍ଠ ଖେଳାଳି ତଥା ୧୧ଶ ସିଡ ଚେକ୍ ଗଣରାଜ୍ୟର କାରୋଲିନା ମୁଚୋଭାଙ୍କଠାରୁ ଲଢ଼େଇ କରି ହାରିଥିଲେ। ମୁଚୋଭା ଏହି ମ୍ୟାଚ୍‌କୁ ୬-୩, ୨-୬, ୬-୧ରେ ଜିତିଥିଲେ ମଧ୍ୟ ଭେନସଙ୍କ ନିକଟରେ ଏବେ ବି ଟପ୍ କ୍ଲାସ୍ ଟେନିସ ଖେଳିବାର ଶକ୍ତିଥିବା କଥା ପ୍ରମାଣିତ କରିଥିଲେ।



### ସହଜରେ ଜିତିଲେ ସ୍ୱିଆଟେକ, ମୁସେଟୀ

ମହିଳା ବିଭାଗରେ ଦ୍ୱିତୀୟ ସିଡ୍ ଇଗା ସ୍ୱିଆଟେକ ୟୁଏସ୍ ଓପନ ମହିଳା ଏକକ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ମଙ୍ଗଳବାର ଖେଳାଯାଇଥିବା ପ୍ରଥମ ରାଉଣ୍ଡ ମୁକାବିଲାରେ ୬ଥରର ଗ୍ରାଣ୍ଡସ୍ଲାମ୍ ଚାମ୍ପିଅନ ସ୍ୱିଆଟେକ୍ ୬-୧, ୬-୨ ସିଧାସଳଖ ସେଟ୍‌ରେ କଲମ୍ବିଆର ଏମିଲିଆନୋ ଆରାଙ୍ଗୋଙ୍କୁ ପରାସ୍ତ କରିଥିଲେ। ପୋଲାଣ୍ଡର ଏହି ଚାମ୍ପିଅନ ଖେଳାଳି ଦ୍ୱିତୀୟ ରାଉଣ୍ଡରେ ନେଦରଲାଣ୍ଡସର ସୁଜାନା ଲାମେନ୍ସଙ୍କୁ ଭେଟିବେ। ମହିଳା ଏକକର ଅନ୍ୟ ମୁକାବିଲାରେ ବ୍ରାଜିଲର ବିଏଟ୍ରିଜ୍ ହାଦାଦ ମାୟା ଲଢୁଆ ଖେଳ ପ୍ରଦର୍ଶନ କରି ୬-୩, ୧-୬, ୬-୧ ସେଟ୍‌ରେ ବ୍ରିଟେନର ସୋନୟ କର୍ତାଲଙ୍କୁ ହରାଇ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଅନ୍ୟ ଏକ ମ୍ୟାଚ୍‌ରେ ୨୭ ନମ୍ବର ସିଡ୍ ୟୁକ୍ରେନ୍‌ର ମାର୍ତ୍ତା କୋଷ୍ଟ୍ୟୁକ୍ ୬-୪, ୬-୪ ସିଧାସଳଖ ସେଟ୍‌ରେ ବ୍ରିଟେନର କାଟି ବୋଲଟରଙ୍କୁ ହରାଇ ଦ୍ୱିତୀୟ ରାଉଣ୍ଡକୁ ଉନ୍ନୀତ ହୋଇଛନ୍ତି। ମଙ୍ଗଳବାର ଖେଳାଯାଇଥିବା ପୁରୁଷ ଏକକ ମୁକାବିଲାରେ ଇଟାଲୀର ଯୁବ ଖେଳାଳି ତଥା ୧୦ମ ସିଡ୍ ୨୪ ବର୍ଷୀୟ ଲୋରେଞ୍ଜୋ ମୁସେଟୀ ୩-୧ (୬-୭, ୬-୩, ୬-୪, ୬-୪)ସେଟ୍‌ରେ ଫ୍ରାନ୍ସର ଗିଓଭାନି ପେଟଶୀ ପେରୀକାର୍ଡଙ୍କୁ ପରାସ୍ତ କରି ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।

## ଗୋଆରେ ଚେସ୍ ବିଶ୍ୱକପ୍

ନୂଆଦିଲ୍ଲୀ,୨୬।୮ (ଏଜେନ୍ସି): ଫିଡେ ବା ପୁରୁଷ ଚେସ୍ ବିଶ୍ୱକପ୍ ଭାରତର ଗୋଆରେ ଅକ୍ଟୋବର ୩୧ରୁ ନଭେମ୍ବର ୨୭ ଯାଏ ଅନୁଷ୍ଠିତ ହେବ। ନକ୍‌ଆଉଟ ଭିତ୍ତିରେ ଖେଳାଯିବାକୁ ଥିବା ଏହି ପ୍ରତିଯୋଗିତାରେ ସମଗ୍ର ବିଶ୍ୱରୁ ୨୦୬ ଜଣ ଖେଳାଳି ଅଂଶଗ୍ରହଣ କରିବେ। ଏଥିରେ ମୋଟ ୧୭.୫ କୋଟି ଟଙ୍କାର ପୁରସ୍କାର ପ୍ରଦାନ କରାଯିବାକୁ ଥିଲାବେଳେ ୩ଜଣ ଖେଳାଳି ୨୦୨୬ କ୍ୟାଣ୍ଡିଡେଟ୍ସ ଚେସ୍‌ରେ ଭାଗ ନେବାକୁ ଯୋଗ୍ୟତା ଅର୍ଜନ କରିବେ। ପ୍ରଥମ ୫୦ଜଣଙ୍କ ସ୍ଥାନରେ ଥିବା ଖେଳାଳିମାନେ ଦ୍ୱିତୀୟ ରାଉଣ୍ଡରୁ ଖେଳ ଆରମ୍ଭ କରିବେ। ପ୍ରତ୍ୟେକ ରାଉଣ୍ଡରେ ୨ଟି କ୍ଲାସିକ୍ ମ୍ୟାଚ୍ ଖେଳାଯିବ। ଆବଶ୍ୟକ ହେଲେ ରାପିଡ ଓ ବ୍ଲିଜ୍‌ରେ ଟାଇବ୍ରେକ୍ ମ୍ୟାଚ୍ ଅନୁଷ୍ଠିତ ହେବ। ଏବେ ଓପନ ବା ପୁରୁଷ କାଟାଗୋରୀରେ ଡି ଗୁକେଶ, ମହିଳା ବିଭାଗରେ ଦିବ୍ୟା ଦେଶମୁଖ ବିଶ୍ୱକପ୍, ଚେସ୍ ଅଲିମ୍ପିଆଡ଼ରେ ଉଭୟ ଦଳ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି।

## ତ୍ରିପୁରାରୁ ଖେଳିବେ ହନୁମା

ଅଗରତାଲା,୨୬।୮ (ଏଜେନ୍ସି): ଘରୋଇ କ୍ରିକେଟରେ ଆନ୍ଧ୍ରପ୍ରଦେଶ ପକ୍ଷରୁ ୪୪ଟି ଓ ହାଇଦ୍ରାବାଦ୍ ପକ୍ଷରୁ ୪୦ଟି ପ୍ରଥମଶ୍ରେଣୀ ମ୍ୟାଚ୍ ଖେଳିଥିବା ବ୍ୟାଟର ହନୁମା ବିହାରୀ ଚଳିତ ସିଜନରେ ତ୍ରିପୁରା ପକ୍ଷରୁ ଖେଳିବାକୁ ଚୁକ୍ତିବଦ୍ଧ ହୋଇଛନ୍ତି। ଆଜି ଆନ୍ଧ୍ର ପକ୍ଷରୁ ତାଙ୍କୁ ଏନ୍‌ଓସି ଦେବା ପରେ ଏହା ସ୍ପଷ୍ଟ ହୋଇଛି। ଭାରତ ପକ୍ଷରୁ ୨୦୧୮ରୁ ୨୦୨୨ ମଧ୍ୟରେ ୧୬ଟି ଟେଷ୍ଟ ଖେଳିଥିବା ଏହି ଖେଳାଳି ନିକଟରେ ଆନ୍ଧ୍ର ପ୍ରିମିୟର ଲିଗ୍‌ରେ ଖେଳିଥିଲେ। ସେ ତ୍ରିପୁରା ଦଳର ନେତୃତ୍ୱ ନେବେ।

**ଜୟନ୍ତ ମହାପାତ୍ର ସ୍ମାରକୀ ଫୁଟବଲ**

## କିସ୍-ବିକାଶ ସେମିଫାଇନାଲ ମୁକାବିଲା

ଭୁବନେଶ୍ୱର,୨୬।୮ (ସମିସ): କିସ୍ ଓ ବିକାଶ ରେସିଡେନସିଆଲ ସ୍କୁଲ ମଧ୍ୟରେ ଏଠାରେ ଚାଲିଥିବା ଜୟନ୍ତ ମହାପାତ୍ର ସ୍ମାରକୀ ଭୁବନେଶ୍ୱର ଆନ୍ତଃସ୍କୁଲ ଫୁଟବଲ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲ ମୁକାବିଲା ଅନୁଷ୍ଠିତ ହେବ। ସେହପରି ପ୍ରଥମ ସେମିରେ ଡିଏଭି ପୋଖରୀପୁଟ ସହ ଓଡିଏମ୍ ଗ୍ଲୋବାଲ ସ୍କୁଲର ମୁକାବିଲା ହେବ। ଉଭୟ ସେମିଫାଇନାଲ ଭୁବନେଶ୍ୱର ଫୁଟବଲ ଏକାଡେମୀ ପରିସରରେ ଅଗଷ୍ଟ ୨୮ ତାରିଖ ଗୁରୁବାର ଖେଳାଯିବ। ଆଜି ଅନୁଷ୍ଠିତ ଦୁଇଟିଯାକ କ୍ୱାର୍ଟର ଫାଇନାଲ ମୁକାବିଲା ଏକତରଫା ହୋଇଥିଲା। ଆଜିର ପ୍ରଥମ ତଥା ଟୁର୍ଣ୍ଣାମେଣ୍ଟର ତୃତୀୟ କ୍ୱାର୍ଟର ଫାଇନାଲ ମୁକାବିଲାରେ କିସ୍ ୧୧-୦ ଗୋଲରେ ବକ୍ସି ଜଗବନ୍ଧୁ ଇଂଲିଶ ମିଡିୟମ୍ ସ୍କୁଲ୍‌କୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଥିଲା। ବିଜୟୀ ଦଳ ପକ୍ଷରୁ ସୋନାରାମ ସୋରେନ୍ ଓ ଉପେନ୍ଦ୍ର ଅମାନତ୍ୟ ହ୍ୟାଟ୍ରିକ୍ ଗୋଲ ସ୍କୋର କରିଥିଲେ। ବଚନ ପୂର୍ତ୍ତି ମଧ୍ୟ ୨ଟି ଗୋଲ ସ୍କୋର କରିଥିଲେ। ସୋନାରାମଙ୍କୁ ଆଜିର ଅତିଥି ତଥା ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ସତ୍ୟଜିତ ମିଶ୍ର ପୁରସ୍କାର ପ୍ରଦାନ କରିଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ୍ ମଧ୍ୟ ଏକତରଫା ହୋଇଥିଲା। ଏଥିରେ ବିକାଶ ରେସିଡେନ୍ସିଆଲ ସ୍କୁଲ ୭-୦ ଗୋଲରେ ମଦର୍ସ ପବ୍ଲିକ୍ ସ୍କୁଲ୍‌କୁ ପରାସ୍ତ କରି ଶେଷ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି। ବିଜୟୀ ଦଳ ପକ୍ଷରୁ ଆର୍ଯ୍ୟନ ଲେନୀ ହ୍ୟାଟ୍ରିକ୍ ଗୋଲ ସ୍କୋର କରି ଅତିଥି ତଥା ପୂର୍ବତନ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରାଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ।



ଆର୍ଯ୍ୟନ ଲେନୀ



ସୋନାରାମ ସୋରେନ୍

**ଏସିଆନ ସୁଟିଂ ଚାମ୍ପିଅନସିପ୍**

## ଡବଲ ସ୍ୱର୍ଣ୍ଣ ଜିତିଲେ ସିଫ୍ଟ କୌର

ନୂଆଦିଲ୍ଲୀ,୨୬।୮ (ଏଜେନ୍ସି)

ଭାରତର ଆଉ ଜଣେ ସୁଟର ସିଫ୍‌ଟ କୌର ସାମ୍ରା କାଜାଖସ୍ଥାନରେ ଚାଲିଥିବା ଏସିଆନ୍ ସୁଟିଂ ଚାମ୍ପିଅନସିପ୍‌ରେ ଡବଲ ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି। ମଙ୍ଗଳବାର ଅନୁଷ୍ଠିତ ମହିଳା ୫୦ ମିଟର ରାଇଫଲ ୩ ପୋଜିସନରେ ସେ ଉଭୟ ବ୍ୟକ୍ତିଗତ ଓ ଦଳଗତ ବିଭାଗରେ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ଗତକାଲି ନୀରୁ ଧାଣ୍ଡା ମହିଳା ଟ୍ରାପ୍ ଇଭେଣ୍ଟରେ ଡବଲ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଆଜି ଅନୁଷ୍ଠିତ ଇଭେଣ୍ଟରେ ସିଫ୍‌ଟ କୌର ଫାଇନାଲ ମୁକାବିଲାରେ ସର୍ବାଧିକ ୪୫୯.୨ ପଏଣ୍ଟ ପାଇ ପ୍ରଥମ ସ୍ଥାନରେ ରହିଥିଲେ। ଚୀନ୍‌ର ୟାଙ୍ଗ ୟୁଜି ୪୫୮.୮ ପଏଣ୍ଟ ପାଇ ରୌପ୍ୟ ଓ ଜାପାନର ନୋବୋଟା ମିସାକି କାଂସ୍ୟ ପଦକ ହାସଲ କରିଛନ୍ତି। ବ୍ୟକ୍ତିଗତ ବିଭାଗରେ ସ୍ୱର୍ଣ୍ଣ ଜିତିବା ପରେ ସିଫ୍ଟଙ୍କ ନେତୃତ୍ୱରେ ଆଶୀ ଚୋକସୀ ଓ ଅଞ୍ଜୁମ ମୌଦଗିଲ୍ ୧୭୫୦ ପଏଣ୍ଟ ସ୍କୋର କରି ପ୍ରଥମ ସ୍ଥାନ ଅଧିକାର କରିବା ସହ ସ୍ୱର୍ଣ୍ଣ ପଦକ କବ୍‌ଜା କରିଥିଲେ।



**ଶୀର୍ଷରେ ଶ୍ରୀୟଙ୍କା :** ଭାରତ ତଥା ଓଡ଼ିଶାର ସୁଟର ଶ୍ରୀୟଙ୍କା ଷଡଙ୍ଗୀ ଏହି ଇଭେଣ୍ଟର କ୍ୱାଲିଫିକେସନ ରାଉଣ୍ଡରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। କିନ୍ତୁ ସେ ମେଡାଲ ଲାଗି ଖେଳିପାରି ନ ଥିଲେ। ସେ କେବଳ ର୍ୟାଙ୍କିଂ ପଏଣ୍ଟ ପାଇବା ଲାଗି ଖେଳୁଥିବାରୁ ଫାଇନାଲ ଖେଳି ନ ଥିଲେ। ସିଫ୍‌ଟ କୌର ଏହାକୁ ମିଶାଇ ଏସିଆନ୍ ଚାମ୍ପିଅନସିପ୍‌ରେ ଚତୁର୍ଥ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି।

■ ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ

## ମୀନାଙ୍କୁ ସ୍ୱର୍ଣ୍ଣ ସ୍ନେହାଙ୍କୁ ରୌପ୍ୟ

ଭୁବନେଶ୍ୱର,୨୬।୮ (ସମିସ): ଅହମ୍ମଦାବାଦ୍‌ରେ ଚାଲିଥିବା ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନରେ ମଙ୍ଗଳବାର ଆଉ ୨ ଓଡ଼ିଆ ପ୍ରତିଯୋଗୀ ପଦକ ଜିତିବାରେ ସମର୍ଥ ହୋଇଛନ୍ତି। ଜୁନିଅର ୫୮ କେଜିରେ ମିନା ସାନ୍ତା-ଏ ସ୍ୱର୍ଣ୍ଣ ଓ ମହିଳା ୫୩ କିଲୋ କାଟାଗୋରୀରେ ସ୍ନେହା ସୋରେନ୍ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ନବରଙ୍ଗପୁରର ଝିଅ ମିନା ସ୍ନାଚ୍‌ରେ ୮୪, କ୍ଲିନ୍ ଆଣ୍ଡ ଜର୍କରେ ୧୦୧ ଓ ମୋଟରେ ୧୮୫ କେଜି ଓଜନ ଉଠାଇ ସ୍ୱର୍ଣ୍ଣ ଜିତିଛନ୍ତି। ସେହିପରି ମୟୁରଭଞ୍ଜର ଝିଅ ସ୍ନେହା ସ୍ନାଚ୍‌ରେ ୮୧, କ୍ଲିନ୍ ଆଣ୍ଡ ଜର୍କରେ ୧୦୪ କେଜି ସହ ମୋଟ ୧୮୫ କେଜି ଓଜନ ଉଠାଇ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଉଭୟ କଳିଙ୍ଗ ଷ୍ଟାଡିୟମ୍‌ରେ ଥିବା ଭାରୋତ୍ତୋଳନ ହାଇ ପରଫର୍ମାନ୍ସ ସେଣ୍ଟରରେ କୋଚ୍ ଗୋପାଳକୃଷ୍ଣ ଦାସଙ୍କଠାରୁ ପ୍ରଶିକ୍ଷଣ ନେଉଛନ୍ତି।




## ଏସିଆ କପ୍ ମହିଳା ହକି: ଭାରତୀୟ ଦଳରେ ଓଡ଼ିଶାରୁ ଏକା ସୁନେଲିତା

ଭୁବନେଶ୍ୱର,୨୬।୮ (ସମିସ): ଚୀନ୍‌ର ହାଙ୍ଗଝୋଉଠାରେ ସେପ୍ଟେମ୍ବର ୫ରୁ ୧୪ ତାରିଖ ଯାଏ ମହିଳା ଏସିଆ କପ୍ ହକି ଲାଗି ଭାରତ ଏକ ୨୦ ଜଣିଆ ଦଳ ଘୋଷଣା କରିଛି। ମିଡ୍‌ଫିଲ୍ଡର ସଲିମା ଟେଟେ ଏହି ଦଳର ନେତୃତ୍ୱ ନେଉଥିଲାବେଳେ ଏଥିରେ ଜଣେ ମାତ୍ର ଓଡ଼ିଆ ଖେଳାଳି ସ୍ଥାନ ପାଇଛନ୍ତି। ସେ ହେଲେ ମିଡ୍‌ଫିଲ୍ଡର ସୁନେଲିତା ଟପ୍ପୋ। ଏହି ଚୟନରେ ଭିନ୍ନ ଭିନ୍ନ କାରଣରୁ ଆଉ ୩ଜଣ ଓଡ଼ିଶା ଖେଳାଳି ସ୍ଥାନ ପାଇବାରୁ ବଞ୍ଚିତ ହୋଇଛନ୍ତି। ବିହାରର ରାଜଗିରଠାରେ ଅଗଷ୍ଟ ୨୯ ରୁ ଆରମ୍ଭ ହେବାକୁ ଯାଉଥିବା ପୁରୁଷ ଏସିଆ କପ୍‌ରେ ଅମିତ ରୋହିଦାସ୍ ଓ ଶିଳାନନ୍ଦ ଲାକ୍ରା ସ୍ଥାନ ପାଇଛନ୍ତି। ନୀଲମ ସଞ୍ଜୀପ ଖେସ ରିଜର୍ଭ ଖେଳାଳି ରହିଛନ୍ତି।



### ପୁରୁଷ ଏସିଆ କପ୍‌ରେ ମାଗଣା ଟିକଟ

ଦର୍ଶକମାନେ ମାଗଣାରେ ପୁରୁଷ ଏସିଆ କପ୍ ଖେଳ ଦେଖିପାରିବେ ବୋଲି ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ଘୋଷଣା କରିଛନ୍ତି। କିନ୍ତୁ ଏଥିଲାଗି ଦର୍ଶକମାନେ www.ticketgenie.in ଆପ୍‌ରେ ଟିକଟ ବୁକିଂ କରିବାକୁ ହେବ।

ବୁଚି ବାବୁ ଆମନ୍ତ୍ରଣୀୟ କ୍ରିକେଟ

## ରାଜେଶଙ୍କ ଶତକ; ଓଡ଼ିଶା ୩୧୪/୧୦

କଟକ,୨୬।୮ (ସମିସ): ବୁଚି ବାବୁ ଆମନ୍ତ୍ରଣୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ୩ୟ ତଥା ଅନ୍ତିମ ଲିଗ୍ ମ୍ୟାଚ୍ ମଙ୍ଗଳବାର ଠାରୁ ଆରମ୍ଭ ହୋଇଛି। ଚେନ୍ନାଇର ଏସ୍‌ଏସଏନ ଗ୍ରାଉଣ୍ଡରେ ଓଡ଼ିଶା ଜମ୍ମୁ ଓ କଶ୍ମୀରକୁ ଭେଟିଛି। ପ୍ରଥମ ଦୁଇଟି ମ୍ୟାଚ୍‌ରେ ପରାଜୟର ସମ୍ମୁଖୀନ ହୋଇଥିବା ଓଡ଼ିଶା ଶେଷ ଲିଗ୍‌ରେ




ବିଜୟୀ ହେବା ଲକ୍ଷ୍ୟ ରଖିଛି। ଜମ୍ମୁ ଓ କଶ୍ମୀର ଅଧିନାୟକ ଅବଦୁଲ ସମାଦ ଟସ୍ ଜିତି ଓଡ଼ିଶାକୁ ବ୍ୟାଟିଂ ନିମନ୍ତ୍ରଣ ଦେଇଥିଲେ। ୯୦ଓଭର ବିଶିଷ୍ଟ ପ୍ରଥମ ଇନିଂସ୍ ଖେଳର ୨ ଓଭର ବାକି ଥାଇ ଓଡ଼ିଶା ୩୧୭ରନରେ ଅଲଆଉଟ ହୋଇଥିଲା। ଓପନର ଓମ ଟି ମୁଣ୍ଡେ ୮ରନ ଏବଂ ଶୁଭ୍ରାଂଶୁ ଶେଖର ସେନାପତି ଶୂନରେ ପ୍ୟାଭିଲିୟନ ଫେରିବା ସହ ଦଳ ପ୍ରାଥମିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଅନ୍ୟତମ ଓପନର ବିନୟ ପାଇକରାୟ ୨୦ରନ କରିଥିଲେ। ମଧ୍ୟକ୍ରମରେ ୱିକେଟ କିପର ରାଜେଶ ଧୂପରଙ୍କ ୧୦୪ରନ, ଗୋବିନ୍ଦ ପୋଦ୍ଦାରଙ୍କ ୭୪ରନ, କାର୍ତ୍ତିକ ବିଶ୍ୱାଳଙ୍କ ୫୩ରନ ବଳରେ ଦଳ ୩୦୦ପାର୍ କରିଥିଲା। ଅନୀଲ ପରିଡା ୨୨ରନର ପାଳି ଖେଳିଥିଲେ। ଜମ୍ମୁ ଓ କଶ୍ମୀର ପକ୍ଷରୁ ବଂଶଜ ଶର୍ମା ଓ ଆବିଦ ମୁସ୍ତାକ ୪ଟି ଲେଖାଏ ୱିକେଟ ଦଖଲ କରିଥିଲେ।







PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ: ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS